


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



## ଲାଗିଲା ଟ୍ରମ୍ପ୍ ଟାରିଫ୍

# ବିପଦରେ ୧୦ ଲକ୍ଷ ଚାକିରି

- ■ ବାଜିରେ ୪୮ ବିଲିୟନ୍ ଡଲାରର ଭାରତୀୟ ରପ୍ତାନୀ
- ■ ଦେଶର ନିଯୁକ୍ତିଭିତ୍ତିକ କ୍ଷେତ୍ରକୁ ଲାଗିବ ବଡ଼ ଧକ୍କା



■ **ନୂଆଦିଲ୍ଲୀ,୨୭।୮(ଏଜେନ୍ସି):** ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ଲାଗିଛି ୫୦% ଟ୍ରମ୍ପ ଟାରିଫ୍ । ଭାରତରୁ ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ଆମେରିକା ପ୍ରଶାସନ ଏହି ଶୁଳ୍କ ଆଦାୟ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତର ପ୍ରାୟ ୪୮ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ବୋଲି ଅର୍ଥନୀତିଜ୍ଞ ଓ ବାଣିଜ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପ୍ରଭାବିତ ଦ୍ୱାରା ଦେଶର ୧୦ ଲକ୍ଷ ନିଯୁକ୍ତି ସଙ୍କଟଗ୍ରସ୍ତ ହୋଇଛି। ବିଶେଷକରି ଏହି ରପ୍ତାନୀଗୁଡ଼ିକ ନିଯୁକ୍ତିଭିତ୍ତିକ ଶିଳ୍ପଗୁଡ଼ିକୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କ ସୃଷ୍ଟି ହୋଇଛି। ଇଞ୍ଜିନିଅରିଂ ସାମଗ୍ରୀ, ଅଳଙ୍କାର, ବୟନଶିଳ୍ପ, ଫର୍ଣ୍ଣିଚର, ଅଟୋ ଯନ୍ତ୍ରାଂଶ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଅଗଷ୍ଟ ୭ରୁ ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲା। ଏବେ ସର୍ବମୋଟ ଭାରତ ଉପରେ ୫୦%ର ଏକ ଭାରି ଶୁଳ୍କ ଲାଗୁ କରାଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୂର୍ବରୁ ଚାପଗ୍ରସ୍ତ ଅଛି। ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ନୂତନ ଶୁଳ୍କ ଏହି ସମ୍ପର୍କଗୁଡ଼ିକୁ ଅଧିକ ଆହ୍ୱାନପୂର୍ଣ୍ଣ କରିପାରେ। ଏଥିଯୋଗୁ ଭାରତୀୟ ରପ୍ତାନିକାରୀମାନେ ଏକ ବଡ଼ ଝଟକା ଲାଗିପାରେ, କାରଣ ଆମେରିକା ଭାରତୀୟ ରପ୍ତାନି ପାଇଁ ଏକ ପ୍ରମୁଖ ବଜାର। ଏହି ପଦକ୍ଷେପ ଭାରତର ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ ବୋଲି ବଜାର ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାରତ ସରକାର ଏବେ କ୍ଷତିକୁ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଏବଂ ରଣନୈତିକ ସହଭାଗିତା ଅନୁସନ୍ଧାନରେ ରହିଛନ୍ତି।

ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ଅନୁସାରେ ଭାରତ ପ୍ରତି ବର୍ଷ ଆମେରିକାକୁ ପାଖାପାଖି ୮୬.୫ ବିଲିୟନ ଡଲାରର ରପ୍ତାନୀ କରିଥାଏ। ଏହାର ପାଖାପାଖି ଦୁଇ ତୃତୀୟାଂଶ ଅର୍ଥାତ୍ ପାଖାପାଖି ୬୦.୨ ବିଲିୟନ ଡଲାର ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗିବ। ତେଣୁ ସରକାରୀ ଅନୁମାନ ୪୮.୨ ବିଲିୟନ ଡଲାର ରପ୍ତାନୀ ଉପରେ ଏହି ଟାରିଫର ପ୍ରଭାବ ପଡିବା ଅନୁମାନ କରାଯାଉଛି। ଏଥିରେ ବୟନଶିଳ୍ପ, ଚିଙ୍ଗୁଡ଼ି, ଚମଡ଼ା, ହୀରା, ଅଳଙ୍କାର ଓ ଫର୍ଣ୍ଣିଚର କ୍ଷେତ୍ର ଅନ୍ତର୍ଭୁକ୍ତ। ଦେଶର ପ୍ରମୁଖ ବାଣିଜ୍ୟ ସଂଗଠନ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି ଯେ ଏହି ଶୁଳ୍କ ଭାରତର ବୟନଶିଳ୍ପ, ଚମଡା, ରତ୍ନ ଏବଂ ଅଳଙ୍କାର, ଅଟୋ ପାର୍ଟସ୍, ରାସାୟନିକ ପଦାର୍ଥ, ଔଷଧ, ସାମୁଦ୍ରିକ ଖାଦ୍ୟ ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ଏକ ବଡ଼ ଆଘାତ। ଏହି କ୍ଷେତ୍ରଗୁଡ଼ିକରେ କାମ କରୁଥିବା ପ୍ରାୟ ୧୦ ଲକ୍ଷ ଲୋକଙ୍କ ଚାକିରି ଏବେ ବିପଦରେ। ବର୍ଦ୍ଧିତ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀ ପ୍ରାୟ ୩୫% ମହଙ୍ଗା ହୋଇଯିବ। ଏପରି ପରିସ୍ଥିତିରେ, ଆମେରିକୀୟ କ୍ରେତା ଭାରତ ପରିବର୍ତ୍ତେ ଚୀନ୍, ଭିଏତନାମ ଓ ବାଂଲାଦେଶ ଭଳି ଦେଶରୁ ସାମଗ୍ରୀ କିଣିବାକୁ ପସନ୍ଦ କରିବେ।

## ଜମ୍ମୁରେ ୧୧୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

# ବୈଷ୍ଣୋଦେବୀ ଭୂସ୍ଖଳନ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି

**ଜାରି ରହିଛି ବର୍ଷା; ବୈଷ୍ଣୋଦେବୀ ଯାତ୍ରା ବନ୍ଦ**



■ **ନୂଆଦିଲ୍ଲୀ, ୨୭।୮(ଏଜେନ୍ସି):** ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଭୀଷଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଅନେକ ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ହଜାର ହଜାର ଲୋକେ ପାଣିଘେରରେ ଫସି ରହିଛନ୍ତି। ସ୍ଥିତି ଏପରି ହୋଇଛି ଯେ ସେନା ମୁତୟନ କରିବାକୁ ପଡିଛି। କେଉଁଠି ଭୂସ୍ଖଳନ ତ ଆଉ କେଉଁଠି ବାଦଲଫଟା ବର୍ଷା ସବୁ କିଛି ଛାରଖାର କରିଦେଉଛି। ତେବେ ଜମ୍ମୁରେ ଗତ ୧୧୫ ବର୍ଷର ରେକର୍ଡ ଭାଙ୍ଗି ବର୍ଷା ତାଣ୍ଡବ ରଚିଛି। ମଙ୍ଗଳବାର ସକାଳ ୮ଟା ୩୦ରୁ ବୁଧବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ୨୯୬ ମିମି ବର୍ଷା ରେକର୍ଡ କରାଯାଇଛି। ଏହାପୂର୍ବରୁ ୫୨ ବର୍ଷ ତଳେ ୧୯୭୩ ଅଗଷ୍ଟ ୯ରେ ୨୭୨.୬ ମିମି ବର୍ଷା ହୋଇଥିଲା।

ଜମ୍ମୁର କଟରାସ୍ଥିତ ବୈଷ୍ଣୋଦେବୀ ଧାମ ରାସ୍ତାର ଅର୍ଦ୍ଧକୁଆଁରୀରେ ମଙ୍ଗଳବାର ହୋଇଥିବା ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଏଥିସହିତ ବର୍ଷା ଜନିତ ଦୁର୍ଘଟଣାରେ ରାଜ୍ୟରେ ୩୬ ଜଣଙ୍କ ଜୀବନ ଗଲାଣି। ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏବେ ବି ଅଞ୍ଚଳରେ ପ୍ରବଳ ବର୍ଷା ରହିଛି। ଏହାକୁ ଦେଖି ବୈଷ୍ଣୋଦେବୀ ଯାତ୍ରାକୁ ବନ୍ଦ କରିଦିଆଯାଇଛି।


# ୫୨ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ ସହାୟତା

## ଅନ୍ନଦାତାଙ୍କ ଉନ୍ନତି ବିନା ରାଜ୍ୟର ପ୍ରଗତି ଅସମ୍ଭବ: ମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର,୨୭।୮(ସମିସ):** ବୁଧବାର ରାଜ୍ୟରେ ବିଭିନ୍ନ ବର୍ଗର ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କୃଷକଙ୍କୁ ଡିବିଟି ମାଧ୍ୟମରେ ସିଏମ୍ କିଷାନ ଯୋଜନାରେ ମୋଟ ୧ଲକ୍ଷ ୪ହଜାର ୧୨୯ କୋଟି ଟଙ୍କାର ଅର୍ଥରାଶି ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁର କହିଛନ୍ତି ଯେ ଆଳୁ ଓଡ଼ିଶାର ପ୍ରମୁଖ ପରିବା ଫସଲ ମଧ୍ୟରୁ ଅନ୍ୟତମ। ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟର୍‌ରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ▶ପୃଷ୍ଠା-୭











## ଅସହ୍ୟ ହେଲା ଋଣଭାର
# ପୁଅକୁ ବିଷ ପିଆଇ ଜୀବନ ହାରିଲେ ଦମ୍ପତି

ନୂଆଦିଲ୍ଲୀ, ୨୭।୮(ଏଜେନ୍ସି): ଉତ୍ତରପ୍ରଦେଶର ଶାହାରାନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ଋଣଭାରରେ ବୁଡିଥିବା ଏକ ଦମ୍ପତି ନିଜର ୪ ବର୍ଷର ପୁଅକୁ ବିଷ ପିଆଇବା ପରେ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣା ମଙ୍ଗଳବାର ରାତିରେ ଘଟିଥିବା ପୁଲିସ ସୂଚନା ଦେଇଛି। ୩୦ ବର୍ଷୀୟ ସଚିନ ଗ୍ରୋଭର ନାମକ ଜଣେ ହସ୍ତତନ୍ତ୍ର ବ୍ୟବସାୟୀ, ତାଙ୍କ ପତ୍ନୀ ଶିବାନୀ (୨୮) ଓ ପୁଅ ଫତେଙ୍କୁ ମୃତ ଅବସ୍ଥାନରେ ଠାବ କରାଯାଇଥିଲା। ବୁଧବାର ସକାଳେ ଭିନ୍ନ ଭିନ୍ନ କୋଠାରୀରେ ୩ ଜଣଙ୍କ ମୃତଦେହକୁ ସେମାନଙ୍କ ସମ୍ପର୍କୀୟମାନେ ଉଦ୍ଧାର କରିଥିଲେ। ପୁଅର ମୃତଦେହ ଗାଧୁଆ ଘରେ ଉଦ୍ଧାର କରାଯାଇଥିବା ବେଳେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ସିଲିଂ ଫ୍ୟାନରେ ଝୁଲୁଥିବାର ଦେଖାଯାଇଥିଲା। ପ୍ରଥମେ ସେମାନେ ପୁଅକୁ ବିଷ ଦେଇ ମାରିବା ପରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାସ୍ଥଳରେ ଏକ ସୁସାଇଡ୍ ନୋଟ ମଧ୍ୟ ଉଦ୍ଧାର କରାଯାଇଛି। ଆୟର ଅଭାବ ଓ ଋଣଭାର କ୍ରମାଗତ ଭାବେ ବଢ଼ିବା କାରଣରୁ ଚିନ୍ତାରେ ଥିଲି ବୋଲି ସଚିନ ସୁସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି ବୋଲି ସ୍ଥାନୀୟ ଏସ୍‌ପି ରାଜେଶ ଦ୍ୱିବେଦୀ କହିଛନ୍ତି।

## ଗୁଗୁଲ ମ୍ୟାପ୍ ଲାଗି କେନାଲରେ ଭାସିଗଲା ଭ୍ୟାନ: ୩ ମୃତ

ଜୟପୁର, ୨୭।୮(ଏଜେନ୍ସି): ରାଜସ୍ଥାନର ଚିତୋଡଗଡ଼ରେ ଗୁଗୁଲ ମ୍ୟାପ୍‌ର ତ୍ରୁଟି ଯୋଗୁଁ ଏକ ଭ୍ୟାନ୍ କେନାଲରେ ଭାସିଯିବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ରାତିର ଅନ୍ଧାରରେ ବାଟବଣା ହୋଇ ୩ ବର୍ଷ ହେବ ବନ୍ଦଥିବା ଏକ ଭଙ୍ଗା ପୋଲ ଉପରୁ ଭ୍ୟାନ୍‌ଟି କେନାଲକୁ ଖସି ପଡ଼ିଥିଲା। ଏହି ଭ୍ୟାନରେ ୯ ଜଣ ଲୋକ ଥିଲେ। ୫ ଜଣ ଲୋକ ସଂଘର୍ଷ କରି ବାହରକୁ ବାହରି ଆସିଥିଲେ ମଧ୍ୟ ୨ଜଣ ମହିଳା ଓ ୪ ବର୍ଷର ଏକ ଛୋଟ ଝିଅ ବାହାରି ନପାରିବ ଫଳରେ ମୃତ୍ୟୁବରଣ କରିଥିଲେ। ଜଣେ ମହିଳା ନିଖୋଜ ଅଛନ୍ତି ଓ ତାଙ୍କ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଯେତେବେଳେ ଏହି ଭ୍ୟାନ ଯାଉଥିଲା ଗାଁ ଲୋକେ ସେମାନଙ୍କୁ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଗୁଗୁଲ ମ୍ୟାପ୍‌କୁ ଭରସା କରି ଏମାନେ ଆଗେଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ପୂର୍ବରୁ ଗୁଗୁଲ ମ୍ୟାପ୍‌ର ତ୍ରୁଟି ଯୋଗୁଁ ରାଜସ୍ଥାନରେ ଏକାଧିକ ଘଟଣା ଘଟିସାରିଛି। ଗୁଗୁଲ ମ୍ୟାପ ଏବେ ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଛି। ପୁରୁଣା ରାସ୍ତା କିମ୍ବା ପୋଲର ପଥକୁ ଅପଡେଟ୍ ହେଉ ନଥିବାରୁ ଏପରି ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି।

# ଭାରତ, ଚୀନ୍, ପାକିସ୍ତାନରେ ଜଳ ପ୍ରଳୟ

ନୂଆଦିଲ୍ଲୀ, ୨୭।୮(ଏଜେନ୍ସି): ଭାରତ, ପାକିସ୍ତାନ ଓ ଚୀନ୍ ସମେତ ସମଗ୍ର ଦକ୍ଷିଣ ଏସିଆରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳୁଛି। ଏଥିପାଇଁ ଧନଜୀବନ ହାନି ହେବା ସହ ଜୀବିକା ମଧ୍ୟ ଧ୍ୱଂସ ହେଉଛି। ଏହି ଅଞ୍ଚଳରେ ଅତ୍ୟଧିକ ତଥା ପ୍ରବଳ ବର୍ଷା କାରଣରୁ ଏପରି ହେଉଛି। ତେବେ ଏହି ଅଞ୍ଚଳରେ ଏତେ ବର୍ଷା କାହିଁକି ହେଉଛି ସେ ନେଇ ଏବେ ପ୍ରଶ୍ନ ଉଠୁଛି। ବର୍ଷା କାରଣରୁ ଭୟଙ୍କର ଭୂସ୍ଖଳନ ହେଉଛି। ଏଭଳି ଭୂସ୍ଖଳନ ହିମାଳୟ ଉପତ୍ୟାକାରେ ଅବସ୍ଥିତ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟରେ ଅଧିକ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବ୍ୟାପକ ଜନଜୀବନ ହାନୀ ହେବା ସହ ସଡକ ଓ ରାଜପଥ କ୍ଷତିଗ୍ରସ୍ତ ହେଉଛି। ଦ୍ରୁତ ସହରିକରଣ, ଔଦଗିକକରଣ, ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପାଣିପାଗରେ ଅସ୍ୱାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗଙ୍ଗା ନଦୀରେ ଜଳସ୍ତରରେ ଜଳସ୍ତର ବୃଦ୍ଧିପାଉଥିବାରୁ ଉତ୍ତରପ୍ରଦେଶ ଓ ବିହାର ଭଳି ରାଜ୍ୟରେ ଅସ୍ୱାଭିକ ଭାବେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ତାୱି, ଚେନାବ ଓ ବସନ୍ତାର ନଦୀରେ ବାରମ୍ବାର ପ୍ରବଳ ବନ୍ୟା ଦେଖିବାକୁ ମିଳିଛି ଓ ତଳିଆ ଅଞ୍ଚଳରେ କ୍ଷୟକ୍ଷତିର ପରିମାଣ ଅଧିକ ଦେଖିବାକୁ ମିଳିଛି।

ପାକିସ୍ତାନର ଉତ୍ତରାଞ୍ଚଳ ଯଥା ଖାଇବର ପଖତୁନଖ୍ୱା (କେପିକେ), ଗିଲକିଟ ବାଲ୍ଟିସ୍ତାନ ଓ ପଞ୍ଜାବ ବନ୍ୟା ଯୋଗୁଁ ଅଧିକ କ୍ଷତଗ୍ରସ୍ତ ହେଉଛି। ସେହିପରି ଚୀନ୍‌ରେ ଗତ ଦୁଇମାସ ହେବ ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ମୋଟ୍ ଉପରେ ୧.୮୪ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି। ବର୍ଷା ଦିନେ ଏହି ଅଞ୍ଚଳରେ ସ୍ୱାଭାବିକ୍ ଭାବେ ବର୍ଷା ହୋଇଥାଏ। କିନ୍ତୁ ଚଳିତ ବର୍ଷ ବର୍ଷାର ପରିମାଣରେ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏ ନେଇ ଗହନ ଯାଞ୍ଚର ଆବଶ୍ୟକତା ରହିଛି। ସମଗ୍ର ଅଞ୍ଚଳରେ ବର୍ଷାର ଆପେକ୍ଷିକ ସ୍ଥାନ, ସମୟ ଓ ପରିମାଣରେ ପରିବର୍ତ୍ତନ ହୋଇଛି। ତାପମାତ୍ରା ବୃଦ୍ଧି ଯୋଗୁଁ ମୌସୁମୀ ଏବେ ଦକ୍ଷିଣ ଆଡକୁ ମୁହାଁଇଥିବା ଲକ୍ଷ୍ୟ କରାଯାଇଛି। ଏହି କ୍ରମରେ ଭାରତର ଉତ୍ତରାଞ୍ଚଳ ରାଜ୍ୟ ଅପେକ୍ଷା ରାଜସ୍ଥାନ ଓ ଗୁଜରାଟରେ ଅଧିକ ବର୍ଷା ହୋଇଛି। ତାପବୃଦ୍ଧି ହେବା ସହ ପାର୍ବତ୍ୟାଞ୍ଚଳରେ ବାଷ୍ପିକରଣରେ ବୃଦ୍ଧି ପରିଲକ୍ଷିତ ହେଉଛି। ବାଦଲ ଆବଶ୍ୟକତାଠାରୁ ଅଧିକ ଆଦ୍ରତା ରହୁଥିବାରୁ ଅଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ପରିଲକ୍ଷିତ ହେଉଛି। ସେହିପରି ଭୂପୃଷ୍ଠ ଜଳରେ ଅତ୍ୟଧିକ ବାଷ୍ପିକରଣ ଯୋଗୁଁ ମଧ୍ୟ ଅଧିକ ବର୍ଷା ହେଉଛି। ପାକିସ୍ତାନର ଉତ୍ତରାଞ୍ଚଳରେ ମଧ୍ୟ ସମାନ ସ୍ଥିତି ପରିଲକ୍ଷିତ ହେଉଛି। ତାପମାତ୍ରରେ ବୃଦ୍ଧି କାରଣରୁ ପାକିସ୍ତାନ ଓ ଉତ୍ତରପଶ୍ଚିମ ଭାରତରେ ଲଗୁଚାପ ସୃଷ୍ଟି ହେଉଛି। ଉଚ୍ଚ ଚାପଯୁକ୍ତ ଅଞ୍ଚଳରୁ ନିଚ୍ଚ ଚାପଯୁକ୍ତ ଅଞ୍ଚଳକୁ ବାୟୁ ସଞ୍ଚାଳିତ ହେବାରୁ ପ୍ରବଳ ବର୍ଷା ହେଉଛି। ପୁଣି ଦକ୍ଷିଣ ଏସିଆରେ ଖରାପ ଜଳ ସଂରକ୍ଷଣ ଓ ପ୍ରବନ୍ଧନ କାରଣରୁ ବନ୍ୟାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟର ପ୍ରାକ ସୂଚନା ଯୋଗୁଁ ଜୀବନ ହାନୀ ସଂଖ୍ୟା କମ୍ ହେଉଥିଲେ ମଧ୍ୟ ଧନସମ୍ପତ୍ତି କ୍ଷୟକ୍ଷତିକୁ ରୋକା ଯାଇପାରୁନାହିଁ। ତେଣୁ ପ୍ରକୃତିର ତାଣ୍ଡବରୁ ରକ୍ଷା ପାଇବାକୁ ହେଲ ପ୍ରକୃତିକୁ ସମ୍ମାନ ଦେବାର ସମୟ ଆସି ଉପନୀତ ହୋଇଛି।

**ଦକ୍ଷିଣ ଏସିଆରେ କାହିଁକି ହେଉଛି ଅସ୍ୱାଭାବିକ ବର୍ଷା ?**



## ଅଧା ସାଂସଦ, ବିଧାୟକଙ୍କ ନାମରେ ମାମଲା

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ହଟାଇବା ପାଇଁ କେନ୍ଦ୍ର ସରକାର ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଛନ୍ତି। ଏପରି ସମୟରେ ଚିନ୍ତା ଜନକ ରିପୋର୍ଟ ସାମ୍ନାକୁ ଆସିଛି। ଦେଶର ଅଧା ସାଂସଦ ଏବଂ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ଆପରାଧିକ ମାମଲା ଥିବା ସାଂସଦଙ୍କ ସଂଖ୍ୟା ଗତ ୧୫ ବର୍ଷରେ ୧୬% ବୃଦ୍ଧି ପାଇଛି। ୨୦୦୯ରେ ୩୦ % ସାଂସଦଙ୍କ ଉପରେ ଆପରାଧିକ ମାମଲା ଥିଲା। ଏମାନଙ୍କ ମଧ୍ୟରୁ ୧୪ %ଙ୍କ ଉପରେ ଗମ୍ଭୀର ମାମଲା ରହିଥିଲା। ୨୦୧୪ରେ ଏହା ଏକ ତୃତୀୟାଂଶ ଏବଂ ଗମ୍ଭୀର ମାମଲା ଏକ ପଞ୍ଚମାଂଶ ହୋଇଥିଲା। ସେହିପରି ୨୦୧୯ରେ ୪୩%ଏବଂ ଗମ୍ଭୀର ମାମଲା ୨୯% ଥିଲା। କିନ୍ତୁ ୨୦୨୪ ନିର୍ବାଚନ ପରେ ଗଠିତ ସଂସଦରେ ଏହି ସଂଖ୍ୟା ଅଧିକ ବୃଦ୍ଧି ପାଇଥିଲା। ଏବେ ୪୬ % ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହା ମଧ୍ୟରୁ ୩୧%ଙ୍କ ଉପରେ ଗମ୍ଭୀର ମାମଲା ରୁଜୁ ହୋଇଛି। ନିର୍ବାଚନ ସୁଧାର ପାଇଁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସମୟରେ ସାରା ଦେଶର ୪୫ ପ୍ରତିଶତ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ମହିଳା ସମ୍ବନ୍ଧିତ ଅପରାଧରେ ପଶ୍ଚିମବଙ୍ଗ (୨୩ ବିଧାୟକ) ଆଗରେ ରହିଛି। ଆନ୍ଧ୍ରପ୍ରଦେଶ ଦ୍ୱିତୀୟ (୨୧ ବିଧାୟକ) ସ୍ଥାନରେ ଅଛି। ସେହିପରି ଓଡ଼ିଶାର ୧୬ ଜଣ, ମହାରାଷ୍ଟ୍ରର ୧୦ ଜଣ ଏବଂ ବିହାର ୮ ଜଣ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ମାମଲା ରହିଛି। ଦେଶର ୪୫ % ବିଧାୟକ ନିଜ ନାମରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୯ ପ୍ରତିଶତଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି।

**ଦେଶରେ ଆପରାଧିକ ରେକର୍ଡ ଥିବା ସାଂସଦଙ୍କ ସଂଖ୍ୟା ୧୬% ବୃଦ୍ଧି**

## ଯୌତୁକ ହତ୍ୟା ମାମଲାର ମୋଡ଼ ବଦଳିଲା

ନୋଏଡ଼ା, ୨୭।୮ (ଏଜେନ୍ସି): ନୋଏଡ଼ାରେ ଯୌତୁକ ପାଇଁ ନିକି ଭାଟିଙ୍କୁ ଜିଅନ୍ତା ଜାଳିଦେବା ମାମଲାରେ ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ ଏବଂ ଶଶୁର ଘର ବିରୋଧରେ ଯୌତୁକ ମାମଲା ରୁଜୁ କରିଥିବାବେଳେ ଏବେ ନିଜ ପରିବାର ଉପରେ ସମାନ ଅଭିଯୋଗ ଲାଗିଛି। ନିକିଙ୍କ ଭାଇ ରୋହିତ ପାୟଲାଙ୍କ ସ୍ତ୍ରୀ (ଅଲଗା ରହୁଥିବା) ମିନାକ୍ଷୀ ଏହି ଅଭିଯୋଗ ଲଗାଇଛନ୍ତି। ଶଶୁର ଘର ଲୋକ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା କହିଛନ୍ତି।

ରୋହିତ ୨୦୧୬ରେ ପାଲା ଗ୍ରାମର ମିନାକ୍ଷୀଙ୍କୁ ବିବାହ କରିଥିଲେ। ତାଙ୍କ ପରିବାର ଯୌତୁକରେ ମାରୁତି ସୁଜୁକି ସିଆଜ ଦେଇଥିଲେ। କିନ୍ତୁ ଅଶୁଭ କହି ଶଶୁର ଘର ଲୋକେ ଏହାକୁ ବିକି ଦେଇଥିଲେ। ଏହା ବଦଳରେ ସ୍କର୍ପିଓ ଏସ୍‌ୟୁଭି ଏବଂ ଟଙ୍କା ମାଗିଥିବା ମିନାକ୍ଷୀଙ୍କ ପରିବାର ଦାବି କରିଛନ୍ତି। ମାତ୍ର ଏହା ଦେବାକୁ ମନା କରିବାରୁ ପାୟଲା ପରିବାର ବୋହୂ ମିନାକ୍ଷୀଙ୍କୁ ବାପ ଘରକୁ ପଠାଇ ଦେଇଥିଲେ। ପରେ ଏହି ମାମଲା ଗ୍ରାମପଞ୍ଚାୟତକୁ ଯାଇଥିଲା। ଏହାର ବିଚାର କରି ବୋହୂକୁ ଗ୍ରହଣ କର ନଚେତ ବିବାହରେ ଖର୍ଚ୍ଚ ହୋଇଥିବା ୩୫ ଲକ୍ଷ ଟଙ୍କା ଫେରାଇବାକୁ ପାୟଲା ପରିବାରକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହାକୁ ନିକିଙ୍କ ପରିବାର ମାନି ନ ଥିଲେ। ଆଜି ପର୍ଯ୍ୟନ୍ତ ମିନାକ୍ଷୀ ଅଲଗା ହୋଇ ରହିଛନ୍ତି। ନିକିଙ୍କ ବାପା ଭିକାରୀ ସିଂହ ପାୟଲା ତାଙ୍କୁ ଗ୍ରହଣ କରିବାକୁ ରାଜି ହେଉ ନ ଥିବା ମିନାକ୍ଷୀ କହିଛନ୍ତି।

ଏ ବିଷୟରେ ନିକିଙ୍କ ଭାଇକୁ ପଚରାଯିବାରୁ ସେ କିଛି କହିବାକୁ ରାଜି ନ ଥିଲେ। ଏହା କେବଳ ଅଭିଯୋଗ କହି ଏଡ଼ାଇ ଯାଇଥିଲେ। କିନ୍ତୁ ତାଙ୍କ ପାଖରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି କହିଥିଲେ ଯେ ଏହି ମାମଲାକୁ ନେଇ ଦୁଇ ପରିବାର ପରସ୍ପର ଉପରେ ବନ୍ଧୁକ ଉଠାଇ ଥିଲେ। ସେ ପାୟଲା ପରିବାରଙ୍କ ପକ୍ଷ ନେଇ ଆମେ ମିନାକ୍ଷୀଙ୍କୁ ପୋଡ଼ି ନାହୁଁ ବୋଲି କହିଥିଲେ। ଅନ୍ୟପଟେ ଗିରଫ ହୋଇଥିବା ନିକିଙ୍କ ଶଶୁର ମିନାକ୍ଷୀଙ୍କୁ ଘରକୁ ଫେରେଇ ନେବାକୁ ଆଶ୍ୱାସନା ଦେଇଥିଲେ। ସମ୍ପର୍କ ଆଧାରରେ ସେ ପାୟଲାଙ୍କୁ ବୁଝାଇବେ ବୋଲି କହିଥିଲେ। ପୂର୍ବରୁ ନିକିଙ୍କ ବାପା ମଧ୍ୟ ଯୌତୁକକୁ ଉଚିତ ଦର୍ଶାଇ ଥିଲେ। ଆମ ସମାଜରେ ଏପରି ଚାଲୁଛି ବୋଲି କହିଥିଲେ।

**ନିକିଙ୍କ ପରିବାର ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ**


## ଟ୍ରମ୍ପଙ୍କ ଦାବି | ଯୁଦ୍ଧ ବନ୍ଦ ପାଇଁ ମୋଦୀଙ୍କୁ ଧମକ ଦେଇଥିଲି



ୱାଶିଂଟନ, ୨୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷକୁ ବନ୍ଦ କରି ପରମାଣୁ ଯୁଦ୍ଧ ଅଟକାଇ ଥିବା ଦାବି କରିଛନ୍ତି। ବୁଧବାର ହ୍ୱାଇଟ ହାଉସରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରି ଚେତାବନୀ ଦେଇଥିଲି। ଯୁଦ୍ଧ ବନ୍ଦ ନ କଲେ ଚଢ଼ା ଶୁଳ୍କ ଲଗାଇବାକୁ କହିଥିଲି। ଏହି ସଂଘର୍ଷ ପରମାଣୁ ଯୁଦ୍ଧମୁହାଁ ହେଉଥିଲା। ତେଣୁ ଦୁଇ ଦେଶ ମଧ୍ୟରେ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ବାଣିଜ୍ୟ ଚୁକ୍ତିକୁ ରୋକି ଦିଆଯିବ। ଭାରତ ଉପରେ ଏତେ ଶୁଳ୍କ ଲଗାଯିବ ଯେ ମୁଣ୍ଡ ବୁଲାଇବ ବୋଲି କହିଥିଲି। ଏହାର ୫ ଘଣ୍ଟା ପରେ ଦୁଇ ଦେଶ ପଛକୁ ହଟିଥିଲେ। ତେବେ ଭାରତ ସର୍ବଦା ଏହି ଦାବିକୁ ଖାରଜ କରି ଆସିଛି। ଟ୍ରମ୍ପ ପୁଣି କହିଥିଲେ ଯେ ମୋଦୀ ଜଣେ ବହୁତ ଭଲ ଲୋକ। ତାଙ୍କ ସହ କଥା ହୋଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ କ'ଣ ଚାଲିଛି ବୋଲି ପଚାରି ଥିଲି। ଉଭୟ ଦେଶ ମଧ୍ୟରେ ଘୃଣା ଥିଲା। ଏବେ ଏହି ମାମଲାର ସମାଧାନ ହୋଇଯାଇଛି। ପୁଣି ଆରମ୍ଭ ହେଲେ ମଧ୍ୟ ରୋକିବି। କେବେ ଏପରି ହେବାକୁ ଦେବୁନି। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ସଂଘର୍ଷରେ ଅନେକ ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ଏହାର ମୂଲ୍ୟ ପ୍ରାୟ ୧୫ କୋଟି ଡଲାର ହେବ। ପ୍ରକୃତ ସଂଖ୍ୟା କେବେ କୁହାଯାଇ ନାହିଁ। ତେବେ ଟ୍ରମ୍ପ ଏ ନେଇ କୌଣସି ପ୍ରମାଣ ଦେଇନାହାନ୍ତି। କିନ୍ତୁ ସେ ଏହି ସଂଘର୍ଷକୁ ରୁଷ-ୟୁକ୍ରେନ ଯୁଦ୍ଧ ସହ ତୁଳନା କରି କହିଥିଲେ ଯେ ଏହା ବୈଶ୍ୱିକ ସଙ୍କଟରେ ରୂପ ନେଇପାରିଥାନ୍ତା।

## ସ୍କୁଲ ଟଏଲେଟ୍‌ରେ ଜଳିଗଲେ ଛାତ୍ରୀ

ପାଟନା, ୨୭।୮(ଏଜେନ୍ସି): ବିହାରର ପାଟନାରେ ଆଉ ଏକ ବଡ଼ ଘଟଣା ଘଟିଛି। ଗର୍ଦ୍ଦନିବାଗ ଅଞ୍ଚଳରେ ଚିତଖୋରା ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରେ ଜଣେ ୫ମ ଶ୍ରେଣୀ ଛାତ୍ରୀ ନିଆଁରେ ଜଳି ଯାଇଛନ୍ତି। ଆମଲା ତୋଲା କନ୍ୟା ବିଦ୍ୟାଳୟର ଏକ ଟଏଲେଟ୍‌ରେ ଜଳିଯାଇ ଛାତ୍ରୀଜଣକ ମୃତ୍ୟୁବରଣ କରିଛନ୍ତି। ଟଏଲେଟରୁ ଧୂଆଁ ବାହରୁଥିବାର ଦେଖି ଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାପରେ ଛାତ୍ରୀଙ୍କ ପରିବାର ଲୋକେ ଓ ଛାତ୍ରମାନେ ସ୍କୁଲ୍‌ରେ ଭଙ୍ଗାରୁଜା କରିଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଉତ୍ୟକ୍ତ ଲୋକେ ପୁଲିସ ଉପରେ ଆକ୍ରମଣ କରିଥିଲେ।




## କଲେଜିୟମ ଅସହମତି ସତ୍ତ୍ୱେ ୨ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି (ସିଜେ) ଵିପୁଲ ପାଞ୍ଚୋଲି ଏବଂ ବମ୍ବେ ହାଇକୋର୍ଟର ସିଜେ ଆଲୋକ ଅରାଧେଙ୍କୁ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କରାଯାଇଛି। ବିଚାରପତିଙ୍କ ମଧ୍ୟରେ ଅସହମତି ସତ୍ତ୍ୱେ ସୁପ୍ରିମକୋର୍ଟ କଲେଜିୟମ କରିଥିବା ଏହି ସୁପାରିସକୁ ବୁଧବାର କେନ୍ଦ୍ର ମଞ୍ଜୁରୀ ଦେଇଛି। ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ସୂଚନା ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ତେବେ ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସକୁ ନେଇ କଲେଜିୟମରେ ସାମିଲ ଜଷ୍ଟିସ ବିଭି ନାଗରତ୍ନା ତୀବ୍ର ବିରୋଧ କରିଥିଲେ। ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସ ନ୍ୟାୟପାଳିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ କଲେଜିୟମର ବିଶ୍ୱସନୀୟତାକୁ ନଷ୍ଟ କରିଦେବ ବୋଲି କହିଥିଲେ। ଜଷ୍ଟିସ ପାଞ୍ଚୋଲି ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଲେ ୨୦୩୧ ଅକ୍ଟୋବର ସୁଦ୍ଧା ସିଜେଆଇ ହୋଇପାରନ୍ତି। ସୂତ୍ର ଅନୁଯାୟୀ ଗତ ମେ' ମାସରେ ମଧ୍ୟ ଜଷ୍ଟିସ ନାଗରତ୍ନା ଏହି ପ୍ରସ୍ତାବ ଉପରେ ଅସହମତି ପ୍ରକାଶ କରିଥିଲେ। ସେତେବେଳେ ପ୍ରଥମ ଥର ପାଇଁ ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିଥିଲା। ପରେ ଜଷ୍ଟିସ ଏନ ଭି ଅଞ୍ଜାରିଆଙ୍କୁ ନିଯୁକ୍ତି କରାଯାଇଥିଲା। ତେଣୁ ତିନି ମାସ ପରେ ପୁଣି ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍ନାକୁ ଆସିବାରୁ ଜଷ୍ଟିସ ନାଗରତ୍ନା ଔପଚାରିକ ଭାବେ ଅସହମତି ପ୍ରକଟ କରିଥିଲେ।

## ୧୦ କୋଟିର ଜିଏସ୍‌ଟି ଠକେଇ; ଚୀନ୍ ମହିଳା ଗିରଫ

ମିରଟ, ୨୭।୮(ଏଜେନ୍ସି): ୧୦ କୋଟି ଟଙ୍କାର ଜିଏସ୍‌ଟି ଚୋରି ତଥା ଠକେଇ ମାମଲାରେ ବୁଧବାର ଏକ ଚୀନ୍ ମହିଳାଙ୍କ ସମେତ ଜଣେ କମ୍ପାନୀ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇ ମିରଟ୍‌ର କୋର୍ଟରେ ହାଜର କରାଯାଇଥିଲା। ଦୁଇଜଣଙ୍କୁ ନୋଏଡାରୁ ଗିରଫ କରାଯାଇଥିଲା। ଏହି ଥାନାରେ ଏତଲା ରୁଜୁ କରାଯାଇଥିଲା। ଏହାପରେ ରାତିରେ ମିରଟର ସ୍ୱତନ୍ତ୍ର ସିଜେଏମ୍ କୋର୍ଟରେ ଦୁଇଜଣଙ୍କୁ ହାଜର କରାଯାଇଥିଲା। କୋର୍ଟରେ ପହଞ୍ଚିବାପରେ ମହିଳା ଜଣକ ନିଜ ଚେହେରାକୁ ଲୁଚାଇବାକୁ ପ୍ରୟାସ କରିଥିଲେ ଓ କୋର୍ଟରେ ବହୁତ ପାଟିତୁଣ୍ଡ କରିଥିଲେ।

# ମନ୍ତ୍ରୀ, ବିଧାୟକଙ୍କୁ ଘଉଡ଼ାଇଲେ ଗ୍ରାମବାସୀ



ନାଳନ୍ଦା, ୨୭।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନାଳନ୍ଦାର ମଲାମା ଗ୍ରାମରୁ ଆଶ୍ଚର୍ଯ୍ୟ କଲା ଭଳି ଏକ ଖବର ଆସିଛି। ଏଠାରେ ଗ୍ରାମବାସୀ ଗ୍ରାମୀଣ ବିକାଶମନ୍ତ୍ରୀ ଶ୍ରବଣ କୁମାର ଏବଂ ହିଲ୍‌ସା ବିଧାୟକ କୃଷ୍ଣ ମୁରାରୀ ଓରଫ ପ୍ରେମ ମୁଖିଆଙ୍କ ଉପରେ ରାଗି ଯାଇଛନ୍ତି। ସ୍ଥିତି ଏମିତି ହୋଇଛି ଯେ ମନ୍ତ୍ରୀ ଏବଂ ବିଧାୟକ କାର୍‌ରେ ବସିବା ପରେ ବି ଲୋକେ ଛାଡ଼ି ନ ଥିଲେ। ଚାରିପଟୁ ଘେରି ଯାଇ ଠେଙ୍ଗାବାଡ଼ିରେ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏହା ଦେଖି ମନ୍ତ୍ରୀ ଏବଂ ବିଧାୟକ ଭୟରେ ଥରହର ହୋଇଥିଲେ। ସୁରକ୍ଷାକର୍ମୀ ତୁରନ୍ତ ମନ୍ତ୍ରୀଙ୍କୁ ଗାଡ଼ିରୁ ବାହାର କରିଥିଲେ। ସେ ଦୌଡ଼ି ଦୌଡ଼ି ୫୦୦ ମିଟର ଦୂରରେ ଥିବା ଆଉ ଏକ ଗାଡ଼ିରେ ବସିଥିଲେ। କିନ୍ତୁ ଗାଁ ଲୋକେ ବି ଛାଡ଼ି ନ ଥିଲେ। ସେମାନେ ମନ୍ତ୍ରୀଙ୍କ ପଛେ ପଛେ ଦୌଡ଼ି ଥିଲେ ଅନ୍ୟ କାର୍‌କୁ ମଧ୍ୟ ଘେରି ନେଇଥିଲେ। ପୁଣି ଆକ୍ରମଣ କରିଥିଲେ। ମନ୍ତ୍ରୀ ଏବଂ ବିଧାୟକଙ୍କୁ ବଞ୍ଚାଇବାକୁ ଯାଇ ବଡି ଗାର୍ଡ ମଧ୍ୟ ଆହତ ହୋଇଥିଲେ। ପରେ ଉଭୟଙ୍କୁ ତୃତୀୟ ଗାଡ଼ିକୁ ନିଆଯାଇଥିଲା। ଏହି ସମୟରେ ମନ୍ତ୍ରୀ ଧୋତି ଧରି ଗାଡ଼ି ପାଇଁ ପ୍ରାୟ ଏକ କିମି ପର୍ଯ୍ୟନ୍ତ ଦୌଡୁଥିବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ପରେ ତୃତୀୟ ଗାଡ଼ିରେ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପଠା ଯାଇଥିଲା। ମାତ୍ର ଗ୍ରାମବାସୀ ପଛରେ ଦୌଡ଼ି ଗାଡ଼ି ଉପରକୁ ପଥର ଏବଂ ଠେଙ୍ଗାବାଡ଼ି ମାଡ କରିଥିଲେ। ସ୍ଥିତିକୁ ଦେଖି ଗାଁରେ ଅଧିକ ସୁରକ୍ଷାବାହିନୀଙ୍କୁ ମୁତୟନ କରାଯାଇଛି। ମନ୍ତ୍ରୀ ଏବଂ ବିଧାୟକଙ୍କ ଉପରେ ଆକ୍ରମଣ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି।

ସୂଚନାଯୋଗ୍ୟ ଯେ ନାଳନ୍ଦା ହେଉଛି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗୃହ ଜିଲ୍ଲା। ରାଜ୍ୟରେ ଗତ ତିନି ଦିନ ମଧ୍ୟରେ ଦୁଇ ମନ୍ତ୍ରୀଙ୍କ ଉପରେ ଆକ୍ରମଣ ହେଲାଣି। ଗତ ୨୫ ତାରିଖରେ ପାଟନାର ଅଟଳ ପଥରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କ ଗାଡ଼ି ଉପରକୁ ପଥରମାଡ଼ ହୋଇଥିଲା।

**ଧୋତି ଧରି ଧାଇଁଲେ ଗ୍ରାମୀଣ ବିକାଶମନ୍ତ୍ରୀ**

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-64 ◆THURSDAY ◆28 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୪ ◆ଗୁରୁବାର ◆୨୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ପାର୍ବଣ ଋତୁ ଆରମ୍ଭ



'ସକାଳ' ଓ 'ନନ୍ଦିଘୋଷ ଟିଭି' ମୁଖ୍ୟ କାର୍ଯ୍ୟାଳୟରେ ବିଘ୍ନବିନାଶକଙ୍କ ପୂଜା

## ଲଘୁଚାପ ଘନୀଭୂତ

# ଦକ୍ଷିଣରେ ବଢ଼ିଲା ବନ୍ୟା ଆଶଙ୍କା

■ ଭୁବନେଶ୍ୱର,୨୭।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହା ଓଡ଼ିଶା ଉପରେ ରହିବାକୁ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ଆଶଙ୍କା ରହିଛି। ଗୁରୁବାର ବିଶେଷ କରି ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ମଧ୍ୟ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ୮ ଟି ଅଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୫ ଟି ଅଞ୍ଚଳରେ ୭୦-୯୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବାରୁ ଏଠାରେ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ଏବେ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଲଘୁଚାପ ପ୍ରଭାବରେ କୋରାପୁଟରେ ପ୍ରବଳ ବର୍ଷା ହୋଇଛି। ସବୁଠୁ ଅଧିକ ବର୍ଷା କୋଲାବ ଅବବାହିକାରେ ହୋଇଛି। ଇନ୍ଦ୍ରାବତୀ ଅବବାହିକାରେ ବି ଭଲ ବର୍ଷା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ପ୍ରାୟ ସବୁ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରଭାବିତ ହୋଇଛି। ଆଗାମୀ ଦିନରେ ଆହୁରି ତଳକୁ ଆସିବ। ବର୍ତ୍ତମାନ ବୈତରଣୀରେ ପାଣି କମିଯାଇଛି। ତଳିଆ ଅଞ୍ଚଳରୁ ପାଣି କମିବାକୁ ସମୟ ଲାଗିବ। ପାଣି କମିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୩୦-୪୦ ଓ ଝଟକା ପବନ ୫୦ କିମି ରହୁଥିବାରୁ ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଇଛି।

# ଜେଲ୍ ଗଲେ ଓଏଫ୍ଏସ୍ ଅଧିକାରିଣୀ

■ ଭୁବନେଶ୍ୱର, ୨୭।୮ (ସମିସ):ଲାଞ୍ଚ ନେବାବେଳେ ଧରାପଡ଼ି ଭିଜିଲାନ୍ସ ସ୍କାନରକୁ ଆସିଥିବା ଆସିଷ୍ଟାଣ୍ଟ ଟାକ୍ସ କମିସନର ତଥା ଓଏଫ୍ଏସ୍ ସରିତା ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜାମିନ ନାମଞ୍ଜୁର ହେବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱର ସର୍କଲ ୪ର ଆସିଷ୍ଟାଣ୍ଟ କମିସନର ସରିତା ବାରିକ ଜଣେ ବେକେରି ଦୋକାନ ମାଲିକଙ୍କୁ ୨ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଓ ଟିକସ ପ୍ରଦାନ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଦୋକାନୀ ଜଣକ ସମାଧାନ ଅନୁରୋଧ କରିବା ପରେ ସରିତା ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦୋକାନୀ ଜଣକ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାପରେ ମାମଲା ରୁଜୁ କରିଥିଲା। ଗତକାଲି ମଧୁସୂଦନ ନଗର ଅଞ୍ଚଳରେ ସରିତା ନିଜ କାର ଭିତରେ ବସି ଦୋକାନୀଙ୍କ ଠାରୁ ଲାଞ୍ଚ ନେଉଥିଲେ। ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଟିମ୍ ସରିତାଙ୍କୁ ମାଡ଼ି ବସିଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଭିଜିଲାନ୍ସ ଟିମ୍ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସରିତା ରହୁଥିବା ଭୁବନେଶ୍ୱର ମଧୁସୂଦନ ନଗର ସ୍ଥିତ ଭଡ଼ା ଘର, ବାରିପଦ ସ୍ଥିତ ପୈତୃକ ଘର ଓ ଅଫିସ୍‌ରେ ଚଢ଼ଉ କରିଥିଲା।

# କଟକ ରେଳଷ୍ଟେସନ ପ୍ଲାଟଫର୍ମ ସେଡ୍ ଭୁଶୁଡ଼ିଲା

■ କଟକ,୨୭।୮(ସମିସ): କଟକ ରେଳଷ୍ଟେସନ ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ ଆଜି ଏକ ଅଘଟଣ ଘଟିଛି। ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ ଉପରକୁ ଭଙ୍ଗାଯାଉଥିବା ଏକ ପୁରୁଣା କୋଠାର ବୃହତ୍ତ କାନ୍ଥ ହଠାତ ଗଳିପଡିଥିଲା। ଫଳରେ ପ୍ଲାଟଫର୍ମ ସେଡ୍ ଭାଙ୍ଗିପଡି ୧ନମ୍ବର ରେଳଧାରଣା ଉପରକୁ ଖସିପଡିଥିଲା। ଏହି ଦୁର୍ଘଟଣାରେ କୌଣସି ଧନଜୀବନ ହାନି ହୋଇନଥିବା ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି।



ଆଜି ଅପରାହ୍ନ ୩ଟା୪୫ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ରେଳଷ୍ଟେସନର ନବୀକରଣ କାର୍ଯ୍ୟ ଚାଲୁଥିବା ବେଳେ ବାରବାଟୀ ଦୁର୍ଗ ସଦୃଶ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ଛାତ ଭଙ୍ଗାଯାଉଥିଲା। ଏହି ସମୟରେ ଛାତ ସହ ସମ୍ପୁର୍ଣ୍ଣ କାନ୍ଥ ୧ନମ୍ବର ପ୍ଲାଟଫର୍ମ ଉପରକୁ ଭାଙ୍ଗି ପଡିଥିଲା। ଫଳରେ ପ୍ଲାଟଫର୍ମର ପ୍ରାୟ ୧୦୦ମିଟର ପର୍ଯ୍ୟନ୍ତ ଟିଣ ସେଡ୍ ଭାଙ୍ଗି ଯାଇଥିଲା। ଉକ୍ତ କାନ୍ଥ ଏତେ ଜୋରରେ ପଡିଥିଲା ଯେ ତାହା ରେଳଧାରଣା ଉପରକୁ ଚାଲିଆସିଥିଲା। ସୌଭାଗ୍ୟବଶତଃ ସେହି ସମୟରେ ଏକ ନମ୍ବର ରେଳ ଟ୍ରାକରେ କୌଣସି ଟ୍ରେନ ଯାଉନଥିଲା। ଯୁଦ୍ଧକାଳୀନ ▶ପୃଷ୍ଠା-୭





DADLS-47



|| ନୂଆଁଖାଇ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ||

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)



ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା ''ନୂଆଁଖାଇ ତିହାର୍'' ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।

ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ ।


(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0977/2526

# ପୁରପଲ୍ଲୀରେ ବିରାଜିଲେ ବିଘ୍ନରାଜ








ବିଞ୍ଝାରପୁର,୨୭।୮(ସମିସ): ଆରମ୍ଭ ହୋଇଯାଇଛି ପାର୍ବଣଋତୁ। ପବିତ୍ର ଭାଦ୍ର ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଅବସରରେ ମହାସମାରୋହରେ ଅଗ୍ରପୂଜ୍ୟ ବିଘ୍ନନାଶ ବିଘ୍ନରାଜଙ୍କର ପୂଜା ପୁରପଲ୍ଲୀ, ଶିକ୍ଷାନୁଷ୍ଠାନ, ଯୁବକ ସଂଘମାନଙ୍କରେ ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଛି। ବୁଧବାର ପ୍ରାତଃ କାଳରୁ ପୂଜାମଣ୍ଡପମାନଙ୍କରେ ବିଘ୍ନରାଜଙ୍କର ମୃଣ୍ମୟ ମୂର୍ତ୍ତୀ ସ୍ଥାପନ କରାଯିବା ସହ ପରେ ଘଟପୂଜା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ବଡସିଂହାର ବେଶ, ହୋମଯଜ୍ଞ, ନୈବେଦ୍ୟ, ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ବିଘ୍ନରାଜଙ୍କୁ ଆବାହନ କରାଯାଇଥିଲା। ଏହି ଅବସରରେ ବିଞ୍ଝାରପୁର, ମଇଁଦା, ସୟଦପୁର, ସିଂହପୁର, ପ୍ରୀତିପୁର, ବିତନା, ମାଁସଡା, ଉତ୍ତରକୂଳ, ଉତ୍ତଙ୍ଗରା, କଲ୍ୟାଣପୁର, ଅରେଇ, ଶାସନ୍ଦା ଆଦି ସ୍ଥାନରେ ହୋଇଥିବା ପୂଜାମଣ୍ଡପଗୁଡିକ ଆକର୍ଷଣୀୟ ତୋରଣ ସହ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରଭୁଙ୍କର ଆଶିଷ ଭିକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଲାଗି ରହିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ପ୍ରବଚନ ଆଦି ଆୟୋଜନ କରାଯାଇଛି। ଅନ୍ୟ ପକ୍ଷରେ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ପୂଜା ସମୟରେ କୌଣସି ଅପ୍ରୀତିକର ଘଟଣା ରୋକିବାକୁ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକ, ଅଳକୁଣ୍ଡ ଥାନାର ଥାନା ଅଧିକାରୀ ଦେବାଶିଷ ଶତପଥି ଆଇନଶୃଙ୍ଖଳା ଉପରେ ନଜର ରଖିଛନ୍ତି।

## ୨୪ ବର୍ଷରେ ଛଚିଣା ବିବିସି ୟୁଥ କ୍ଲବ୍ ପୂଜା



ମଙ୍ଗଳପୁର : ଦଶରଥପୁର ବ୍ଲକ ଛଚିଣା ପଞ୍ଚାୟତସ୍ଥ ଛଚିଣା ଗ୍ରାମର ବିବିସି ୟୁଥ କ୍ଲବ ଆନୁକୂଲ୍ୟରେ ଗଜାନନ ପ୍ରଭୁ ଗଣେଶଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ପୂଜା ୨୪ ବର୍ଷରେ ପଦାର୍ପଣ କରିଥିବା ବେଳେ ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଛି। ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜାଯାଇଥିବା ଦେଖିବା ପାଇଁ ମିଳିଛି। ଚଳିତ ବର୍ଷ ପୂଜାରେ ସତ୍ୟପ୍ରଦୀପ ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ସଙ୍ଘମିତ୍ରା ପଣ୍ଡା ମହାପାତ୍ର ସଂକଳ୍ପ କରିଥିବା ବେଳେ ପୂଜକ ଭାବଗ୍ରାହୀ ପଣ୍ଡା ପୂଜାର୍ଚ୍ଚନା କରୁଛନ୍ତି। ଆଜି ଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ୩୦ ତାରିଖ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ୧ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ୨ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ୭ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ଗ୍ରାମକୁ ଆମିଷ ସମ୍ପୂର୍ଣ୍ଣ ନିଷେଧ କରାଯାଇଥାଏ। ପୂଜା ପାଇଁ ବାହାରେ ଥିବା ଗ୍ରାମର ଯୁବକଯୁବତୀ ମାନେ ଗାଁକୁ ଆସି ପୂଜାରେ ସାମିଲ ହୋଇଥାନ୍ତି। ଗ୍ରାମବାସୀଙ୍କ ସହଯୋଗରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଜାରକା ବଡ଼ବଜାର ଗଣେଶ ପୂଜା କମିଟି ପକ୍ଷରୁ ଗଜାନନଙ୍କ ୪୪ତମ ପୂଜା ଆଜି ଶୁଭାରମ୍ଭ ହୋଇଛ। ଆଜି ଠାରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜି ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଦିପାଲା କାର୍ଯ୍ୟକ୍ରମରେ ଗାୟିକା ଲକ୍ଷ୍ମୀପ୍ରିୟା ସାହୁ ଓ ସାଥି ଏବଂ ଚିନ୍ମୟୀ ଶତପଥୀ ଓ ସାଥୀମାନେ ବାଦୀପାଲା ପରିବେଷଣ କରିବେ। ସେହିପରି ୩୦ ତାରିଖଦିନ ବିଘ୍ନବିନାଶକ ଗଣେଶ ମହାପ୍ରଭୁଙ୍କ ସ୍ଥାୟୀ ମଣ୍ଡପ ଉଦ୍‌ଘାଟିତ ହେବ। ପରେ ସେହି ସନ୍ଧ୍ୟାରେ ଗାୟିକା ଇପ୍‌ସିତା ପଣ୍ଡା ଓ ସାଥୀମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା, ୩୧ ତାରିଖ ସନ୍ଧ୍ୟାରେ କଟକର ମେଲୋଡି ଶୁଭଂମ ସଙ୍ଗୀତ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋପାମୁଦ୍ରା ଦାଶ ସଙ୍ଗୀତ ପରିବେଷଣ କରିବେ, ୧ ତାରିଖରେ ଲୁବୁଲ ଟୁବୁଲ ଡ୍ୟାନ୍ସ ଗ୍ରୁପ କଟକ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ, ୨ ତାରିଖରେ ଭୁବନେଶ୍ୱରର ଜେନେ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ସଙ୍ଗୀତ ପରିବେଷଣ କରିବେ, ସେହିପରି ୩ରେ ଭୁବନେଶ୍ୱରର ରୟଲ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ଚଳିତ ବର୍ଷ ସ୍ଥାୟୀ ଗଣେଷ ମଣ୍ଡପ ସମ୍ମୁଖରେ ଏକ ଆକର୍ଷଣୀୟ ତୋରଣ କରାଯାଇଥିବା ବେଳେ ରଙ୍ଗିନ ଆଲୋକମାଳାରେ ବଜାରରକୁ ସଜାଇଦିଆଯାଇଛି। ଆସନ୍ତା ୫ ତାରିଖରେ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜାରକା ଗଣେଶ ପୂଜା କମିଟିର ସଭାପତି ରମେଶ କୁଣ୍ଡୁ ଓ ସମ୍ପାଦକ ବିରଜା ଶତପଥୀ ସୂଚନା ଦେଇଛନ୍ତି। ସେହିପରି ଧର୍ମଶାଳା ଜାରକାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ଧର୍ମଶାଳା ପବ୍ଲିକ ସ୍କୁଲ, ଧର୍ମଶାଳା (ସିଂହାରସାହିସ୍ଥିତ) ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଜାରକାସ୍ଥିତ ଗୋକର୍ଣ୍ଣେଶ୍ୱର ଯୁକ୍ତ ୨ ସ୍କୁଲ, ରେନେଶା ସ୍କୁଲ ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ସ୍କୁଲ, କଲେଜ ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଗଜାନନ ମହାପ୍ରଭୁଙ୍କ ପୂଜା ମହାସମାରୋହରେ ପାଳିତ ହୋଇଥିବା ବେଳେ ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ଗଜାନନଙ୍କ ପୂଜାରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଛନ୍ତି।

**ପାଣିକୋଇଲି:** ଆଜି ପବିତ୍ର ଗଣେଶ ପୂଜା ଅବସରରେ ଗ୍ରାମାଞ୍ଚଳର ବିଭିନ୍ନ କ୍ଲବ, ବ୍ୟବସାୟ ପ୍ରତିଷ୍ଠାନ, ସାମାଜିକ ଅନୁଷ୍ଠାନ, ଦୋକାନ ବଜାର, ପାଣିକୋଇଲି ଗଣେଶ ବଜାର କମିଟି, ଭ୍ରାମ୍ୟମାଣ ଗଣେଷ, ବିଭିନ୍ନ ଶିଳ୍ପ ସଂସ୍ଥା, ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ବିଦ୍ୟା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ, ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲ, ନେମ୍ ଏଣ୍ଡ ଫେମ ସ୍କୁଲ, ସ୍ୱାମୀ ବିବେକାନନ୍ଦ ଇଂଲିସ ମିଡିୟମ ସ୍କୁଲ, ମୂଳାପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅମୃତିଆ ଓ ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର, ଓଟିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅଳତିରି ପରିଡା ସାହି, ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ, ଅଢେଇବାଟିଆ ଗଣେଷ ପୂଜା କମିଟି, ଓଟିନ୍ଦା ଗଣେଶ ୟୁଥ କ୍ଲବ, ବିଘ୍ନେଶ୍ୱର ପୂଜା କମିଟି ନୁରୁଙ୍ଗା, ପରିଡାସାହି ପୂଜା କମିଟି ଓ ବିଭିନ୍ନ ମଣ୍ଡପ ଆଦିରେ ଅଗ୍ରଗଣ୍ୟ ଗଣେଶଙ୍କ ପୂଜା ପାଳିତ ହୋଇଛି। ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଛି। ବିଶେଷ କରି ଛାତ୍ରଛାତ୍ରୀ ନୂତନ ବସ୍ତ୍ର ପରିଧାନ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣେଷ ପୂଜା ପାଳନ କରୁଛନ୍ତି। ପାର୍ବଣ ଋତୁର ଆରମ୍ଭ ତଥା ପ୍ରଥମ ପୂଜା ଗଣେଶ ପୂଜା ସବୁଠି ପାଳିତ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ଆଲୋକ ସଜ୍ଜା ହୋଇଥି ବେଳେ ସୁନ୍ଦର ତୋରଣ ଲୋକଙ୍କୁ ଆକୃଷ୍ଟ କରୁଛି। ଚଳିତ ବର୍ଷ ଭଷାଣୀରେ ଡିଜେ ବନ୍ଦ ଯୁବକ ମାନଙ୍କ ମନରେ ନୈରାଶ ଦେଖାଦେଇଛି। ଗଣେଶ ପୂଜା ଯୋଗୁ ବଜାର ଘାଟ ଶୂନସାନ ହୋଇଛି। ଲଘୁଚାପ ଜନିତ ବର୍ଷା କେତେକାଂଶରେ ବାଧା ସୃଷ୍ଟି କରିଛି। ରାଜପଥରେ ଗାଡି ଚଳାଚଳ କମ ଥିବା ବେଳେ ହୋଟେଲ ଗୁଡିକରେ ବେପାର ସମ୍ପୂର୍ଣ୍ଣ ମନ୍ଦା ରହିଛି।

## ବିଘ୍ନରାଜଙ୍କ ପୂଜା କଲେ ବିଧାୟକ



ବରୀ: ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ ଅଟିରା, ଅଲିପୁର, ଚନ୍ଦନପୁର ଓ ଅନ୍ୟ କେତେକ ପଞ୍ଚାୟତର ପ୍ରାୟ ୧୫ଟିରୁ ଅଧିକ ପୂଜାମଣ୍ଡପ ବୁଲି ବିଘ୍ନବିନାଶକ ପ୍ରଭୁ ଗଣେଶଙ୍କ ନିକଟରେ ପୁଷ୍ପାଞ୍ଜଳି ଦେବାସହ ପିଲାମାନଙ୍କ ସହିତ ଖୁସି ମନାଇଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ବିଧାୟକଙ୍କ ସହିତ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ବ୍ଲକ ବିଜେଡ଼ି ସଭାପତି କେଦାର ଚନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ସମାଜ ସେବି ଅରବିନ୍ଦ ମହାନ୍ତି, ଅଟିରା ସରପଞ୍ଚ କୈଳାସ ଯେନା, ସମିତି ସଭ୍ୟ କୀର୍ତ୍ତି ରଞ୍ଜନ ଯେନା, ହିମାଂଶୁ ଦାଶଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଶ୍ରମିକ ଗୁରୁତର

କବାଟବନ୍ଧ,୨୭।୮(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା କନ୍ତପଡ଼ା ଛକ ନିକଟରେ ଥିବା କବାଟବନ୍ଧ ବିଦ୍ୟୁତ ସବଷ୍ଟେସନ କାର୍ଯ୍ୟାଳୟ ନିକଟରେ ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ବିଦ୍ୟୁତ ଅଘଟଣରେ ତାଙ୍କ ଦେହର ପ୍ରାୟ ୪୦ ପ୍ରତିଶତ ପୋଡ଼ି ଯାଇଥିବା ଅନୁମାନ କରାଯାଉଛି। ଆହତ ବ୍ୟକ୍ତି ଜଣକ ଏହି ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ମୁଥା ମଲ୍ଲିକଙ୍କ ପୁଅ ରଙ୍ଗାଧର ମଲ୍ଲିକ (୫୪) ବୋଲି ଜଣାପଡିଛି। ମିଳିଥିବା ଖବର ଅନୁସାରେ ରଙ୍ଗାଧର ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏମ୍‌ଏସଆଇଏଲରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ବୁଧବାର ପୂର୍ବାହ୍ନରେ କନ୍ତପଡ଼ା ଛକ ନିକଟରେ ଫ୍ଲାଏଓଭର ବ୍ରିଜ କାମ ଚାଲୁ ରହିଥିବା ବେଳେ ଅଟୋ ଲେବୁଲ ମେସିନର ପ୍ରିଜିମ୍ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ରଙ୍ଗାଧର ବିଦ୍ୟୁତ୍ ସଂସ୍ପର୍ଶ ଆସିଯାଇଥିଲେ। ୩୩ କେଭି ତାର ସଂସ୍ପର୍ଶରେ ଆସିବାରୁ ତାଙ୍କ ଠାରେ ଆଘାତ ଲାଗି ଛାତି, ପିଠି, ଗୋଡ଼ ଏବଂ ଗୋଟିଏ ଆଙ୍ଗୁଠି ସହିତ ଦେହର ବିଭିନ୍ନ ଅଂଶ ପୋଡ଼ି ଯାଇଥିଲା। ସ୍ଥାନୀୟ ଲୋକମାନେ ବିଦ୍ୟୁତ କାର୍ଯ୍ୟାଳୟରେ ଥିବା ଗାଡ଼ିରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ। ରଙ୍ଗାଧର ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଖବର ମିଳିଛି। ମାତ୍ର ଠିକସଂସ୍ଥାର ମନମାନି ପାଇଁ ସାଧାରଣରେ ଲୋକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ବନ୍ଧରେ ଏମ୍‌ଏସଆଇଏଲର ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

## ଯାଜପୁର ଜିଲ୍ଲାରେ ସିଏମ୍ କିଷାନ ସହାୟତା ରାଶିର କିସ୍ତି ପ୍ରଦାନ
## ୨.୪୫ ଲକ୍ଷରୁ ଅଧିକ ଚାଷୀ ଉପକୃତ



ଯାଜପୁର,୨୭।୮(ସମିସ): ନୂଆଁଖାଇ ଅବସରରେ ଓୟୁଏଟି ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷାସଦନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସିଏମ୍ କିଷାନ ସହାୟତାର ୨ୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗୌତମବୁଦ୍ଧ ସଂସ୍କୃତି ଭବନ ଯାଜପୁରଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଯୋଗଦେଇ ଚାଷୀ ଭାଇମାନେ ଏହି ସହାୟତା ରାଶିକୁ ପ୍ରକୃତ ଉଦ୍ଦେଶ୍ୟରେ ବିନିଯୋଗ କରି ଉପକୃତ ହୋଇପାରିଲେ ସରକାରଙ୍କର ଏହି ଯୁଗାନ୍ତକାରୀ ପଦକ୍ଷେପର ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲାରେ ସମୁଦାୟ ୨ ଲକ୍ଷ ୪୫ ହଜାର ୨୪୨ ଜଣଙ୍କୁ ଏହି ସହାୟତା ରାଶି ସେମାନଙ୍କ ବ୍ୟାଙ୍କ୍ ଖାତା ମାଧ୍ୟମରେ ପାଇବେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା ପ୍ରକଳ୍ପ ରମାକାନ୍ତ ପରିଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ରାଧେଶ୍ୟାମ ବେହେରା, ସବଡିଭିଜନାଲ ପ୍ରାଣୀ ସମ୍ପଦ ଅଧିକାରୀ ଡା. ସୁଶାନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ରଞ୍ଜିତ କୁମାର ସାହୁ, କୃଷି ଜିଲ୍ଲା ଅଧିକାରୀ ଧର୍ମଶାଳା ଦିଲ୍ଲୀପ କୁମାର ମହାନ୍ତି, କୃଷି ବିଭାଗ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକରୁ ଆସିଥିବା କୃଷକ ଭାଇ ଓ ଭଉଣୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ଆଦିବାସୀ କ୍ଲବ ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



ସୁକିନ୍ଦା,୨୭।୮(ସମିସ): ଶିବପାର୍ବତୀ ଆଦିବାସୀ କ୍ଲବ ନାକଦେଇ ସହଯୋଗରେ ୩୨ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କରଞ୍ଜିଆ ଫୁଟବଲ ଟିମକୁ ହରାଇ ସୁପର ଇଲେଭେନ ଫୁଟବଲ ଟିମ୍ ଚାମ୍ପିଅନ ହୋଇଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତ ଅଧୀନ ନାକଦେଇ ଖେଳ ପଡ଼ିଆରେ ଗତ ତିନିଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ମୟୂରଭଞ୍ଜ ଜିଲ୍ଲାର ୩୨ଟି ଫୁଟବଲ ଟିମ୍ ଭାଗନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ୪ଟି ଟିମ୍‌କୁ ୨୫ହଜାର, ୨୦ହଜାର, ୧୫ହଜାର ଓ ୧୨ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମନମୋହନ ବାନରା ମୁଖ୍ୟ ଅତିଥି, ସୁକିନ୍ଦା ଫିଜିକାଲ ଏକାଡେମୀ ଓ ବାନରା ଫାଉଣ୍ଡେସନର ପ୍ରତିଷ୍ଠାତା ଜଙ୍କ ବାନରା, ସମ୍ପାଦକ ରାମଚନ୍ଦ୍ର ବାନରା, ରାଉତ ବାନରା, ମାନାଏ ହେମ୍ବ୍ରମ, ସାଙ୍ଗା ହେମ୍ବ୍ରମ, ଯାଦବ ହେମ୍ବ୍ରମ ଓ ଆୟୋଜକ ଆଦିବାସୀ କ୍ଲବର ସମ୍ପାଦକ ଶିଙ୍ଗରାଇ ବନରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରତ୍ୟେକ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍ ଖେଳାଳିଙ୍କୁ ବାନରା ଫାଉଣ୍ଡେସନ ପକ୍ଷରୁ ପୁରସ୍କୃତ କରାଯିବା ସହ ଏହି କ୍ରୀଡାବିତ୍‌ମାନଙ୍କୁ ଭାରତ ସରକାରଙ୍କ ସେନା ବାହିନୀରେ ଭର୍ତ୍ତି ହେବା ପାଇଁ ସୁକିନ୍ଦା ଫିଜିକାଲ ଏକାଡେମୀ ପକ୍ଷରୁ ବିନା ମୂଲ୍ୟରେ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯିବାକୁ ଫାଉଣ୍ଡେସନର ମୁଖ୍ୟ ଜଙ୍କ ବାନରା ଘୋଷଣା କରିଛନ୍ତି।





## କୋରେଇ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

କୋରେଇ,୨୭।୮(ସମିସ): କୋରେଇ ବିଜେଡିର ନିର୍ବାଚନ ମଣ୍ଡଳୀ ସ୍ତରୀୟ କାର୍ଯ୍ୟାଳୟ ନୂତନ କୋର୍ଟ ଛକ ତେନ୍ତୁଳିଖୁଣ୍ଟା ନିକଟରେ ବୁଧବାର ଉଦ୍‌ଘାଟିତ ହୋଇଛି। ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ ନୂତନ କାର୍ଯ୍ୟାଳୟର ଉଦଘାଟନ କରିଥିଲେ। ଅଶୋକ ଦାସ ଫାଉଣ୍ଡେସନ ସଚିବ ଭବପ୍ରସାଦ ଦାସ ଏଥିରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ବଳ, ପୂର୍ବତନ ଉପାଧ୍ୟକ୍ଷା ସବିତା ରାଉତ, ବିଭିନ୍ନ ୱାର୍ଡର ପାରିଷଦ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଭକ୍ତବତ୍ସଳ ସ୍ୱାଇଁ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, କୋରେଇ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ ମହାନ୍ତି, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର କୁମାର ମିଶ୍ର ଓ ଅଦ୍ୱୈତ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ, ସଭ୍ୟ ଉମାକାନ୍ତ ମାଝୀ, ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ, ସନ୍ତୋଷ କୁମାର ସ୍ୱାଇଁ ଓ ମଧୁସ୍ମିତା ବାରିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ସମିତି ସଭ୍ୟା ପ୍ରିୟଙ୍କା ବରାଳ, ବବିତା ନାୟକ, ରଶ୍ମିତା କର, ପୁଷ୍ପାଞ୍ଜଳି ମହାପାତ୍ର ଓ ସିତୁ ଜେନାଙ୍କ ସମେତ ଅନ୍ୟାନ୍ୟ ପଞ୍ଚାୟତର ସମିତିସଭ୍ୟ/ସଭ୍ୟା, ପରମେଶ୍ୱର ମଲ୍ଲିକ, ପୂର୍ବତନ ସରପଞ୍ଚ ଅଭୟ ମହାନ୍ତି, ନିରଞ୍ଜନ ବାରିକ ଓ ଅଞ୍ଜନ ନାୟକ, ବସନ୍ତ ମହାକୁଡ଼, ରମେଶ ସାହୁ, ଉପେନ୍ଦ୍ର କର, ପ୍ରଫୁଲ୍ଲ ଆଇଚ, ମଜବୁର ରେହେମାନ, ଦାମସୁନ୍ଦର ପାଢ଼ୀ, ଲକ୍ଷ୍ମୀଧର ରାଉତ, ପ୍ରଶାନ୍ତ ମହାପାତ୍ର, ରାକେଶ ମହାନ୍ତି, ନିତ୍ୟାନନ୍ଦ ବେହେରା, ଶିବପ୍ରସାଦ ମଲ୍ଲିକ, ଗଣେଶ ଦାସ, ସୁବାସ ପତି, ବିଜୟ ରାଜ, ଦୁର୍ଯ୍ୟୋଧନ ସେଠୀ, ବିକ୍ରମ ଜେନା, ସନ୍ତୋଷ ବେହେରା, ବିଭିନ୍ନ ପଞ୍ଚାୟତର ବିଜେଡି ସଭାପତି, ବ୍ଲକ କର୍ମକର୍ତ୍ତାଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଛାମୁଆ କର୍ମୀ ଯୋଗଦେଇଥିଲେ।



## ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ

ପ୍ରୀତିପୁର,୨୭।୮(ସମିସ): ବିଞ୍ଝାରପୁର ବ୍ଲକ ଛକସ୍ଥିତ ଗୌଡ଼ସାହି ଧନେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅଖିଳଚକ୍ର ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କବି ରାଧାମୋହନ ଗଡ଼ନାୟକଙ୍କ ୧୧୫ତମ ଜୟନ୍ତୀ ଓ ତାଙ୍କ କାବ୍ୟାକୃତୀକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶମ୍ଭୁନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ ଯୋଗ ଦେଇ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଧନେଶ୍ୱର ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ପାଦକ ହରେକୃଷ୍ଣ ପଣ୍ଡା ଓ ଅନ୍ୟ କର୍ମକର୍ତ୍ତା ରାଧାମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାବନ୍ଧିକ ଆନନ୍ଦ ଚନ୍ଦ୍ର ମିଶ୍ର କବିଙ୍କ ରଚିତ କାବ୍ୟ କବିତା ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ସ୍ୱାଇଁ ପାଠ୍ୟ ପୁସ୍ତକର ପ୍ରଚଳିତ କାବ୍ୟ ନାୟିକା ଓ ପଦ୍ମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ସମାଜସେବୀ ଡ. ରବୀନ୍ଦ୍ର କୁମାର ପରିଡା, ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସେଠୀ, କବି ରମାକାନ୍ତ ନାୟକ ପ୍ରମୁଖ କବିଙ୍କ କାବ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ପ୍ରାଧ୍ୟାପକ ରାଉତ କବି ରାଧାମୋହନଙ୍କ ଜୀବନାଦର୍ଶ ବର୍ଣ୍ଣନା କରିଥିଲେ। ଆନନ୍ଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ପୂଜା ପାଇଲେ ବୁଢ଼ା, ଟୋକା, ଛୁଆ, ପିଲା, ଶିଶୁ ଓ କାଞ୍ଚନ ଗଣେଶ


ବୁଢ଼ା ଗଣେଶ


କଞ୍ଚନ ଗଣେଶ


ଶିଶୁ ଗଣେଶ


ସିଦ୍ଧି ବିନାୟକ

ବାସୁଦେବପୁର,୨୭ ।୮ (ସମିସ): ଅଗ୍ରପୂଜ୍ୟ, ସିଦ୍ଧିବିନାୟକ ପ୍ରଭୁ ବିଘ୍ନ ବିନାଶକ ଗଣେଶ ପୂଜା ଲାଗି ଉତ୍ସବ ମୁଖର ଭଦ୍ରକ ସହର। ଭଦ୍ରକର ସହରର ପୁରୁଣା ବଜାରଠାରେ ଐତିହାସିକ ବୁଢା ଗଣେଶ, ଟୋକା ଗଣେଶ ସହ ଛୁଆ, ପିଲା, କାଞ୍ଚନ, ପିଲା ଗଣେଶ ଓ ଶିଶୁ ପୂଜା ମହାଆଡ଼ମ୍ବରରେ ଚାଲିଛି। ଏଠାରେ ମୋଗଲ ସାମ୍ରାଜ୍ୟ ସମୟରୁ ବୁଢାଗଣେଶଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ଟୋକା ଗଣେଶଙ୍କୁ ୧୯୭୦ରୁ ଲୋକେ ପୂଜା କରି ଆସୁଛନ୍ତି। ଏଥର ମୁଖ୍ୟ ଆକର୍ଷଣ ପାଲଟିଛି ପ୍ରଭୁ ଟୋକା ଗଣେଶଙ୍କ ଦେହରେ ଲାଗିଥିବା ୮୫ କେଜିର ଚାନ୍ଦୀ। ଚାନ୍ଦୀ ମେଢ଼ରେ ଦର୍ଶନ ଦେଉଛନ୍ତି ବାବା ଟୋକା ଗଣେଶ। ସେହିପରି କୁଆଁସ ଅଞ୍ଚଳର ଛୁଆଗଣେଶ ୧୯୮୫ରୁ


ଛୁଆ ଗଣେଶ

ଓ ପିଲା ଗଣେଶ ୧୯୯୩ରୁ ପୂଜା ପାଇଆସୁଥିବା ଜଣାପଡ଼ିଛି। ସର୍ବପୁରାତନ ବୁଢାଗଣେଶ ଚଳନ୍ତି ଡାକୁଆ ଦେବତା ବୋଲି ମଧ୍ୟ କିମ୍ବଦନ୍ତୀରେ ରହିଛି। ଏକ ମାସ ଯାଏଁ ପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ ଲାଗିରହିଥାଏ। ପ୍ରାକ୍ତନ ମନ୍ତ୍ରୀ ଯୁଗଳକିଶୋର ପଟ୍ଟନାୟକଙ୍କ ବାସଭବନରେ ମଧ୍ୟ ଗଣେଶ ପୂଜା ଓ ସମବେତ ପ୍ରସାଦ ସେବନ ହୋଇଯାଇଛି। ଭଦ୍ରକ ବିଧାୟକ ସୀତାଂଶୁଶେଖର ମହାପାତ୍ରଙ୍କ କୁଆଁସ ବାସଭବନରେ ଥିବା ସ୍ଥାୟୀ ମନ୍ଦିରରେ ବାବା ସିଦ୍ଧି ବିନାୟକଙ୍କ ପୂଜା ସମ୍ପନ୍ନ ହୋଇଛି। ସେହିଭଳି ୨୯ନମ୍ବର ୱାର୍ଡ ଗରଦପୁରଠାରେ ବାବା ଶିଶୁ ଗଣେଶ ପୂଜା ହୋଇଯାଇଛି। ପୂଜାରେ ସଂକଳ୍ପରେ ପ୍ରାକ୍ତନ କାଉନସିଲର ଅଶୋକ ମହାପାତ୍ର ଓ ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର ବସିଥିବା ବେଳେ ବିଶେଶ୍ୱର ପଟ୍ଟନାୟକ, ଭିକି ମହାପାତ୍ର, ଆଲୋକ ମହାପାତ୍ର, ରଂଜିତ ମାଝୀ, ଗୁଗି ମହାପାତ୍ର, ପୁଗି ମହାପାତ୍ର, ତନ୍ମୟ ସାହୁ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଭଦ୍ରକ ସ୍ୱୟଂଶାସିତ କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଶ୍ରୀ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା।

**ଧାମନଗର:** ଧାମନଗର ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଏବଂ ମହାବିଦ୍ୟାଳୟରେ ବିଦ୍ୟା, ବୁଦ୍ଧି ଓ ସିଦ୍ଧିଦାତା, ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କ ପୂଜା ଭାବ ଭକ୍ତିର ସହ ପାଳିତ ହୋଇଛି। ପୁଲିସ ପ୍ରଶାସନ ତରଫରୁ ପାଟ୍ରୋଲିଙ୍ଗ କରାଯାଇଥିଲା।

**ଦୋବଲ:** ରାମେଶ୍ୱରପୁରସ୍ଥିତ ମା’ ରକ୍ଷାକାଳୀଙ୍କ ପୀଠରେ ଓ ହନୁମାନ ଛକ ବେଶ୍ ଧୁମଧାମରେ ଶ୍ରୀ ଗଣେଶଙ୍କ ପୂଜା କରାଯାଉଛି। ଆରଆଇ ଛକରେ ହରେକ୍ ମାଲ ଦୋକାନ ଓ ମିନବଜାରରେ ଗହଳି ଲାଗିଛି। ୬ ଦିନ ଧରି ଉକ୍ତ ପୂଜା ମଣ୍ଡପରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୋନର ବିଭିନ୍ନ ସରକାର ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ମଣ୍ଡପରେ ଗଣେଶ ପୂଜା ହୋଇଛି ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ ଓ କ୍ଲବ ଟ୍ୟୁଟୋରିଆଲ, କମ୍ପ୍ୟୁଟର ସେଣ୍ଟରରେ ବିଘ୍ନ ବିନାଶକଙ୍କ ପୂଜାର୍ଚ୍ଚନା ହୋଇଛି।

**ଭଣ୍ଡାରିପୋଖରୀ/ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ତୁଳସୀପୁରଠାରେ ଗାଁର ଯୁବକ ସଂଘ ଦ୍ୱାରା ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ ଦିଗମ୍ବର ମିଶ୍ର ବୈଦିକ ମନ୍ତ୍ର ଉଚ୍ଚାରଣ କରିଥିଲେ। ସଙ୍କଳ୍ପ କର୍ତା ଭାବେ ଗୌରାଙ୍ଗ ସାମଲ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଖୁଆପଦା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣଙ୍କ ଦ୍ୱାରା ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା ପରେ ଶହଶହ ଛାତ୍ରଛାତ୍ରୀ ନାରୀକେଳ ଅର୍ପଣ କରିଥିଲେ। ପୂଜା କାର୍ଯ୍ୟକୁ ଶିକ୍ଷକ ଧନେଶ୍ୱର ସାହୁ, ନରେନ୍ଦ୍ର ସେଠୀ, ଗାୟତ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ଶତପଥି, ମଧୁସ୍ମିତା ପରିଡା, ଦୀପ୍ତିପ୍ରଭା ବେହେରା, ସୁଜାତା ପରିଡା,ଅମିତା ଜେନା ପରିଚାଳନା କରିଥିଲେ। ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ସମେତ ହାରାମଣୀ ବାଳିକା ବିଦ୍ୟାଳୟ, ଶାରଦା ବିଦ୍ୟା ମନ୍ଦିର,ବାରିକପୁର ବିଦ୍ୟାଳୟ, ସରସଦା ବିଦ୍ୟାଳୟ, ରହଣିଆ, ରଣଜିତ୍, ବାଲିପୋଖରୀ, ଯଶୋଟିକିରି, ମଞ୍ଜୁରୀ ରୋଡ, କୁଲଣା, ବିଷ୍ଣୁପୁର ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟଠାରେ ମଧ୍ୟ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ରାଣିଗଡିଆ, ନୂଆପୋଖରୀ, ମାଳଦା, କୋରିଗାଁ,ନପଙ୍ଗ, ଷୋଳମପୁର, ପାଟୁଳି, ଜଳମଣ୍ଡୁଆ, ନେରଡା, ରାଢୋ, ଜଗନ୍ନାଥ ପ୍ରସାଦ, ନିର୍ଗୁଣ୍ଡି, ନାଆମୀ, ଝୁଟଣା, ବନ୍ଦାଳମଡିଆଳି ଆଦି ସ୍ଥାନରେ ଯୁବକ ସଂଘ ପକ୍ଷରୁ ଶ୍ରୀ ଗଣେଶଙ୍କ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଛି। ସେହିପରି ଭଣ୍ଡାରିପୋଖରୀରେ ଜଳସମ୍ପଦ କାର୍ଯ୍ୟାଳୟରେ ଗଜାନନ ପୂଜା ବୁଧବାର ପାଳନ ହୋଇଛି। କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୂଜାରେ ଚଣ୍ଡିଖୋଲସ୍ଥିତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଣବ ନାୟକ, ଆଖୁଆପଦା ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଶରତଚନ୍ଦ୍ର ଘଡାଇ, ଧାମନଗର ଯନ୍ତ୍ରୀ ନାରଣଚନ୍ଦ୍ର ନାୟକ, ଚାନ୍ଦବାଲି ସହକାରୀ ନିର୍ବାହୀ ଯନ୍ତ୍ରୀ ସୂରଜ କୁମାର ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ବରେନ୍ଦ୍ର ବିଶ୍ୱାଳ, ଧୁଷୁରୀ କନିଷ୍ଠ ଯନ୍ତ୍ରୀ ବିମଳ ବେହେରା, ବାରିକପୁର କନିଷ୍ଠ ଯନ୍ତ୍ରୀ ତପସ୍ୱନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ନଡିଆ, ଅଁଳା, ପିଜୁଳି ଆଦି ୫୦ଟି ଚାରା ରୋପଣ କରାଯାଇଥିଲା।

**ବନ୍ତ/ଆଗରପଡ଼ା:** ଆଗରପଡ଼ା କଳିଙ୍ଗ କମ୍ପ୍ୟୁଟର୍ସ ପକ୍ଷରୁ ଗଜାନନଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଆଗରପଡ଼ା କଲେଜ, ହାଇସ୍କୁଲ, ବି.ପି. ମେମୋରିଆଲ ଇଂଲିଶ ମିଡ଼ିଅମ ସ୍କୁଲ, ଶିଶୁ ମନ୍ଦିର, ଜାଭିୟର ସ୍କୁଲ, ଅଡ଼ାଳପଙ୍କସ୍ଥିତ କୃପାସିନ୍ଧୁ ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଆଡ଼ିଆସ୍ଥିତ ଆରଡ଼େଶ୍ୱର ହାଇସ୍କୁଲ, ବିଗ୍ରେଡ଼ିଅର ସ୍କୁଲ, କାଦବରାଙ୍ଗସ୍ଥିତ କାଦବରାଙ୍ଗ ହାଇସ୍କୁଲ, ଶେଉଳଗଡ଼ିଆ, ଭଗାରାମ, ଆପ୍ତିରା, ବାଙ୍କତିରା, ସରମରା, ବିଶଲକଣାଆଦିସ୍ଥାନରେଗଣେଶ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ସେହିପରି ଗଣିଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅରଞ୍ଜି ଗ୍ରାମରେ ଗଜାନନଙ୍କ ପୂଜା ୧୦୮ ବର୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୂଜାଙ୍କୁ ପରବର୍ତୀ ସମୟରେ ତାଙ୍କ ପୁତ୍ର ସ୍ୱର୍ଗତ ଗଙ୍ଗାଧର ଓ ପରେ ତାଙ୍କ ପୁତ୍ର ସ୍ୱର୍ଗତ ଯଦୁନାଥ ପାଳନ କରିଥିଲେ। ତାଙ୍କ ପୁତ୍ର ସୁଶାନ୍ତ, ସରୋଜ, ଶ୍ରୀକାନ୍ତ, ପଙ୍କଜଙ୍କ ସମେତ ରବିନ୍ଦ୍ର ଜେନା, ମୁରଲି ମଲ୍ଲିକ ଓ ବିଶ୍ୱଜିତ ରାଉତ ପ୍ରମୁଖ ୫ଦିନ ଧରି ପୂଜାକୁ ପରିଚାଳନା କରୁଛନ୍ତି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

**ଦୋଳସାହି:** ତିହିଡି ବ୍ଲକ କୁବେରା ପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପୁରରେ ଶ୍ରୀ ଗଣେଶଙ୍କ ପୂଜା ହୋଇଯାଇଛି। ପରିଚାଳନା କମିଟିର ସଭାପତି ଗୋବର୍ଦ୍ଧନ ସାମଲ, ସମାଜସେବୀ ସାଇଶରଣ ବେହେରା, ବିଦ୍ୟୁତ ପରିଷଦର ସଭାପତି ଶରତ ନାୟକ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ସଂଯୋଜନା କରିଥିଲେ। ସପ୍ତମ ଶ୍ରେଣୀର ଛାତ୍ର ଲୋକେଶ ନାୟକ ସଙ୍କଳ୍ପ କରିଥିବା ବେଳେ ଶିଶୁ ଭାରତୀର ସଭାପତି ଆଶୋତୋଶ ମହାନ୍ତି, ମନ୍ତ୍ରୀ ଓମ୍ ପ୍ରାକାଶ୍ ବେହେରା, ଜ୍ୟୋତିପ୍ରକାଶ ନାୟକ, ପ୍ରତ୍ୟୁଷ ବେହେରା, ଧୃତିରେଖା ମିଶ୍ର ଓ ସାଇସ୍ମୃତି ଦାସ ସହଯୋଗ କରିଥିଲେ। ଗୁରୁମା ପୂର୍ଣିମା ଖଟୁଆ, ରଶ୍ମିତା ନାୟକ, ପ୍ରତିଭାରାଣୀ ସାହୁ ଓ ସେବତୀ ତ୍ରିପାଠୀ, ରଶ୍ମିତା ସାହୁ ଓ ଗୁରୁଜୀ ଦୀପ୍ତିକାନ୍ତ ଜେନା ସହଯୋଗ କରିଥିଲେ।

## ଆଖଣ୍ଡଳମଣିଙ୍କ ମନ୍ଦିରରେ ବୁଢ଼ାଗଣେଶ ପୂଜା

### ଲାଗିହେଲା ୧୦୮ ଭୋଗଥାଳି



ଆରଡି,୨୭ ।୮ (ସମିସ): ପବିତ୍ର ଗଣେଶ ପୂଜା ପାଇଁ ବୁଧବାର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଛି ସ୍ୱତନ୍ତ୍ର ନୀତିକାନ୍ତି। ଭୋର ୪ଟାରେ ମଣିବାବାଙ୍କ ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତି, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ପହିଲି ବାଲ୍ୟଭୋଗ ଲାଗି କରାଯାଇଥିଲା। ପରେ ମୁକ୍ତିମଣ୍ଡପରେ ଥିବା ବାବା ବୁଢାଗଣେଶଙ୍କ ନିକଟରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଘଟ ଉତ୍ତୋଳନ ଓ ଷୋଡଶ ଉପଚାର ପୂଜା ଆରମ୍ଭ ହେବା ସହ ଲାଗି ହୋଇଥିଲା ୧୦୮ ଭୋଗ ଥାଳି। ସେହିପରି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଥିବାର ବେଳେ ଶିବଗଙ୍ଗା ପୁଷ୍କରିଣୀ କୂଳ ଗଜାନନ କମିଟି, ମେଡିକାଲ ଛକ ଗଣେଶ କମିଟି ପକ୍ଷରୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି।

## ଅଗ୍ରପୂଜ୍ୟଙ୍କୁ ଦର୍ଶନ କଲେ ବିଧାୟକ



ବାରିକପୁର, ୨୭ ।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଆଜି ଅଗ୍ରପୂଜ୍ୟ ଗଜାନନ ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ବେଶ ଧୁମଧାମରେ ପାଳିତ ହୋଇଛି। ଏହି ଉପଲକ୍ଷେ ଲୋକପ୍ରିୟ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ଗଣପତିଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ନିର୍ଗୁଣ୍ଡି, ଅନନ୍ତପୁର, ରାଜେନ୍ଦ୍ରପୁର ପ୍ରମୁଖ ସ୍ଥାନରେ ଯୁ୍ୱକ ସଂଘ ପକ୍ଷରୁ ପୂଜା ପାଉଥିବା ଶ୍ରୀ ଗଣେଶଙ୍କୁ ଆଜି ସନ୍ଧ୍ୟାରେ ବିଧାୟକ ଦର୍ଶନ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଂଚ ସତ୍ୟବ୍ରତ ପାଲ, ସମିତି ସଭ୍ୟ ଜଗତ ଜୀବନ ବାରିକ, ବରିଷ୍ଠ ନେତା ସୁରେନ୍ଦ୍ର ପାଲଙ୍କ ସମେତ ସ୍ଥାନୀୟ ଯୁବକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଅଟୋ-ବାଇକ ଧକ୍କା, ଯୁବକ ମୃତ



ତିହିଡି, ୨୭ ।୮ (ସମିସ): ତିହିଡି କୋହ୍ଲ ଛକରେ ଅଟୋ ବାଇକ ମୁହାଁମୁହିଁ ଧକ୍କା ଫଳରେ ଜଣେ ଯୁବକ ଅସୁରାଳୀ ନେଞ୍ଜରା ଗାଁ ଅଲେଖ ମଲ୍ଲିକ(୨୬)ଙ୍କ ମୃତ୍ୟୁ ଘଟିଛି। ନେଞ୍ଜରା ଗାଁର ଲୋକନାଥ ମଲ୍ଲିକଙ୍କ ସେ ପୁତ୍ର। ଘଟଣା ସ୍ଥଳରୁ ଅଟୋ ଡ୍ରାଇଭର ଫେରାର ହୋଇଥିବା ବେଳେ ତିହିଡି ପୁଲିସ ଘଟଣାରେ ମାମଲା ରୁଜୁ କରି ଅଟୋ ଜବତ କରିଛି।






# ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।
-ଖଲିଲ୍ ଗିର୍ବାନ୍

ସକାଳ
THE SAKALA

## ଆସ୍ଥା ଓ ବିଶ୍ୱାସ ସଙ୍କଟ

ବ୍ୟବସ୍ଥା ଉପରୁ ଆସ୍ଥା ଓ ବିଶ୍ୱାସ ତୁଟିଯିବା ଭଳି ପରିସ୍ଥିତି ଉପୁଜିବାକୁ ନ ଦେବା ହିଁ କ୍ଷମତାକେନ୍ଦ୍ରର ଦାୟିତ୍ୱ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସମୁଦାୟର ଭରସା ଉପରେ ନିର୍ଭର କରେ କ୍ଷମତା ହାସଲ କରିବା। ଏଥିସକାଶେ ଆବଶ୍ୟକ ନାଗରିକଙ୍କ ମତାଧିକାର ଅକ୍ଷୁଣ୍ଣ ରଖିବା ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା। ଯେତେବେଳେ କ୍ଷମତା ହାସଲ ବା ଦଖଲ ଅନିବାର୍ଯ୍ୟ ହୋଇପଡ଼େ ସେତେବେଳେ ତଥାକଥିତ ଅଧିକାର ଓ ନିରପେକ୍ଷତା ହନନ ହେବା ଥୟ। ଇଏ ହେଉଛି ସମୟ ସମୟର କଥା। ନିରଙ୍କୁଶ କ୍ଷମତା ପାଇଁ ପରିବେଶ ଓ ପରିସ୍ଥିତିକୁ ଅନୁକୂଳ କରିପାରିଲେ ଜନମତର ଗତି ଯୁଆଡ଼େ ଯାଉଛି ଯାଉ, ଶାସନର ଲଗାମ ହାତକୁ ଆସିବ ହିଁ ଆସିବ। ଏଭଳି ଏକ ମାନସିକତା ନେଇ କ୍ଷମତାକେନ୍ଦ୍ର ଯେତେବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣେ ସେତେବେଳେ ବିଦ୍ରୋହ ଓ ବିଦ୍ୱେଷ ଉପୁଜିବା ସ୍ୱାଭାବିକ। କିନ୍ତୁ ଏହା ଶେଷ କଥା ନୁହେଁ। ଶାସନ ବ୍ୟବସ୍ଥାର ସବୁ ତନ୍ତ୍ର ବିରୋଧରେ ମିଳିତ ଭାବେ ଲଢ଼େଇ କରିବା ଏତେ ସହଜ ନୁହେଁ। ବ୍ୟବସ୍ଥା ବଦଳାଇବା ଜରୁରୀ। ବ୍ୟବସ୍ଥା ବଦଳିଲେ ମତଦାତା ନିଜ ହିସାବରେ ନେତା ଓ କ୍ଷମତା ନିର୍ଦ୍ଧାରଣ କରିବେ। ନିରଙ୍କୁଶ କ୍ଷମତା ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ପାଇଁ ସର୍ବୋଚ୍ଚ ତ୍ୟାଗ ଓ ବଳିଦାନ ପ୍ରତି ଅଙ୍ଗୀକାର ଥିବା ନେତୃତ୍ୱର ଆବଶ୍ୟକତା ଏବେ ମଧ୍ୟ ରହିଛି। ସମୟ କହିବ ଏହି ଆବଶ୍ୟକତା ପୂରଣ କରିବାକୁ ଏବେର ନେତୃତ୍ୱ କେତେଦୂର ସମର୍ଥ।

ଦେଶର ଅନ୍ୟତମ ଅନଗ୍ରସର ରାଜ୍ୟ ରୂପେ ବିହାର ପରିଚିତ। କେବଳ ଦାରିଦ୍ର୍ୟ ନୁହେଁ ଶିକ୍ଷାକ୍ଷେତ୍ରରେ ମଧ୍ୟ ପଛୁଆ। ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ରାଜ୍ୟ ବାହାରେ ଜୀବନ ଓ ଜୀବିକା ନିର୍ବାହ ବିହାର ଅଧିବାସୀଙ୍କ ସମସ୍ୟା ଦେଶରେ ସର୍ବାଧିକ। ବେକାରୀ ଓ କର୍ମନିଯୁକ୍ତି ଅଭାବ ରହିଛି ଏହାର ପୃଷ୍ଠଭାଗରେ। ଅଥଚ ରାଜନୈତିକ ଦୃଷ୍ଟିରୁ ରାଜ୍ୟବାସୀ ସବୁଠାରୁ ଅଧିକ ସଚେତନ। ତେଣିକି ସେ ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ପରବର୍ତ୍ତୀ ପରିସ୍ଥିତିରେ କୁଶାସନ ଓ ବ୍ୟବସ୍ଥାଗତ ଅସନ୍ତୁଳନ ବିରୋଧରେ ଦେଶକୁ ସଂଗ୍ରାମର ଆଲୋକବର୍ତ୍ତିକା ଦେଖାଇଛନ୍ତି ବିହାରବାସୀ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସେତେବେଳେ ଜରୁରୀ ହୋଇପଡ଼ିଥିଲା। ଦୁର୍ନୀତି ଓ ପ୍ରଶାସନିକ ବିଶୃଙ୍ଖଳା ବିରୋଧରେ ଜୟପ୍ରକାଶ ନାରାୟଣ ୧୯୭୪ରେ ଯେଉଁ ଛାତ୍ର ଓ ଯୁବ ସଂଗଠନକୁ ନେଇ ସଂଗ୍ରାମ ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ପର୍ଯ୍ୟାୟରେ 'ସମ୍ପୂର୍ଣ୍ଣ କ୍ରାନ୍ତି'ର ରୂପ ନେଇଥିଲା। ସଂଯୋଗବଶତଃ ଠିକ୍ ସେହି ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆହ୍ଲାବାଦ ହାଇକୋର୍ଟରେ ନିର୍ବାଚନ ମାମଲା ହାରିଯାଇଥା'ନ୍ତି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସେ ଦେଶରେ ୧୯୭୫ ଜୁନ୍ ୨୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ। 'ସମ୍ପୂର୍ଣ୍ଣ କ୍ରାନ୍ତି'ରେ ଯୋଡ଼ି ହୋଇଥିବା ବିରୋଧୀ ଦଳ ନେତା ଓ ଯୁବ ନେତୃତ୍ୱକୁ ଜେଲ୍ ପଠାଇବା ଘଟଣା ଦେଶର ରାଜନୈତିକ ସ୍ତରରେ ଏକ ନାଟକୀୟ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କଲା। ଦେଶରେ ଅଣକଂଗ୍ରେସ ମିଳିତ ସରକାରର ଭିତ୍ତିଭୂମି ପଡ଼ିଥିଲା ସେହି ସମୟରେ। ଇନ୍ଦିରାଙ୍କ ନିର୍ବାଚନ ପରାଜୟ ପରେ କ୍ଷମତାସୀନ ଜନତା ପାର୍ଟି ସରକାର ମାତ୍ର ୩ ବର୍ଷ ପାଇଁ ତିଷ୍ଠି ଥିଲା। ଏସବୁ ସତ୍ତ୍ୱେ ଯିଏ ଯେତେ କ୍ଷମତାଶାଳୀ ହେଉନା କାହିଁକି ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେତେବେଳେ ଐକ୍ୟବଦ୍ଧ ଭାବେ ଲଢ଼ିବେ ସେ କ୍ଷମତାଚ୍ୟୁତ ହେବା ଏକପ୍ରକାର ନିଶ୍ଚିତ। ତାହା ଥିଲା ଏକ ପ୍ରୟୋଗ ଓ ପରୀକ୍ଷା। ସମୟକ୍ରମେ ତାହା ସଫଳତା ଲାଭ କରିଥିବାର ଦୃଷ୍ଟାନ୍ତ ରହିଛି।

ବିହାର ବିଧାନସଭାର ଦୁଇମାସ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ଯାଞ୍ଚ (ଏସ୍ଆଇଆର) ଘୋଷଣା କରି ଯେଉଁ ପଦକ୍ଷେପ ନେଲେ ତାହା ତାଙ୍କର ନିଷ୍ଠା ଓ ଆନ୍ତରିକତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଲୋକସଭା ନିର୍ବାଚନ ପୂର୍ବରୁ ଯାଞ୍ଚ ହୋଇଥିବା ଭୋଟର ତାଲିକାର ଏତେ ତରବରିଆ ଭାବେ ପୁଣି ବ୍ୟାପକ ଯାଞ୍ଚର ଆବଶ୍ୟକତା କ'ଣ ଥିଲା? ଯେଉଁ ଉଦ୍ଦେଶ୍ୟ ଆନୁଷ୍ଠାନିକ ଭାବେ ଦର୍ଶାଯାଇଥିଲା ତାହା ମଧ୍ୟ ସଠିକ ପରିଲକ୍ଷିତ ହୋଇନାହିଁ। ପ୍ରଚଳିତ ତାଲିକାରୁ ୬.୫ ନିୟୁତ ଭୋଟରଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କୁ ମୃତ ଦର୍ଶାଯିବା ଘଟଣା ନେଇ ଯେତେ ସ୍ପଷ୍ଟୀକରଣ ଦିଆଯାଉନା କାହିଁକି ତାହା କାହାର ହୃଦ୍‌ବୋଧ ହୋଇନାହିଁ। ଏହି ପ୍ରେକ୍ଷାପଟ୍ଟରେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନରେ ପ୍ରସ୍ତୁତ ଭୋଟର ତାଲିକାରେ ଜାଲିଆତି ସମ୍ପର୍କରେ ତଥ୍ୟ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ବିହାର ଏସ୍ଆଇଆର ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଭୋଟ ଅଧିକାର ଯାତ୍ରା' ସମଗ୍ର ବିହାରରେ ରାଜନୈତିକ ଉଦ୍‌ବେଳନ ସୃଷ୍ଟି କରିଛି। ସମଗ୍ର ଦେଶରେ ବିରୋଧୀ ରାଜନେତା ଗୋଟିଏ ମଞ୍ଚରେ ଏକତ୍ର ହୋଇ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ଭବିଷ୍ୟତ କ'ଣ ହେବ ସେ ନେଇ କିଛି ଟିପ୍ପଣୀ ଦେବାର ଆବଶ୍ୟକତା ନାହିଁ। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି' ଓ ରାହୁଲ୍‌ଙ୍କ 'ଭୋଟ ଅଧିକାର ଯାତ୍ରା' ସଂଯୋଗବଶତଃ ସେହି ବିହାରରୁ ଆରମ୍ଭ ହୋଇଛି। ତାହା ଥିଲା ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୋଧରେ। ଏବେ କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରେ ଇନ୍ଦିରାଙ୍କ ନାତି ରାହୁଲ୍ ପ୍ରଚଳିତ ଶାସନରେ ପରିବର୍ତ୍ତନ ଆଣିବା ସକାଶେ ଜନସମୁଦାୟକୁ ଐକ୍ୟବଦ୍ଧ ଭାବେ ସଂଗ୍ରାମର ନେତୃତ୍ୱ ଦେଉଛନ୍ତି। ୫୧ ବର୍ଷ ବ୍ୟବଧାନରେ କ୍ରମେ ପରିପକ୍ୱ ହେଉଥିବା ଭାରତୀୟ ଗଣତନ୍ତ୍ରରେ ପରିଲକ୍ଷିତ ବିଲକ୍ଷଣ ପୁଣି ଥରେ ସଂଗ୍ରାମ ସକାଶେ ବାଧ୍ୟବାଧକତା ସୃଷ୍ଟି କରିଛି।

ଏହାକୁ ଯଦି ଆମେ କ୍ଷମତାକୈନ୍ଦ୍ରିକ ଲଢ଼େଇ କହୁ ତେବେ ନିର୍ବାଚନ ଆୟୋଗଙ୍କ ଭୂମିକା ସ୍ପଷ୍ଟ ହେବା ଉଚିତ। ଘଟଣାକ୍ରମ ଜନମତକୁ ଅଧିକରୁ ଅଧିକ ପ୍ରଭାବିତ କରୁଥିବାରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ନିରବତା ରକ୍ଷା କରିବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ଯୁକ୍ତି ଓ ଆକ୍ଷେପ ନିରପେକ୍ଷତାର ବହୁଦୂରରେ ଥିଲା। ସତେଯେପରି ସେ ସିଇସି ନଥିଲେ ଜଣେ ଚାବିଦିଆ ପ୍ରଶାସକର ଭୂମିକା ତୁଲାଉଥିଲେ। ଏକତରଫା ସତ୍ୟପାଠ ଓ କ୍ଷମାପ୍ରାର୍ଥନା ଦାବି କରି ସେ ଅଭିଯୋଗ ଓ ଆରୋପର ଯାଞ୍ଚକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମେସିନ୍‌ରେ ପଠନଯୋଗ୍ୟ ଭୋଟର ଡାଟା ପ୍ରକାଶକୁ ରୋକ୍‌ଠୋକ୍ ମନା କରିବା, ପିଡିଏଫ୍ ଫର୍ମାଟରେ ଯାଞ୍ଚର ସୁଯୋଗ ନଥିବା ବେଳେ ସେ ଡାଞ୍ଚାକୁ ଓହ୍ଲାଇ ଆସିବାକୁ ପ୍ରସ୍ତୁତ ନ ହେବା ପଛରେ ସ୍ୱଚ୍ଛ ଓ ନିରପେକ୍ଷ ପ୍ରସଙ୍ଗ ଅସ୍ୱୀକାର କରିବା। ଏଠାରେ ମନେ ରଖିବାକୁ ହେବ ଯେ ନିର୍ବାଚନ ଆୟୋଗ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନ ଆସ୍ଥା ଓ ବିଶ୍ୱାସ ଉପରେ ତିଷ୍ଠି ରହିବ। ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତର ଆଦର୍ଶ ନିର୍ବାଚନ ପରିଚାଳନା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଥିଲା। ଏବର ଘଟଣାବଳୀ ଉପରେ ସମସ୍ତ ବିଶ୍ୱବାସୀଙ୍କ ନଜର ରହିଛି। ଜ୍ଞାନେଶ କୁମାର ଅନ୍ତତଃ ତାହାର ଅମର୍ଯ୍ୟାଦା ନ କରନ୍ତୁ।

## ବରିଷ୍ଠଜନଙ୍କ ନିର୍ଜନତା: ଆଧୁନିକ ମହାମାରୀ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ସାରା ପୃଥିବୀରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ବଢ଼ୁଛି। ଭାରତରେ ପ୍ରତି ଦଶଜଣରେ ଜଣେ ପ୍ରବୀଣ ବା ବୃଦ୍ଧ। ୨୦୫୦ ମସିହା ବେଳକୁ ତାହା ହେବ ପ୍ରତି ପାଞ୍ଚଜଣରେ ଜଣେ। କାରଣ ହାରାହାରି ଆୟୁ ବଢ଼ୁଛି ଏବଂ ଜନ୍ମହାର କମୁଛି। ଆମ ଦେଶରେ ଷାଠିଏ ବର୍ଷ ବୟସ ପରଠାରୁ ବ୍ୟକ୍ତିକୁ ବରିଷ୍ଠ ବା ପ୍ରବୀଣ ବୋଲି କୁହାଯାଏ। ଜରାଚିକିତ୍ସକମାନଙ୍କ ମତରେ ଆମ ଦେଶରେ ବୟସ୍କ ବ୍ୟକ୍ତିମାନେ ଅନେକାଂଶରେ ଅବହେଳିତ। ବିଭିନ୍ନ ସମୀକ୍ଷା, ସମ୍ବାଦପତ୍ରରୁ ମଧ୍ୟ ଏହି ତଥ୍ୟ ମିଳୁଛି। ସାମାଜିକ, ଆର୍ଥିକ, ମାନସିକ ଓ ଶାରୀରିକ ଦିଗରୁ ସେମାନେ କ୍ରମାଗତ ଶିକାର ହୋଇଚାଲିଛନ୍ତି ନିର୍ଯାତନାର। ବଡ଼ ଅନୁଶୋଚନାର ବିଷୟ ଯେ ନିଜ ହାତଗଢ଼ା ପରିବାରରେ ହିଁ ବରିଷ୍ଠ ବ୍ୟକ୍ତିମାନେ ଧୀରେ ଧୀରେ ଅଲୋଡ଼ା ହୋଇପଡୁଛନ୍ତି।

ପରିବାରରେ ସନ୍ତାନମାନଙ୍କ ଦ୍ୱାରା କିମ୍ବା ଚାକରବାକରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନେ ଶାରୀରିକ ନିର୍ଯାତନା ଭୋଗୁଥିବାର ଘଟଣା ଆଜିକାଲି ଆଉ ବିରଳ ନୁହେଁ। ଏପରିକି ଘରେ ବରିଷ୍ଠ ନାଗରିକମାନଙ୍କ ସେବା ଯତ୍ନ କରିବା ପାଇଁ ନିଯୁକ୍ତମାନଙ୍କ ଆଡୁ ବି ମିଳୁଛି ନିର୍ଯାତନା। ନିଜ ସନ୍ତାନମାନଙ୍କ ତାଡ଼ନାର ଶିକାର ହୋଇ ଚାଲୁଥିବା ସତ୍ତ୍ୱେ ଅନେକେ, ବିଶେଷତଃ ମାଆମାନେ, ସନ୍ତାନ ବିରୋଧରେ ପାଟି ଖୋଲିବା ପାଇଁ ଚାହିଁ ନ ଥା'ନ୍ତି।

ବୟସ ବଢ଼ିଲେ ସ୍ୱାଭାବିକ ଭବେ ପ୍ରକାଶ ପାଏ କିଛି ଶାରୀରିକ ସମସ୍ୟା। କାନକୁ ଭଲ ଶୁଣାଯାଏନି। ଆଖିକୁ ଭଲ ଦେଖାଯାଏନି। ଭଲ ଭାବରେ ଚାଲି ହୁଏନି। 'ତୁମକୁ ତ କିଛି ଶୁଣାଯିବନି, ଓଲଟପାଲଟ କରି ଏଣୁତେଣୁ କହିପକେଇବ'- ଏହି ପ୍ରକାରର କଥା କହି ସେମାନଙ୍କୁ ମନା କରାଯାଏ ସାଙ୍ଗରେ ଯିବା ପାଇଁ। ଫଳରେ ସେହି ମଣିଷଟି କ୍ରମଶଃ ନିଜକୁ ସବୁଥିରୁ ଦୂରେଇ ରଖିବା ନିମନ୍ତେ ବାଧ୍ୟ ହୁଏ। ବୟସ୍କମାନଙ୍କୁ ଅନ୍ୟମାନଙ୍କ ସହିତ ମିଳାମିଶା କରିବାକୁ ବାସନ୍ଦ କଲେ ସେମାନେ କ୍ରମେ ହୋଇଉଠନ୍ତି ଅବସାଦଗ୍ରସ୍ତ। ଚିକିତ୍ସକଙ୍କ ପାଖକୁ ନେବା ନିମନ୍ତେ କେହି ଧ୍ୟାନ ନ ଦେବା ଯୋଗୁଁ ସେମାନଙ୍କ ଶାରୀରିକ ସମସ୍ୟା ଆହୁରି ବଢ଼ିଯାଏ।

ଅବସର ପରେ ସମସ୍ତଙ୍କ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛଳତା ନ ଥାଏ। ହୁଏତ ବ୍ୟକ୍ତିଟିର କିଛି ବ୍ୟକ୍ତିଗତ ସଉକ ଥାଏ। କିଛି କିଣି ଖାଇବା ପାଇଁ ତା'ର ଇଚ୍ଛା ହେଉଛି, କିମ୍ବା ଇଚ୍ଛା ହେଉଛି କାହାକୁ କିଛି ଦେବା ପାଇଁ। ହେଲେ ପରିବାର ତରଫରୁ ତା'କୁ ଏଥିପାଇଁ ମନା କରାଯାଉଛି। ବ୍ୟକ୍ତିଟିର କ୍ରୟ କ୍ଷମତା ନାହିଁ ବୋଲି ତା'ର ଇଚ୍ଛା ଅନିଚ୍ଛାକୁ ପରିବାରରେ ଗୁରୁତ୍ୱ ଦିଆଯାଉନି। କିନ୍ତୁ ଗୋଟିଏ ପିଲା କ୍ଷେତ୍ରରେ ପରିବାର ତରଫରୁ ଏପରି ମନୋଭାବ ପୋଷଣ କରାଯାଇ ନ ଥାଏ। ବରିଷ୍ଠମାନଙ୍କ ପ୍ରତି ଏପରି ପାତରଅନ୍ତର ଆଦୌ ବାଞ୍ଛନୀୟ ନୁହେଁ। କେଇଜଣ ଅବା ଜାଣନ୍ତି ମନର କଥା? ଶାରୀରିକ, ସାମାଜିକ ଏବଂ ଆର୍ଥିକ ହୀନସ୍ତା ଧୀରେ ଧୀରେ ଡାକି ଆଣେ ମାନସିକ ସମସ୍ୟାକୁ।

ବୟସ ବଢ଼ିବା ସହିତ ମାନସିକ ଅବସାଦର ସମ୍ପର୍କ ରହିଛି। ଅବଶ୍ୟ ପ୍ରତ୍ୟେକ ବୟସ୍କ ବ୍ୟକ୍ତିର ମାନସିକ ଅବସାଦ ହେବ, ଏପରି ନୁହେଁ। ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମଧ୍ୟରୁ କେହି ଜଣେ ଚାଲିଗଲେଣି, ସନ୍ତାନ ଦୂରରେ ରହେ ବା ନିକଟରେ ଥିଲେ ମଧ୍ୟ ସମୟ ଦେଇ ପାରେନା...। ଏପ୍ରକାରର ନାନା ପରିସ୍ଥିତି ଆଦୌ ବିରଳ ନୁହେଁ। ଏକାକୀତ୍ୱର ସହିତ ଅବସାଦର ଏକ ଗଭୀର ସଂଯୋଗ ରହିଛି। ନିଃସଙ୍ଗତା ବା ଏକାକୀତ୍ୱକୁ କୁହାଯାଉଛି 'ମଡର୍ନ ଏପିଡେମିକ' ବା 'ଆଧୁନିକ ମହାମାରୀ'। ବୟସ୍କ ବ୍ୟକ୍ତିମାନଙ୍କ ଉପରେ ଏକାକୀତ୍ୱର ପ୍ରଭାବ ଆହୁରି ଅଧିକ। କାରଣ ଶରୀର ଦୁର୍ବଳ ହୋଇପଡ଼ିଲେ ଅନ୍ୟ ଉପରେ ନିର୍ଭରଶୀଳତା ବଢ଼ିଯାଏ। ଯାହା ଉପରେ ନିର୍ଭର କରିଥା'ନ୍ତି, ତା'ଠାରୁ ଅବହେଳା ପାଇଲେ ତାହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତେଣୁ ମାନସିକ ଅବସାଦ, ଉତ୍କଣ୍ଠାଜନିତ ଅସୁସ୍ଥତା, ସ୍ମୃତି ହାନି ବା ଡିମେନ୍ସିଆ ଏବଂ ଆଲଜିମର୍ସ ଭଳି ସମସ୍ୟା ନିଃସଙ୍ଗ ବରିଷ୍ଠବ୍ୟକ୍ତିଙ୍କ କ୍ଷେତ୍ରରେ ଅଧିକ।

ମାନସିକ ଅବସାଦ ଆମନ୍ତ୍ରଣ କରି ଆଣେ ଡିମେନ୍ସିଆ ବା ସ୍ମୃତିର ସମସ୍ୟା। ଠିକ ଭାବରେ କଥାବାର୍ତ୍ତା ବା ଭାବ ଆଦାନ ପ୍ରଦାନ କରି ନ ପାରିବା ଏବଂ ଏକାଧିକ କାର୍ଯ୍ୟକୁ ସୁଶୃଙ୍ଖଳ ଭାବରେ ସଂପାଦନ କରି ନ ପାରିବା ମଧ୍ୟ ଏହି ରୋଗର କାରଣ ହୋଇପାରେ। ଯେଉଁ ବ୍ୟକ୍ତିଟି ନିତିଦିନିଆ ଛୋଟଛୋଟ ବିଷୟକୁ ଭୁଲିଯାଏ, ତା'କୁ ଆମେ ନିଜ ଅଜାଣତରେ ବି ଅବହେଳା କରିଥାଉ। କହିଥାଉ ତୁମକୁ କହି କି ଲାଭ, ତୁମେ ତ କିଛି ବି ମନେ ରଖି ପାରୁନ। କିନ୍ତୁ କାନରେ ଭଲ ଶୁଣି ନ ପାରିଲେ ଏବଂ ତାହା ବଢ଼ିଚାଲିଲେ ଜାତ କରିପାରେ ମାନସିକ ଅବସାଦ। କିନ୍ତୁ ତାହା ସ୍ମୃତିହାନି ବୋଲି ଧରିନେବାରେ ବିପଦ ଅଛି।

ଜନୈକ ମହିଳାଙ୍କ ବୟସ ସତୁରି ବର୍ଷରୁ ଊର୍ଦ୍ଧ୍ୱ। ପ୍ରାକ୍ତନ ଶିକ୍ଷିକା। ଶିକ୍ଷିତ ମଧ୍ୟବିତ୍ତ ପରିବାର। ତାଙ୍କରି ଥିଲା କିଛି ମାନସିକ ସମସ୍ୟା। ପୁଅ ଓ ବୋହୂ ନାତିନାତୁଣୀଙ୍କୁ ସତର୍କ କରି କହିଛନ୍ତି - 'ଜେଜେମାଙ୍କ ପାଖକୁ ଯିବନି। ତାଙ୍କର ମୁଣ୍ଡ ଠିକ୍ ନାହିଁ। ତାଙ୍କ ପାଖକୁ ଗଲେ ତୁମର ପଢ଼ାଶୁଣାରେ କ୍ଷତି ହେବ।' ଏହିପରି ଭାବରେ ଅଲଗା କରି ରଖିବା ଏବଂ ପାରିବାରିକ ତଥା ସାମାଜିକ ସମାବେଶରେ ସାମିଲ ନ କରେଇବା ମଧ୍ୟ ମାନସିକ ହତାଦର। ସବୁ ସମୟରେ ଯେ ଇଚ୍ଛାକୃତ ଭାବରେ ଅବହେଳା ବା ହତାଦର କାଯାଇଥାଏ, ତାହା ନୁହେଁ। ଅଜ୍ଞତା ଯୋଗୁଁ ମଧ୍ୟ ଏପରି ହୋଇଯାଇପାରେ। ତେଣୁ ଏସବୁକୁ ନେଇ ମନୋବିଜ୍ଞାନୀ ଓ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିରାପଦ।

ବୟସ ବଢ଼ିଲେ ଶାରୀରିକ ଓ ଆର୍ଥିକ ନିର୍ଭରଶୀଳତା ଅପେକ୍ଷା ବେଶୀ ବଢ଼ିଥାଏ ମାନସିକ ନିର୍ଭରଶୀଳତା। ସମର୍ଥ ବରିଷ୍ଠ ବ୍ୟକ୍ତିମାନେ ଚାହିଁଥା'ନ୍ତି ଦିନମାନ ଭିତରେ କୌଣସି ନା କୌଣସି ସମୟରେ ସେମାନଙ୍କ ପୁଅଝିଅ ଓ ନାତିନାତୁଣୀଙ୍କ ସହିତ ସମୟ କଟେଇବା ପାଇଁ। ବୁଢ଼ାବୁଢ଼ୀଙ୍କ ଦେଖାଶୁଣା କରିବା ପାଇଁ ପରିବାରର ଲୋକ ଅନ୍ୟମାନଙ୍କୁ ଦରମାଦେଇ ନିଯୁକ୍ତି କରିଥା'ନ୍ତି କେତେକ ପରିବାରରେ। ଜନ୍ମଦିନରେ ଉପହାର ଆଣି ଦିଅନ୍ତି। ହେଲେ ଏସବୁ ସେମାନଙ୍କୁ ଯଥାର୍ଥ ତୃପ୍ତି ଦେଇ ନ ଥାଏ। ଦରମା ନେଇ ନିଯୁକ୍ତ ହୋଇଥିବା ସେବାକାରୀଙ୍କଠାରୁ ବି ନିର୍ଯାତନା ପାଇବାର ଉଦାହରଣ ଭୂରି ଭୂରି।

ତେଣୁ ପରିବାରର ବାପାମାଆ ଓ ଅଜାଆଈଙ୍କ ସହ ବିତେଇବା ପାଇଁ କିଛି ସମୟ ନିର୍ଦ୍ଦିଷ୍ଟ କରିଦେବାର ପ୍ରୟୋଜନୀୟତା ରହିଛି। ସେମାନଙ୍କ ପାଖରେ ବସି ସେମାନଙ୍କ ସହିତ ଗପସପ କରନ୍ତୁ। ଭଲମନ୍ଦ ପଚାରି ବୁଝନ୍ତୁ। ସେମାନଙ୍କ କଥା ମନ ଦେଇ ଶୁଣନ୍ତୁ। ଅବଶ୍ୟ ପ୍ରତ୍ୟେକ ପରିବାରର ସମସ୍ୟାରେ ପାର୍ଥକ୍ୟ ରହିଛି। ମାତ୍ର ନିଜର ସମସ୍ୟାକୁ ଚାହିଁ ବରିଷ୍ଠ ବ୍ୟକ୍ତିମାନଙ୍କ ନିମିତ୍ତ ସମୟ ସ୍ଥିର କରିବା ଉଚିତ। ସେମାନଙ୍କ ଗହଣରେ ସମୟ ବିତେଇବାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। ତା'ଛଡ଼ା ପରିବାରରେ ଥା'ନ୍ତି ବିଭିନ୍ନ ପ୍ରଜନ୍ମର ସଦସ୍ୟ। ପ୍ରତ୍ୟେକଙ୍କ ମଧ୍ୟରେ ସୁସ୍ଥ ସ୍ୱାଭାବିକ ସଂପର୍କ ରକ୍ଷା କରିବା ଖୁବ୍ ଜରୁରୀ। ପରିବାରର ଛୋଟ ସଦସ୍ୟମାନଙ୍କ ସହିତ ବରିଷ୍ଠ ସଦସ୍ୟମାନଙ୍କର ସୁସମ୍ପର୍କ ତଥା ସୁସଂଯୋଗ ଥିଲେ ବରିଷ୍ଠମାନଙ୍କ ପ୍ରତି ହତାଦର ତଥା ଅବହେଳା ଅନେକାଂଶରେ ଏଡ଼ାଇଦେଇ ହୁଏ। ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ବନ୍ଦ କରିବାର ଅନ୍ୟତମ ଉପାୟ ସଚେତନତା ବୃଦ୍ଧି। ଏହା ସଙ୍ଗେ ସଙ୍ଗେ ବରିଷ୍ଠମାନଙ୍କ ମନକୁ ଭଲ ରଖିବାର ଦାୟିତ୍ୱ ମଧ୍ୟ ନେବାକୁ ପଡ଼ିବ। ବରିଷ୍ଠ ନାଗରିକମାନେ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏକାଠି ହୋଇ ପରସ୍ପର ମଧ୍ୟରେ ଗପସପ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ କରିବା, ଅସୁସ୍ଥ ସହଯୋଗୀଙ୍କ ଚିକିତ୍ସାରେ ସାହାଯ୍ୟ କରିବା, ଆଇନ ଅଦାଲତର ବ୍ୟବସ୍ଥାରେ ସହଯୋଗ କରିବାର ଆବଶ୍ୟକତା ରହିଛି। ଯେଉଁ ପରିବାରରେ କୌଣସି ବରିଷ୍ଠ ବ୍ୟକ୍ତି ଅବହେଳିତ ହେଉଥିବାର ଜାଣିଲେ ସେହି ପରିବାରର ସଦସ୍ୟମାନଙ୍କୁ ଭେଟି ଗଠନମୂଳକ ପରାମର୍ଶ ଦେଇ ପ୍ରତିକାର ବ୍ୟବସ୍ଥା କରାଯାଇପାରେ।

ତେବେ ବୟସ୍କମାନେ ନିଜର ପ୍ରକୃତ ବୟସକୁ ଭୁଲି ୬୦ ବର୍ଷ ବୟସ ପରେ ୬୧, ୬୨, ୬୩ ବର୍ଷ ଇତ୍ୟାଦିକୁ ଯଥାକ୍ରମେ ୧ ବର୍ଷ, ୨ ବର୍ଷ, ୩ବର୍ଷ... ବୋଲି କହିବାଟା ଆନନ୍ଦଦାୟକ, ହାସ୍ୟୋଦ୍ଦୀପକ ଏବଂ ଇତିବାଚକ ମାନସିକତା। ସୁସ୍ଥ ଭାବରେ ରହିବା ପାଇଁ ସକାରାତ୍ମକ ମନୋଭାବ ପୋଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକଦା ଯେଉଁ ଅଜାଆଈ କି ବାପାମାଆ ଥିଲେ ପରିବାରର କର୍ତ୍ତା ଓ କର୍ତ୍ତ୍ରୀ, ସେମାନେ ଯେପରି ନିଜନିଜର ଅବଶିଷ୍ଟ ଜୀବନକାଳ ସମ୍ମାନର ସହ ବଞ୍ଚିରହିବେ - ଏହା ଦେଖିବା ପରିବାରର ଅନ୍ୟମାନଙ୍କର ନୈତିକ କର୍ତ୍ତବ୍ୟ। ଜାଣି ରଖନ୍ତୁ ଯେ ବୟସଟା ଏକ ସଂଖ୍ୟା ମାତ୍ର। ତା'କୁ ପ୍ରାଧାନ୍ୟ ନ ଦେଇ କିଭଳି ଆହୁରି ଭଲ ଭାବରେ ଜୀବନଟା କଟେଇ ହେବ, ଏହା ଦେଖିବାର ଦାୟିତ୍ୱ ସମସ୍ତଙ୍କର।

କଟକ, ମୋ: ୯୪୩୭୭୬୬୧୧୭

## ସଂସ୍କୃତି-ସଂପ୍ରୀତିର ମହୋତ୍ସବ ନୂଆଖାଇ

**ନିହାର ରଞ୍ଜନ ସାବତ**

ପବିତ୍ର ଭାରତ ଭୂମିରେ ଯେଉଁ ଅସଂଖ୍ୟ ସାଂସ୍କୃତିକ ପରମ୍ପରାଗୁଡ଼ିକ ଯୁଗ ଯୁଗ ଧରି ଚାଲି ଆସିଛି, ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଆଧାରବିଶିଷ୍ଟ ଉତ୍ସବ ରୂପେ ପ୍ରତିଷ୍ଠିତ ଓଡ଼ିଶାର ପଶ୍ଚିମାଞ୍ଚଳର ଗଣପର୍ବ 'ନୂଆଖାଇ' ଅନ୍ୟତମ। 'ନୂଆ' ଅର୍ଥାତ୍ 'ନବ' ଏବଂ 'ଖାଇ' ଅର୍ଥାତ୍ 'ଭୋଜନ' ପରି ଦୁଇଟି ସରଳ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଥିବା 'ନୂଆଖାଇ' ଶବ୍ଦଟି କେବଳ ଭାଷାଗତ ସଂଯୋଜନା ନୁହେଁ, ବରଂ ଏହା ହେଉଛି ମାନବ ସଭ୍ୟତାର ମୌଳିକ ଆଦର୍ଶ, ପ୍ରକୃତି ସହିତ ସାମଞ୍ଜସ୍ୟ, ଆଧ୍ୟାତ୍ମିକ ଉନ୍ନତି ଓ ସାମାଜିକ ଐକ୍ୟର ଏକ ଅତୁଳନୀୟ ସମ୍ମିଶ୍ରଣ। ଏହି ଉତ୍ସବ କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ, ବରଂ ଏହା ପ୍ରକୃତିମାତାଙ୍କର ଅପାର କରୁଣା, କୃଷକମାନଙ୍କର ନିରନ୍ତର ସଂଘର୍ଷ, ପରିବାର ଓ ସମାଜର ଦୃଢ଼ ସଂହତି ଏବଂ ଈଶ୍ୱରଙ୍କ ପ୍ରତି ଅସୀମ ଭକ୍ତି ଓ କୃତଜ୍ଞତାର ସୁନ୍ଦର ମିଶ୍ରଣ କରାଉଥିବା ଏକ ବ୍ୟାପକ ଜୀବନଦର୍ଶନର ପରିପ୍ରକାଶ। ବୈଦିକ ଯୁଗର ଗଭୀରତମ ତତ୍ତ୍ୱରୁ ଆରମ୍ଭ ହୋଇ ଆଜିର ଆଧୁନିକ ଯୁଗର ଆହ୍ୱାନ ମଧ୍ୟରେ ନିଜର ପ୍ରାସଙ୍ଗିକତା ବଜାୟ ରଖିଥିବା ଏହି ଅନୁପମ ପରମ୍ପରା ଯୁଗ ଯୁଗ ଧରି ଅଗଣିତ ଲୋକଙ୍କ ହୃଦୟରେ ଆଶା, ଉତ୍ସାହ ଓ ଆଧ୍ୟାତ୍ମିକ ଆନନ୍ଦର ସଞ୍ଚାର କରିଆସୁଛି।

ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ ଓ ତେଲ ଇତ୍ୟାଦି ନଦୀର ପବିତ୍ରଜଳ ଦ୍ୱାରା ସେଚିତ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାର ଏକ ବିସ୍ତୀର୍ଣ୍ଣ କୃଷିଭିତ୍ତିକ ଅଞ୍ଚଳରେ ବିପୁଳ ପାରମ୍ପରିକ ଉତ୍ସାହ, ଉଦ୍ଦୀପନା, ଶ୍ରଦ୍ଧା ଓ ଭକ୍ତିର ସହିତ ନୂଆଖାଇ ଉତ୍ସବ ପାଳିତ ହୋଇଥାଏ। କୃଷକମାନେ ଖୁବ ଧରିଆସୁଥିବା ଧାନକେଣ୍ଡାର ଗର୍ଭଣା ଅଂଶ ପ୍ରଥମ ଅର୍ଘ୍ୟ ସ୍ୱରୂପ ମା'ଙ୍କୁ ଅର୍ପଣ କରନ୍ତି। ଏଥିସହିତ ଛୋଟଛୋଟ ପଡ଼ାଗାଁଠାରୁ ଆରମ୍ଭ କରି ବଡ଼ବଡ଼ ସହର ପର୍ଯ୍ୟନ୍ତ, ସବୁ ପରିବାର, ସବୁ ବର୍ଗରେ ଏହା ଏକ ଅତ୍ୟନ୍ତ ପବିତ୍ର, ଭକ୍ତିମୟ ଆଧ୍ୟାତ୍ମିକ ଉତ୍ସବ ରୂପେ ପାଳନ କରାଯାଏ। ଏହାର ସାଂସ୍କୃତିକ ପ୍ରଭାବ କେବଳ ଓଡ଼ିଶାର ସୀମାରେ ସୀମିତ ନହୋଇ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ଼, ବସ୍ତର, ରାୟପୁର, ବିଲାସପୁର ଓ ଦୁର୍ଗ, ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ, ଷଢ଼େଇକଳା, ଖରସୁଆଁ, ରାଞ୍ଚୀ ଓ ହଜାରୀବାଗ ଭଳି ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ। ଏଠାରେ ସମ୍ବଲପୁରୀ-କୋଶଳୀ ଓ ଅନ୍ୟାନ୍ୟ ସ୍ଥାନୀୟ ଭାଷାଭାଷୀ ଲୋକମାନେ ନିଜ ନିଜ ଭାଷାଗତ ବିଶେଷତ୍ୱ ସହିତ ଏହି ପର୍ବକୁ ପାଳନ କରି ସାଂସ୍କୃତିକ ବୈଚିତ୍ର୍ୟ ମଧ୍ୟରେ ଏକ ଅପୂର୍ବ ସୁସଙ୍ଗତି ସୃଷ୍ଟି କରନ୍ତି।

ନୂଆଖାଇ ପର୍ବର ପୌରାଣିକ ତଥା ଐତିହାସିକ ପୃଷ୍ଠଭୂମି ଅତ୍ୟନ୍ତ ପ୍ରାଚୀନ, ଗୌରବମୟ ଓ ବିବିଧ ସାଂସ୍କୃତିକ ପରମ୍ପରାର ସମନ୍ୱୟରେ ସମୃଦ୍ଧ। ଦେବଯଜ୍ଞ (ଦେବତାଙ୍କ ଆରାଧନା), ପିତୃଯଜ୍ଞ (ପିତୃପୁରୁଷଙ୍କ ସ୍ମରଣ), ବ୍ରହ୍ମଯଜ୍ଞ (ବିଦ୍ୟାଚର୍ଚ୍ଚା), ମନୁଷ୍ୟଯଜ୍ଞ (ଅତିଥି ସେବା) ଓ ଭୂତଯଜ୍ଞ (ଜୀବଜନ୍ତୁଙ୍କ କଲ୍ୟାଣ) ଭଳି ପାଞ୍ଚଟି ମୌଳିକ କାର୍ଯ୍ୟକଳାପକୁ ନେଇ ଗଠିତ ବୈଦିକ ଯୁଗର 'ପଞ୍ଚଯଜ୍ଞ' ସଂକଳ୍ପ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଏହି 'ପଞ୍ଚଯଜ୍ଞ' କେବଳ ବ୍ୟକ୍ତିଗତ ଆଧ୍ୟାତ୍ମିକ ସାଧନା ନୁହେଁ, ବରଂ ସମଗ୍ର ସମାଜର କଲ୍ୟାଣ, ପ୍ରକୃତି ସହିତ ସାମଞ୍ଜସ୍ୟ ଓ ବ୍ରହ୍ମାଣ୍ଡର ଶାଶ୍ୱତ ନିୟମ ସହିତ ମାନବଜୀବନର ସମନ୍ୱୟ ରକ୍ଷା କରିବାର ଏକ ସୁନ୍ଦର ପଦ୍ଧତି। ଏହି ସମସ୍ତ ଉପାଦାନ ନୂଆଖାଇ ପର୍ବରେ ବିଦ୍ୟମାନ ଥିବାରୁ ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ।

ଐତିହାସିକ ତଥ୍ୟ ଅନୁସାରେ, ପାଟଣାଗଡ଼ର ପ୍ରଥମ ଚୌହାନ ରାଜା ରମାଇ ଦେବ 'ନୂଆଖାଇ'କୁ ରାଜକୀୟ ସ୍ୱୀକୃତି ପ୍ରଦାନ କରି ଏହାକୁ ଏକ ଗଣପର୍ବର ମର୍ଯ୍ୟାଦା ଦେଇଥିଲେ। ଧାର୍ମିକ ସମନ୍ୱୟ ସହିତ ସାମାଜିକ ଐକ୍ୟ, ସାଂସ୍କୃତିକ ଏକତା ଓ ରାଜନୈତିକ ସ୍ଥିରତା ଆଣିବା ନିମନ୍ତେ ଏହା ଥିଲା ଏକ ମହତ ପ୍ରୟାସ। ବିଭିନ୍ନ ରାଜବଂଶର ପ୍ରତ୍ୟକ୍ଷ ପୃଷ୍ଠପୋଷକତା, କବି ଓ ପଣ୍ଡିତମାନଙ୍କର ବୌଦ୍ଧିକ ସମର୍ଥନ ଏବଂ ଜନସାଧାରଣଙ୍କର ଆନ୍ତରିକ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସମନ୍ୱୟରେ ଏହା ଏକ ଗଣପର୍ବର ରୂପ ନେଇଥିଲା। 'ନୂଆଖାଇ ଭେଟଘାଟ' ଏହି ମହାନ୍ ପର୍ବର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ, ହୃଦୟସ୍ପର୍ଶୀ ଓ ସାମାଜିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗଠନମୂଳକ ଦିଗ। ସମସ୍ତ ଭେଦଭାବ ଭୁଲି ଏହି ଅନୁପମ ସମାବେଶରେ ଲୋକମାନେ ପରସ୍ପରକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା, ବୟୋଜ୍ୟେଷ୍ଠମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ, କନିଷ୍ଠମାନଙ୍କୁ ସ୍ନେହ ଓ ଆଦର ପ୍ରଦାନ, ପାରମ୍ପରିକ ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ, ଲୋକସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଚିତ୍ତ ବିନୋଦନ ତଥା ସାମୂହିକ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା ମାଧ୍ୟମରେ ସାମାଜିକ ବନ୍ଧନକୁ ଅଧିକରୁ ଅଧିକ ଦୃଢ଼, ଗଭୀର ଓ ସ୍ଥାୟୀ କରି ଗଢ଼ିତୋଳନ୍ତି।

ନୂଆଖାଇ ପର୍ବର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଅର୍ଥବ୍ୟବସ୍ଥା, ସ୍ଥାନୀୟ ବାଣିଜ୍ୟ, ହସ୍ତତନ୍ତ ଶିଳ୍ପ, କୃଷିଜାତ ଦ୍ରବ୍ୟର ବିତରଣ ଓ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ବ୍ୟବହାର ଓ ଜୈବ ବିବିଧତା ହ୍ରାସ ଭଳି ବଡ଼ ସମସ୍ୟାମାନଙ୍କର ସମାଧାନ କ୍ଷେତ୍ରରେ ପ୍ରକୃତି ସହିତ ସାମଞ୍ଜସ୍ୟ, କୃଷି ଓ ପରିବେଶ ପ୍ରତି ସମ୍ମାନ, ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟ ଓ ପାରମ୍ପରିକ କୌଶଳ ପ୍ରତି ନିର୍ଭରଶୀଳତା ଭଳି 'ନୂଆଖାଇ' ପର୍ବର ମୌଳିକ ଦର୍ଶନଗୁଡ଼ିକ ଦିଗଦର୍ଶନ ପ୍ରଦାନ କରିଥା'ନ୍ତି। ଏହା ଆମର ଅତୀତର ଗୌରବମୟ ଐତିହ୍ୟ, ବର୍ତ୍ତମାନର ଜୀବନ୍ତ ବାସ୍ତବତା ଓ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନାର ଏକ ଅପୂର୍ବ, ସମ୍ପୂର୍ଣ୍ଣ ଓ ସୁସଙ୍ଗତ ସମନ୍ୱୟ।

ଆଜିର ଯୁଗରେ ଯେତେବେଳେ ଅତ୍ୟାଧୁନିକ ଯନ୍ତ୍ରଯୁଗ, ଅନିୟନ୍ତ୍ରିତ ବସ୍ତୁବାଦ, ଅସୀମ ଭୋଗବିଳାସ ଓ ଆତ୍ମକୈନ୍ଦ୍ରିକ ଜୀବନଦର୍ଶନ ମାନବୀୟ ମୂଲ୍ୟବୋଧ, ପାରସ୍ପରିକ ସମ୍ପର୍କ, ପ୍ରାକୃତିକ ସନ୍ତୁଳନ ଓ ଆଧ୍ୟାତ୍ମିକ ଚେତନାକୁ ଗଭୀର ସଙ୍କଟରେ ପକାଇ ଦେଇଛି, 'ନୂଆଖାଇ' ଭଳି ପାରମ୍ପରିକ ଉତ୍ସବର ଚିରନ୍ତନ ବାର୍ତ୍ତା, ପ୍ରାଚୀନ ଜ୍ଞାନ ଓ ସାମଗ୍ରିକ ଜୀବନଦର୍ଶନ ଆମକୁ ପ୍ରକୃତ ସୁଖ, ଶାନ୍ତି, ସଂପ୍ରୀତି ଓ ସମୃଦ୍ଧିର ପଥ ଦେଖାଇବାରେ ଅତୁଳନୀୟ ଭୂମିକା ଗ୍ରହଣ କରିଥାଏ।

ଭୁବନେଶ୍ୱର, ମୋ: ୯୭୭୭୦୧୧୯୬୮

## ସାହିତ୍ୟ-ସୈନିକ ଦତ୍ତାତ୍ମା ଦୟାନିଧି ମିଶ୍ର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ପରାଧୀନ ଭାରତବର୍ଷରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ହେଲା ପୁଣି ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିକୃତି? ଏପରି ଦୁଃସାହସିକ କାର୍ଯ୍ୟ କାହା ଦ୍ୱାରା ସମ୍ଭବ? ଏ ପ୍ରଶ୍ନ ସୃଷ୍ଟି କରିଥିଲା ସମସ୍ତଙ୍କ ମନରେ ତୁମୁଳ ଆଲୋଡ଼ନ। ଏକଥା ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ ଏହି ଅପୂର୍ବ ଶକ୍ତି ପ୍ରଦର୍ଶନ କରିଛନ୍ତି ସଂଗ୍ରାମୀ ସାହିତ୍ୟ ସାଧକ ଦୟାନିଧି ମିଶ୍ର। ସେତେବେଳେ ସେ କଟକ ରେଭେନ୍ସା କଲେଜ ଛାତ୍ର। ପରିପୂର୍ଣ୍ଣ ଯୌବନ-ନଦୀରେ ଉଚ୍ଛୁଳି ଉଠୁଥିଲା ଯେଉଁ ଆବେଗମୟ ଭାବସ୍ରୋତ, ତାହା ଭାରତ ଜନନୀଙ୍କ ପ୍ରତି ଆନ୍ତରିକ ଭକ୍ତି ନୈବେଦ୍ୟ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲି ନିକଟସ୍ଥ ତୁଲଣ୍ଡି ଗ୍ରାମରେ ଭୂମିଷ୍ଠ ହୋଇଥିଲେ ସେ। ସାହିତ୍ୟର ଦେବୀସତ୍ତା ସରସ୍ୱତୀ, ଉତ୍କଳ ଭାରତୀ ଆଉ ଭାରତ ଜନନୀଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ପରିଚାଳିତ ହେଉଥିଲା ତାଙ୍କ ଜୀବନଧାରା। ସାହିତ୍ୟ ସାଧନା ସେହି ଦିବ୍ୟ ମାତୃଚେତନାର ଆରାଧନା ବ୍ୟତୀତ ଆଉ କିଛି ନଥିଲା। ଗଳ୍ପ, କବିତା, ଉପନ୍ୟାସ ରଚନାରେ ନିଜକୁ ନିୟୋଜିତ କରି ରଖିଛନ୍ତି ସେ ମନ୍ଦିରର ନିଷ୍ଠାପର ପୂଜକଠାରୁ କାହିଁ କେତେ ଗୁଣରେ ଅଧିକ ସମର୍ପିତ ହୋଇ। 'ବିରହ ବଂଶୀ', 'କବିତାକୁଞ୍ଜ' ତାଙ୍କ ହୃଦୟର ଆବେଗସ୍ନାତ କବିତାବଳୀ। ଜନମାନସ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ସେ ଲେଖିଥିଲେ 'ଗାନ୍ଧୀଙ୍କର ମନ୍ତ୍ରେ ଗୋପବନ୍ଧୁ ଆଜି / ଅହିଂସା ଧର୍ମର ବ୍ରତୀ / ଆଳସ୍ୟ ତେଜିଣ ଜାଗ ଉତ୍କଳୀୟ / ଦେଶ ପ୍ରେମେ ଯାଅ ମାତି।'

'ସୁଭଦ୍ରା', 'ସଂଯୁକ୍ତା' ଓ 'ରାଣାପ୍ରତାପ ସିଂହ' ଉପନ୍ୟାସ ତାଙ୍କର ଏପରି ତିନୋଟି କୃତି, ଯାହା ମହିମାଦୀପ୍ତ ଚରିତ୍ରଙ୍କ ଅନ୍ତର୍ଗତ ଭାବସତ୍ୟ ଉନ୍ମୋଚନ କରିବା ସହିତ ଭବିଷ୍ୟତ ପିଢ଼ି ନିମିତ୍ତ ସଂରକ୍ଷିତ ରଖିଦେଇଛି ଦେଶପ୍ରେମର ମହିମ୍ନ ସ୍ଫୁରଣ। ଲେଖକଙ୍କ ଦୃଷ୍ଟିରେ 'ସଂଯୁକ୍ତା' ଉପାଖ୍ୟାନ ପୁରାତନ ହୋଇ ବି ନିତ୍ୟନୂତନ। 'ମାନଭଞ୍ଜନ', 'ନୟନତାରା' ତାଙ୍କ ସାମାଜିକ ଉପନ୍ୟାସ। ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କଥାଶିଳ୍ପୀ ଗୋପୀନାଥ ମହାନ୍ତି ଆଧୁନିକ ଶୈଳୀ-ସମୃଦ୍ଧ ଉପନ୍ୟାସ 'ନୟନତାରା'କୁ ଯେଉଁ ଉଚ୍ଚତର ମର୍ଯ୍ୟାଦା ପ୍ରଦାନ କରିଛନ୍ତି, ସେଥିରୁ ପ୍ରତିପାଦିତ ହୋଇଯାଏ ଓଡ଼ିଆ ଉପନ୍ୟାସର ଆଦିକାଳରେ ଦୟାନିଧିଙ୍କ ଅବଦାନ କେତେ ମହତ୍ତ୍ୱପୂର୍ଣ୍ଣ।

'କଥା କଦମ୍ବ' ତାଙ୍କର ଏକ ଗଳ୍ପ ସଂକଳନ। ବିଷୟବସ୍ତୁର ବିବିଧତା ଏଥିରେ ଯେକେହି ଲକ୍ଷ୍ୟ କରିବା ସ୍ୱାଭାବିକ। ସାମାଜିକ ହେଉ ବା ଐତିହାସିକ, ସର୍ବତ୍ର ଓଡ଼ିଆ ଭାଷା ପ୍ରତି ମମତା, ସମ୍ବଲପୁର ମାଟିର ସ୍ୱାଭିମାନ ଓ ସ୍ୱଦେଶ ପ୍ରତି ସୁଗଭୀର ଅନୁରକ୍ତି ସ୍ଫୁରିତ ହୋଇଛି ମର୍ମଭେଦୀ ରୂପରେ। 'ଶାନ୍ତି' ଶୀର୍ଷକ ଗଳ୍ପରେ ସେ ଲେଖୁଛନ୍ତି - 'ମରହଟ୍ଟାମାନେ ଯୁଦ୍ଧରେ ପରାଜିତ ହେଲେ। ମା' ସମଲେଶ୍ୱରୀଙ୍କ ବିଜୟ-ପତାକା ବାରପାହାଡ଼ର ଶିଖର ଦେଶରେ ସଂସ୍ଥାପିତ ହେଲା।' ପୌରାଣିକ ଚେତନା ଆଧାରରେ ସେ ଲେଖିଛନ୍ତି 'ସୁଭଦ୍ରା', 'ରୋହିଣୀ', 'ଧ୍ରୁବ' ପୁସ୍ତକ। ଐତିହାସିକ, ପୌରାଣିକ ଅଥବା ସାମାଜିକ ଯେକୌଣସି କଥାବସ୍ତୁ ଅବଲମ୍ବନରେ ସେ ଯାହା ଲେଖନ୍ତୁ ନା କାହିଁକି ସର୍ବତ୍ର ଭାରତୀୟ ଜାତୀୟତାର ଭାବ ଲେଖକଙ୍କୁ ରଖିଛି ଭାବମଗ୍ନ। ସେ ପୁଣି ସାହିତ୍ୟ ପତ୍ରିକା 'ମୁକୁର'ର ଥିଲେ ସହସମ୍ପାଦକ। ଗଙ୍ଗାଧରଙ୍କ ଶେଷ କାବ୍ୟ 'ପଦ୍ମିନୀ'ର କେତୋଟି ସର୍ଗ ପ୍ରକାଶ କରି ସେ ହୋଇଛନ୍ତି ଗୌରବାନ୍ୱିତ। ଗଙ୍ଗାଧର ଯେଉଁ ରାଜସ୍ଥାନ ଇତିହାସ ପାଠକରି 'ପଦ୍ମିନୀ' ରଚନା କରିଥିଲେ ଦୟାନିଧି ତାହା ହିଁ ଅଧ୍ୟୟନ କରି ଲେଖିଲେ ରାଣାପ୍ରତାପ ସିଂହ। 'ମୁକୁର' ପତ୍ରିକା ମାଧ୍ୟମରେ ଓଡ଼ିଆ ଅସ୍ମିତାର ଜାଗରଣ ସକାଶେ ସେ ଯୁବପିଢ଼ି ଭିତରେ ସୃଷ୍ଟି କରିଛନ୍ତି ନବ ଉନ୍ମାଦନା, ନବୀନ ଉଦ୍ଦୀପନା, ତେଜୋଦୀପ୍ତ ପ୍ରାଣାବେଗ।

ଦିବ୍ୟଜନନୀ ନିର୍ବାଚନ କରନ୍ତି ସେଇ ଆଧାରକୁ, ଯିଏ ବ୍ୟକ୍ତିଗତ ସଫଳତା ବିଫଳତାରୁ ନିଜକୁ କରିଦେଇ ପାରିଛି ଉତ୍ତୀର୍ଣ୍ଣ। ଦୟାନିଧି ମିଶ୍ର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଯେଉଁ ପାବଚ୍ଛ ଉପରେ ଆରୋହଣ କରିପାରିଥିଲେ, ସେଠାକୁ ଯାତ୍ରା କରିପାରନ୍ତି ସେହିମାନେ, ଯେଉଁମାନେ ନିଜ ପାଇଁ ନୁହେଁ, ବିବେକାନନ୍ଦଙ୍କ ଭାଷାରେ କହିଲେ: 'ମା'ଙ୍କ ପାଇଁ ବଳୀ ପ୍ରଦତ୍ତ। ସମ୍ପୂର୍ଣ୍ଣ ସମର୍ପିତ।' ଦୟାନିଧି ଥିଲେ ସେହି ପର୍ଯ୍ୟାୟର ସାହିତ୍ୟ-ସୈନିକ। ଯେଉଁ କବି ଲେଖକଙ୍କୁ ଏ ଜାତି କ୍ରମଶଃ ବିସ୍ମରି ଯାଉଛି ସେମାନଙ୍କୁ ପୁନଃପଠନ ଦ୍ୱାରା ପୁନଃ ପୁନଃ ଆବିଷ୍କାର କରିବା ହିଁ ହେଉଛି ଆଜିର ଆହ୍ୱାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗଣେଶ ପୂଜାରେ ଅଘଟଣ

### ନାଚୁନାଚୁ ଟଳିପଡ଼ିଲେ ଛାତ୍ର

ନୀଳଗିରି, ୨୭।୮ (ସମିସ): ଗଣେଶ ପୂଜା ପାଇଁ ଉତ୍ସବମୁଖର ଥିଲା ସ୍କୁଲ ପରିସର। ସାଙ୍ଗସାଥୀ ମେଳରେ ଗୀତର ତାଳେତାଳେ ନାଚୁଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମସ୍ଥିତ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ। ମୃତ ଛାତ୍ରଜଣକ ହେଲେ ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରୀତମ। ଆଜି ଗଣେଶ ଚତୁର୍ଥୀ ଅବସରରେ ଘରୁ ଗାଧୋଇପାଧୋଇ ପ୍ରିୟାଂଶୁ ସ୍କୁଲରେ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ। ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବାବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କ ଦୁଇ ପୁଅ ମଧ୍ୟରୁ ପ୍ରିୟାଂଶୁ ବଡ଼ପୁଅ ଥିଲେ। ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପୁଷ୍ପାଞ୍ଜଳି ବେଳେ ଟଳିପଡ଼ିଲେ ଶିକ୍ଷକ

ତେଲକୋଇ, ୨୭।୮ (ସମିସ): ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କୁ ପୁଷ୍ପାଞ୍ଜଳି ଦେଉଥିଲା ବେଳେ ଟଳି ପଡିଲେ ଜଣେ ଶିକ୍ଷକ। ଶିକ୍ଷକ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ହେଲେ ଚନ୍ଦନ କୁମାର ଜେନା (୩୫)। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେଲକୋଇ ଥାନା ପୁଲିସ ମୃତଦେହକୁ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

### ଫୁଲ ତୋଳିବାବେଳେ ପୋଖରୀରେ ବୁଡ଼ି ଯୁବକ ମୃତ

ସୋର,୨୭।୮ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଖିରକୋଣୀ ଗ୍ରାମର ଜଣେ ବ୍ୟକ୍ତି ଆଜି ଗଣେଶ ପୂଜା ପାଇଁ ପୋଖରୀ ହୁଡ଼ାରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିବାବେଳେ ଗୋଡ ଖସିଯିବାରୁ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ସୋର ପୌରାଞ୍ଚଳ ୧୯ ନମ୍ବର ୱାର୍ଡ ଖୀରକୋଣି ଗ୍ରାମର ସୁରେନ୍ଦ୍ର ମହାଳିକ (୫୦) ଆଜି ସକାଳେ ଗଣେଶ ପୂଜା ପାଇଁ ଘର ନିକଟସ୍ଥ ଏକ ପୋଖରୀ ଆଡିରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପୋଖରୀ ନିକଟରେ ତାଙ୍କ ଗାମୁଛା ପଡିଥିବାର ଦେଖି ପୋଖରୀରେ ଖୋଜିଥିଲେ। ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

### ହୀରାକୁଦ ଜଳସ୍ତର ୬୨୨.୧୦ ଫୁଟ୍, ୨ ଗେଟ୍ ଖୋଲା

ସମ୍ବଲପୁର, ୨୭।୮ (ସମିସ) : ଉପରମୁଣ୍ଡରେ ବର୍ଷା କମିଯାଇଥିବାବେଳେ ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୧୦ ଫୁଟ୍ ରହିଛି। ନଦୀବନ୍ଧର ମୋଟ ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୯,୧୮୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮,୧୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୩,୩୦୮ ଘନଫୁଟ, ପାୱାର ଚେନାଲ ଦେଇ ୩୧,୫୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୭,୦୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୬,୩୨୭ ଘନଫୁଟ୍, ଖଇରମାଳଠାରେ ୧,୬୨,୦୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୩୧,୯୬୩ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୬.୩୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୮୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୧୯ ଫୁଟ୍ ରହିଥିଲା।

### ବାଇକ୍ ଦୁର୍ଘଟଣା; ଜଣେ ମୃତ, ୨ ଗୁରୁତର

ତେଲକୋଇ, ୨୭।୮ (ସମିସ): ତେଲକୋଇ ଥାନା ସନ୍ତେଇ ଭଞ୍ଜ ଗ୍ରାମରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଗଡା ଗ୍ରାମର ଗଣେଶ୍ୱର ସାହୁଙ୍କ ପୁଅ ପପୁ ସାହୁ(୧୮)। ଗୁରୁତରମାନେ ହେଲେ ରଗଡା ଗ୍ରାମର ଦିପୁ ସାହୁ(୨୦) ଏବଂ ପାଲଲହଡ଼ା ସରୁଆଳି ଗ୍ରାମର ରତିକାନ୍ତ ନାୟକ(୪୫)। ଗୁରୁତର ଦିପୁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ରତିକାନ୍ତ କେନ୍ଦୁଝର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।

### ନଦୀରେ ଭାସିଗଲା ଶିଶୁକନ୍ୟା

ବସ୍ତା ବ୍ଲକ, ୨୭।୮ (ସମିସ): ନଦୀରେ ଭାସି ଯାଇ ଦେଢବର୍ଷର ଶିଶୁ କନ୍ୟା ନିଖୋଜ ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ବସ୍ତା ଥାନା ଦରଡା ଗ୍ରାମର ପପୁ ସୋରେନ ଦେଢବର୍ଷର ଝିଅକୁ ନେଇ ପରିବାର ସହିତ ଦୁଦ ଗ୍ରାମର ବନ୍ଧୁ ଘରକୁ ବୁଲିବା ପାଇଁ ଯାଇଥିଲେ। ବୁଧବାର ସକାଳ ସମୟରେ ପିଲାଟି ନିଖୋଜ ହୋଇ ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ପାଖରେ ଡୁବଡୁବି ନଦୀ ଥିବାରୁ କୌଣସି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଇ ବସ୍ତା ଦମକଳ ଓ ପୁଲିସକୁ ଖବର ଦିଆଯାଇଥିଲା। ବସ୍ତା ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନିରାଶ ହୋଇ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଝିଅଟିର କୌଣସି ସନ୍ଧାନ ମିଳି ପାରି ନ ଥିବା ବସ୍ତା ଦମକଳ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି।

■ ଲଗାଣ ବର୍ଷାରେ ରାଜପଥ ବୁଡ଼ିଗଲା

### କାର୍ ସହ ଭାସିଯାଇ ପରିବାରର ୪ ମୃତ

ମାଲକାନଗିରି,୨୭।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍ଗର ଭ୍ୟାଲି ଜାତୀୟ ଉଦ୍ୟାନ ଅଞ୍ଚଳର ୩୦ନମ୍ବର ଜାତୀୟ ରାଜପଥର ଦରଭା ନିକଟରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ବନ୍ୟା ପାଣିରେ କାର୍ ଭାସିଯାଇ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି।

ସୂଚନା ଅନୁଯାୟୀ, ତାମିଲନାଡୁର ଏହି ପରିବାର ବସ୍ତର ବୁଲିବାକୁ ଆସିଥିଲେ। ପରିବାରର ଚାରି ଜଣ ସଦସ୍ୟ ପାଣିର ପ୍ରବଳ ପ୍ରବାହରେ ଫସି ଯାଇଥିଲେ। ପରେ କାର୍‌ଟି ଜଳସ୍ରୋତରେ ଭାସି ଯାଇ ବୁଡ଼ି ଯାଇଥିଲା। କାର୍ ଚାଳକ କୌଶଳ କ୍ରମେ ବଞ୍ଚି ଯାଇଥିବା ବେଳେ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଥିଲେ। ଏଏସ୍ପି ମହେଶ୍ୱର ନାଗ କହିଛନ୍ତି ଯେ ବିଳମ୍ବିତ ରାତିରେ ବହୁ ପରିଶ୍ରମ ପରେ ଏସଡିଆରଏଫ ଦଳ କାରରେ ଫସି ରହିଥିବା ମୃତଦେହ ଗୁଡ଼ିକୁ ବାହାର କରିଛି। ସମସ୍ତ ମୃତଦେହ ଗୁଡିକର ବ୍ୟବଚ୍ଛେଦ ପାଇଁ ଜଗଦଲପୁର ମେଡିକାଲ କଲେଜକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ମୃତକମାନେ ଜି ରାଜେଶ (୪୩), ପତ୍ନୀ ଜି ପବିତ୍ରା ରାଜେଶ (୪୦), ସୌଜନ୍ୟା (୭) ଏବଂ ସୌମ୍ୟା (୪) ବୋଲି ଜଣାପଡିଛି।

### ଓସ୍କାର ଦୌଡ଼ରେ ଓଡ଼ିଆ ସିନେ ନିର୍ମାତା ଅକ୍ଷୟ ପରିଜା

ଭୁବନେଶ୍ୱର,୨୭।୮ (ସମିସ): ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ର 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ ହୋଇଛି। ଏହି ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୨ଥର ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡ଼ିଆ ସିନେ ପ୍ରଯୋଜକ ଅକ୍ଷୟ ପରିଜା। ଓଡ଼ିଶା ଓ ଭାରତୀୟ ସିନେମା ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ପାପୁଆ ନ୍ୟୁ ଗିନି ସହ ଭାରତର ଏହି ପ୍ରଥମ ପ୍ରଡକ୍ସନ ଫିଚର ଫିଲ୍ମ ୨୦୨୬ ଓସ୍କାର ଏକାଡେମୀ ପୁରସ୍କାରର ବେଷ୍ଟ ଇଣ୍ଟରନ୍ୟାସନାଲ ଫିଚର ଫିଲ୍ମ ବର୍ଗରେ ଅଫିସିଆଲ ଏଣ୍ଟ୍ରିରେ ଅନୁମୋଦିତ ହୋଇଛି।

ସୂଚନା ଅନୁସାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପପୁଆ ନ୍ୟୁଗିନିର ମୁକ୍ତି ସଂଗ୍ରାମରେ ଭାରତୀୟ ସେନାଙ୍କ ଅବଦାନ ଉପରେ ଏହି ଚଳଚ୍ଚିତ୍ର ଆଧାରିତ। ଏଥିରେ ବହୁ ଭାରତୀୟ ସେନାଙ୍କ ବଳିଦାନ ଲୁକ୍କାୟିତ ହୋଇ ରହିଯାଇଥିଲା। ସେମାନଙ୍କ ବଳିଦାନକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ପପୁଆ ନ୍ୟୁ ଗିନି ସରକାର ଓ ଅକ୍ଷୟ ପରିଜାଙ୍କ ମିଳିତ ପ୍ରଯୋଜନାରେ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବାକୁ ୨୦୧୬ ମସିହାରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ପ୍ରେରଣା ଦେଇଥିଲେ। ଏହାସହ ୨୦୨୩ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପପୁଆ ଗିନି ଗସ୍ତ ବେଳେ ସେହି ଦେଶ ସହ ଭାରତର ସାଂସ୍କୃତି ଓ ପାରମ୍ପରିକ ସମ୍ପର୍କ କିଭଳି ସୁଦୃଢ଼ ଥିଲା ସେନେଇ ମଧ୍ୟ ଉତ୍ସାହିତ

■ ଅନ୍ତରାଷ୍ଟ୍ରୀ ସିନେମାର ସହପ୍ରଯୋଜନା କରି ରାଜ୍ୟ ପାଇଁ ଆଣିଲେ ଗୌରବ

■ 'ପାପା, ବୁକା' ୨୦୨୬ ଓସ୍କାର ଆକେଡେମୀର ୯୮ତମ ପୁରସ୍କାର ପାଇଁ ଚୟନ

ହୋଇଥିଲେ। ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ୧୮୧୭ର ପାଇକବିଦ୍ରୋହ ଭଳି ପାପା ବୁକା ଚଳଚ୍ଚିତ୍ରରେ ସ୍ଥାନ ପାଇଛି। ଏହାସହ ଭାରତୀୟ ସେନାଙ୍କ ବୀରତ୍ୱର କାହାଣୀ ମଧ୍ୟ ରହିଛି। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ୩ଥର ଜାତୀୟ ପୁରସ୍କାରପ୍ରାପ୍ତ ଡ. ବିଜୁ କୁମାର ଦାମୋଦରନ୍। ଏହି ଚଳଚ୍ଚିତ୍ରଟି ପପୁଆ ନ୍ୟୁ ଗିନିର ୫୦ତମ ସ୍ୱାଧୀନତା ବାର୍ଷିକୀ ପାଳନ ଅବସରରେ ମଧ୍ୟ ପ୍ରଦର୍ଶିତ ହୋଇଛି। ଏହି ଫିଲ୍ମରେ ଭାରତୀୟ ଅଭିନେତା ରୀତାଭରି ଚକ୍ରବର୍ତ୍ତୀ ଓ ପ୍ରକାଶ ବାରେ ନିଖୁଣ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗ୍ରାମି ବିଜେତା ପଦ୍ମଶ୍ରୀ ରିକି କେଜ୍। ଚଳଚ୍ଚିତ୍ର ଟି ନିର୍ମାଣରେ ସମସ୍ତଙ୍କ ବୈଷୟିକ ଟିମ୍ ମଧ୍ୟ ଭାରତୀୟ।

ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜା ଓଡ଼ିଆ ସିନେମାର ୯୦ ବର୍ଷର ଇତିହାସରେ ପ୍ରଥମ ପ୍ରଯୋଜକ ଯିଏକି ଏଭଳି ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଅକ୍ଷୟ ପରିଜା ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ମାଲାୟଲମ୍ ସିନେମା ନିର୍ମାଣ କରିଛନ୍ତି। ୧୮୧୭ ମସିହା ପାଇକ ବିଦ୍ରୋହ କିପରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ତାହାକୁ ମଧ୍ୟ କାହାଣୀର ରୂପ ଦେଇ ନିର୍ମାଣ କରିଛନ୍ତି ଚଳଚ୍ଚିତ୍ର। ଯାହାବି ବିଶ୍ୱ ଦରବାରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି। ସେ ସର୍ବଦା ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା କରି ଆସିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

### କଟକ ରେଳ ଷ୍ଟେସନ ପ୍ଲାଟଫର୍ମ ଛାତ ଭୁଶୁଡିବା ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର,୨୭।୮ (ସମିସ): କଟକ ରେଳୱେ ଷ୍ଟେସନର ପ୍ଲାଟଫର୍ମ-୧ରେ ଥିବା ଛାତ ଭୁଶୁଡିପଡିବା ଦୁର୍ଭାଗ୍ୟଜନକ ବୋଲି କହିଛି ବିଜୁ ଜନତା ଦଳ। ରେଳବାଇ ଓ ଠିକା ସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି। କଟକ ଭଳି

■ ମନ୍ଥର ଗତିରେ ଚାଲୁଥିବା ନିର୍ମାଣାଧୀନ କାର୍ଯ୍ୟ ତୁରନ୍ତ ଶେଷ କରାଯାଉ

■ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ୟସ୍ତବହୁଳ ରେଳୱେ ଷ୍ଟେସନର ମରାମତି ଓ ଆଧୁନିକୀକରଣ କାର୍ଯ୍ୟ ଦୀର୍ଘ ଦିନ ଚାଲିବା ଫଳରେ ସାଧାରଣ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣାଧୀନ କାର୍ଯ୍ୟର ତଦାରଖରେ ଗୁରୁତର ଅବହେଳାରୁ ଆଜିର ଘଟଣା ଘଟିଥିବା ବିଜେଡି କହିଛି। ଦୁର୍ଘଟଣା ଘଟିବା ପରେ କଟକ-ଚୌଦ୍ୱାରର ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ମେୟର ସୁବାସ ସିଂ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ମନ୍ଥର ଗତିରେ ଚାଲୁଥିବା ଏହି ନିର୍ମାଣାଧୀନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ରେଳ ବିଭାଗ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ବିଶ୍ୱାଳ କହିଛନ୍ତି। ମେୟର ଶ୍ରୀ ସିଂ କହିଛନ୍ତି ଯେ ଠିକା ସଂସ୍ଥାର ବେପରୁଆ ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ଘଟଣାରେ ଜଣେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହାର ପୁନରାବୃତ୍ତି ନହେବା ପାଇଁ ରେଳବାଇ ବିଭାଗ ସତର୍କ ହେବା ଆବଶ୍ୟକ। ସେହିପରି ପ୍ରଫୁଲ ସିଂ କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ କିଛି ମିନିଟ ପୂର୍ବରୁ ବନ୍ଦେ ଭାରତ ଟ୍ରେନ ଯାଇଥିଲେ ମଧ୍ୟ ବଡ ଅଘଟଣରୁ ରକ୍ଷା ମିଳିଛି। ଦୁର୍ଘଟଣାର ତଦନ୍ତ କରାଯାଇ ଏଥିପାଇଁ ଦାୟୀ ଥିବା ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି।


ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ,ବରଗଡ଼

ପବିତ୍ର "ନୂଆଁଖାଇ" ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ଚାରିଗୋଟି ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲ୍ଲାର ସମସ୍ତ ଚାଷୀଭାଇ, ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ସହିତ ମଙ୍ଗଳ କାମନା। ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦା ସର୍ବଦା ଶୁଭ ଦୃଷ୍ଟି ରଖିଥାନ୍ତୁ, ତାଙ୍କରି ଚରଣ କମଳରେ ଏତିକି ପ୍ରାର୍ଥନା। ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର କାମ୍ୟ।

ଶ୍ରୀଯୁକ୍ତ ଭବେଶ୍ୱର ମଳିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ — ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ, ସଭାପତି

ନୂଆଁଖାଇ ଜୁହାର-୨୦୨୫

ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍ ମାନଙ୍କୁ ଓ ପଶ୍ଚିମ ଓଡିଶାର ଭାଇ ବହେନ୍ ସବୁକୁ ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇର ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ରାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବରଷା ହେଉ ଆରୁ ଆମର୍ ଚାଷୀଭାଇ ମାନକର୍ ମା'ଲକ୍ଷ୍ମୀ ଙ୍କର କୃପାଥି ଭଣ୍ଡାର ଘର୍ ଉଛୁଳି ପଡୁ ଆରୁ ୨୦୨୫ ବଛର୍ ସବୁକର ମଙ୍ଗଳ ହେଉ।

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଂଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ।
୫. ସି.ଏମ୍. କିସାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିସାନ ଓ ସି.ଏମ୍. କିସାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ।
୬. କୃଷକ ରେଜିଷ୍ଟ୍ରି (Agristack) ରେ ନିଜ ଜମିଜମା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ। ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର — ଶ୍ରୀଯୁକ୍ତ ଡ. ନୃପରାଜ ସାହୁ, ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର


## ଅବଶିଷ୍ଟାଂଶ

### ୫୨ଲକ୍ଷ ଚାଷୀଙ୍କୁ...

ଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲ୍‌ର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁଆରୀରେ କାର୍ଯ୍ୟକ୍ଷମ କରାଯାଇଛି। ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ। ଯୁବ କୃଷି ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓୟୁଏଟିର କୁଳପତି ଡ. ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କୃଷକ ଏବଂ ଓୟୁଏଟିର ୨୦୦ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୩୦ଟି ଜିଲ୍ଲା ପାଇଁ ଲାଇଭଷ୍ଟ୍ରିମିଂ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

### କଟକ ରେଳଷ୍ଟେସନ...

ଭିଡିରେ ରେଳ ଟ୍ରାକ ଉପରୁ ପଡିଥିବା ଭଗ୍ନାଂଶକୁ କଢାଯାଇଥିଲା। ରାତି ୭ଟା୨୦ରେ ଟ୍ରାକରୁ ପ୍ଲାଟଫର୍ମ ସେଡ୍ ଭଗ୍ନାଂଶ ହଟାଯିବା ପରେ ରେଳ ଚଳାଚଳ ଉକ୍ତ ଟ୍ରାକରେ ସ୍ୱାଭାବିକ ହୋଇଥିଲା। ଏକ ଓ ଦୁଇ ନମ୍ବର ରେଳ ଟ୍ରାକରେ ଆସିବାକୁ ଥିବା ଟ୍ରେନ ଗୁଡିକର ଗତିପଥ ଅବଶିଷ୍ଟ ୬ଗୋଟି ଟ୍ରାକକୁ ପରିବର୍ତ୍ତନ କରାଯାଇଥିଲା। ପ୍ରଶ୍ନ ଉଠିଛି ଯେ ଏହି ଅଘଟଣର ୨୦ମିନିଟ ପୂର୍ବରୁ ଏକ ନମ୍ବର ରେଳ ଟ୍ରାକରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରୀବାହୀ ଟ୍ରେନ ଯାଇଥିଲା। ଟ୍ରେନ ଯାତାୟତ ସମୟରେ ଯଦି ଏହି ଅଘଟଣ ଘଟିଥାନ୍ତା ତାହେଲେ ଧନଜୀବନ ହାନିର ଆଶଙ୍କା ରହିଥିଲା। ରେଳଷ୍ଟେସନ ନବିକରଣ କାର୍ଯ୍ୟ ଯେଉଁ ଠିକା ସଂସ୍ଥା କରୁଥିଲା ତାହା ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଇନଥିବା ଅଭିଯୋଗ ଉଠିଛି।

ଏ ସମ୍ପର୍କରେ ରେଳବାଇ ଅତିରିକ୍ତ ଡିଆରଏମ ପ୍ରଦୀପ କୁମାର ବେହେରା କହିଛନ୍ତି ଯେ କାର୍ଯ୍ୟ ଚାଲୁଥିବା କାରଣରୁ ୨ନମ୍ବର ରେଳ ଧାରଣାରେ ରେଳ ଚଳାଚଳକୁ ବନ୍ଦ କରାଯାଇଥିଲା। ସେହିଭଳି ସମ୍ପୂର୍ଣ୍ଣ ଅଞ୍ଚଳ ଆଗୁଆ ବ୍ୟାରିକେଡିଂ ହୋଇଥିଲା। ଏଣୁ ଛାତ ଭଙ୍ଗାଯିବା ସମୟରେ ସେଠାରେ କେହି ନଥିଲେ ବୋଲି ରେଳବାଇ କର୍ତ୍ତୃପକ୍ଷ କହିଛନ୍ତି। ଏହି ଅଘଟଣ ପରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରେଳଷ୍ଟେସନ ଉପରେ ଦୈନନ୍ଦିନ ହଜାର ହଜାର ଯାତ୍ରୀ ନିର୍ଭର କରୁଥିବା ବେଳେ ଖାମଖିଆଲ ଢଙ୍ଗରେ ନବିକରଣ କାର୍ଯ୍ୟ କରାଯାଉଥିବା ତଥା ଠିକା ସଂସ୍ଥା ଉପରେ ରେଳବାଇ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ରହୁନଥିବା ସେମାନେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।


ନୂଆଖାଇ ଜୁହାର

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୂଆଖାଇ ଜୁହାର।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ



**AFFIDAVIT**



By virtue of an affidavit sworn before Executive Magistrate, Bhubaneswar, dated: 19.08.2025, I, MAMATA MANASINGH, residing at At-Barapada, PO: Kunjuri, P.S.- Khordha, Dist.- Khordha, Odisha, 752056, declare that I have changed my daughter's name from **Adyaarpita Mansingh** to **Ananya Ankita Mansingh**. Henceforth, she shall be known as **Ananya Ankita Mansingh** for all purposes.
Mamata Manasingh

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Naugaon, Dist-Jagatsinghapur, Pin-754107, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nayagarh, CF.NO-5/2, dated 30-05-2025 I, **MANORANJAN BEHERA, S/o Bijay Kumar Behera** permanent resident of Village At-Ghadual, PO/PS/Dist- Nayagarh, State-Odisha, PIN- 752069, declare that I have changed my daughter's name from **ADARSHA BEHERA** (Old name) to **ADYASHA BEHERA** (New name), Henceforth, She shall be known as **ADYASHA BEHERA** for all purposes.
Sd-( **MANORANJAN BEHERA** )

**AFFIDAVIT**

I, Pedena Siba Sankar Patra S/o P Baleswar Patra, Resident of At-Bhakta Madhu Nagar, Talabania, Khandagiri, Bhubaneswar, Dist-Khorda PIN-751030, Odisha declare by this affidavit No.26190 dtd 26.08.2025 that now onwards I shall be known as **P SIBA SANKAR PATRA** for all future purposes.

**AFFIDAVIT**

By virtue of an affidavit vide no 1644 dated 26.08.2025 sworn before the Notary public, Phulbani, I, Tasneen Salimkhan Pathan W/o Zafer Ismail, Residing at Govt Residential Quarter, Block II, Qr No E-01, Amalapada, PO/PS-Phulbani, Dist-Kandhamal, Odisha, do hereby change my minor Daughter's name from Asfa Mohasin Momin to Asfa Tasneem. Henceforth, she will be known as **ASFA TASNEEM** for all future purposes.

**AFFIDAVIT**

I, Bipra Chanra Behera, S/o- Dandapani Behera, resident of At-Dhanija, Po-Dhanija, Dist-Ganjam, PIN-761116, Odisha declared by this affidavit No-685, dtd-26/08/2025 that now onwards I shall be known as **BIPRA CHARAN BEHERA** for all future purposes

**AFFIDAVIT**

I, Surjyakanta Pani, S/o-Jagannath Pani, resident of MIG-61, Ananta Vihar, Ph-2, Pokhariput, Aerodrome Area, Bhubaneswar, Dist-Khurda, PIN- 751020, Odisha declared by this affidavit No-688, dtd-26/08/2025 that now onwards I shall be known as **SURYAKANT PANI** for all future purposes.

**AFFIDAVIT**

I, Mrinal Kanta Samal, S/o- Natabar Samal, resident of Plot No. HIG-2/318, Satya Sai Enclave, Kolathia, Ps-Khandagiri, Dist-Khorda, PIN-751030, Odisha declared by this affidavit No- 15AA 353665, dtd- 23/07/2025 that now onwards I shall be known as **MRUNALA KANTA SAMAL** for all future purposes

**AFFIDAVIT**

I, Amit Das S/o Asok Das, Resident of Plot No M-29/3, Panchasakha Nagar, PO-Dumuduma, PS-Khandagiri, Bhubaneswar Dist-Khordha Odisha, PIN-751019 declare by this affidavit No.683 dtd 26.08.2025 that now onwards I shall be known as **AMIT DASH** for all future purposes.

**AFFIDAVIT**

I, Pragnya Parimita Khuntia, D/o- Prafulla Kumar Parida, resident of At- Gadadhar Prasad, Via- Itamati, Dist-Nayagarh, PIN-752068, Odisha declared by this affidavit No-687, dtd-26/08/2025 that now onwards I shall be known as **PRAGNYA PARIMITA PARIDA** for all future purposes.

**AFFIDAVIT**

I, Kishore Chandra Jena, S/o- Kunja Jena, resident of At-Krushnaprasad, Po-Parikud, Dist- Puri, PIN-752011, Odisha declared by this affidavit No-686, dtd- 26/08/2025 that now onwards I shall be known as **KISHOR CHANDRA JENA** for all future purposes

**AFFIDAVIT**

I, Susama Kumari Dei, aged about 74 years, W/o-Late Rajendranath Swain, resident of L-218, Baramunda Housing Board Colony, PO- Baramunda, PS- Bharatpur, Bhubaneswar, Dist-Khordha, Odisha declared by this affidavit No. 22004, dtd- 21/08/2025 that now onwards I shall be known as **SUSAMA RANI SWAIN** for all future purposes.

**AFFIDAVIT**

By virtue of an affidavit (No. 1738, dtd-25.08.2025) before the Notary Public, Bhubaneswar. I, **Pranati Senapati,** aged about 52 years, W/o Hrusikesh Patro, resident of Plot No. 171/913/2828, Ekamra Vihar, Sundarpada, Bhubaneswar, PS-Airfield, Dist- Khurda, PIN-751002, Odisha, I have corrected / changed my father's name from **Markand Senapati** (old name) to **Markanda Senapati** (new name) in my PAN Card, vide no. BVXPS9249E. Henceforth, I shall be known as **Pranati Senapati,** D/O- Markanda Senapati for all purposes.
**Pranati Senapati**

# ବୈତରଣୀରୁ କମୁଛି ପାଣି; ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା







ଭଦ୍ରକ/ଆରଡି,୨୭।୮(ସମିସ):

ବୈତରଣୀ ନଦୀରେ ଦେଖାଦେଇଥିବା ବନ୍ୟା କମୁଥିଲେ ମଧ ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ଚାନ୍ଦବାଲି ବ୍ଲକର ୪ଟି ପଞ୍ଚାୟତର ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର

- ୪ ଦିନ ହେଲା ଜମି ଓ ପଥରୁ ଖସୁନି ପାଣି
- ଉଜୁଡିବ ଶହଶହ ଏକର ସାରଦା ଧାନତଳି
- ପାନ୍ଥନିବାସ ନିକଟରେ ଦବିଲା ଜାତୀୟ ରାଜପଥର କଲଭର୍ଟ



ଆସିଥିଲେ ମଧ ଏବେବି ୩ଟି ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଛି। ଆରଡି, ଓଳଗ, ନାନ୍ଦପୁର ପଞ୍ଚାୟତର ୧୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ସେହିପରି ୫ଦିନ ହେଲା ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି। ଭୋକ ଉପାସରେ ଗୃହପାଳିତ ପଶୁ ଗାଁଦାଣ୍ଡ ଓ ନଦୀବନ୍ଧର ଆଶ୍ରୟ ନେଇଛନ୍ତି। ବିଶେଷକରି ବୈତରଣୀ ନଦୀ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର୍ ୱୋଡକ ଠାରେ କୂଳ ଲଙ୍ଘିବାରୁ ୧କିମି ରାସ୍ତା ଧୋଇ ନେଇଛି। ତାହାସହ ଆରଡି ବସଷ୍ଟାଣ୍ଡ ନିକଟ ପାନ୍ଥନିବାସ ପାଖରେ ଜାତୀୟ ରାଜପଥର କଲଭର୍ଟ ଦବିଯିବାରୁ ଏକ ବଡ଼ ଗର୍ତ ସୃଷ୍ଟି ହୋଇଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ବ୍ଲକର ତଳିଆ ଅଞ୍ଚଳରେ ବିପନ୍ନଙ୍କୁ ଭେଟି ଭଲମନ୍ଦ ବୁଝିଛନ୍ତି। ସେହିପରି ଜିଲା ପ୍ରଶାସନ ଅଧିକାରୀ ବନ୍ୟାଚଂଳକୁ ଯାଇ ବିପନ୍ନଙ୍କୁ ଭେଟିବା ସହ ଜଳବନ୍ଦୀ ହୋଇ ରହିଥିବା ବିପନ୍ନ ମାନଙ୍କ ପାଇଁ ରନ୍ଧାଖାଦ୍ୟ ପାଣି ଛାଡ଼ିୱା ଯାଏଁ ଯୋଗାଇ ଦେବାକୁ କହିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲିପ ରାଉତରାୟ।

## ପଞ୍ଜୀକରଣ କାଉଣ୍ଟରରେ ରୋଗୀଙ୍କ ନାହିଁ ନ ଥିବା ଭିଡ଼

ଧାମନଗର,୨୭।୮(ସମିସ): ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧା ସୁଯୋଗ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟବରାଦ ସହ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରୁଛନ୍ତି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଔଷଧ ବଣ୍ଟନ ତଥା ପଞ୍ଜୀକରଣ କେନ୍ଦ୍ରରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ଗୋଟିଏ କାଉଣ୍ଟର ଯୋଗୁ ପ୍ରବଳ ଭିଡ ହେଉଛି। ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଔଷଧ ବିତରଣ ଏବଂ ପଞ୍ଜୀକରଣ ପାଇଁ ସୁବ୍ୟବସ୍ଥା କରାଗଲେ ରୋଗୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## କଳାବ୍ୟାଜ ପିନ୍ଧି ପ୍ରାଣୀ ଚିକିତ୍ସାଳୟ କର୍ମଚାରଙ୍କ ଆନ୍ଦୋଳନ

ଦୋଳସାହି,୨୭।୮(ସମିସ): କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ। ରାଜ୍ୟରେ ସମସ୍ତ ପ୍ରାଣୀ ଚିକିତ୍ସାଳୟର କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ବିଭିନ୍ନ ଦାବି ନେଇ ସୋମବାରଠାରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହି କ୍ରମରେ ତିହିଡ଼ି ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ସୂଚନାନୁଯାୟୀ, ତିହିଡି ପ୍ରାଣୀ ଚିକିତ୍ସାଳୟକୁ ୩ ବର୍ଷ ଧରି ଔଷଧ ସରକାରଙ୍କ ତରଫରୁ ମିଳୁନଥିବା ସହ ୫ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ଏନେଇ ଦୈନିକ "ସକାଳ'ରେ ଗତ କିଛିଦିନ ତଳେ ଏକ ଖବର ପ୍ରକାଶ ପାଇଥିଲା। ଚାଷୀଙ୍କ ପାଇଁ ସହାୟତା ସମ୍ପର୍କରେ ସୂଚନା ଦେବା ନିମନ୍ତେ ହେଉଥିବା କାର୍ଯ୍ୟକ୍ରମ ପାଇଁ ସରକାର ଟଙ୍କାଟିଏ ଦେଉ ନ ଥିବାବେଳେ କର୍ମଚାରୀମାନେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ଚାଷୀଙ୍କୁ ସଚେତନ କରୁଛନ୍ତି। ସେହିପରି ଚାଷ ନିମନ୍ତେ ଯୋଗାଇ ଦିଆଯାଉଥିବା ସରକାରୀ ସହାୟତାର ତଦନ୍ତ ଓ ଚାଷୀଙ୍କୁ ସହଯୋଗ କରିବା ପାଇଁ ଇଣ୍ଟରନେଟ ଖର୍ଚ୍ଚ ମଧ ନିଜ ହାତରୁ କର୍ମଚାରୀ କରୁଛନ୍ତି ବୋଲି ତିହିଡି ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ଡାକ୍ତର ନିରାକାର ଜେନା କହିଛନ୍ତି।

## ନିଲମ୍ବିତ ସମ୍ପାଦକଙ୍କ ବିରୋଧରେ ଥାନାରେ ଅଭିଯୋଗ




ଭଣ୍ଡାରିପୋଖରୀ,୨୭।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସେବା ସମିତିର ନିଲମ୍ବିତ ସମ୍ପାଦକ ଅଜୟ ବେହେରା ଉଦ୍ଦେଶ୍ୟମୂଳକ ଭାବେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ସମିତିର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ଲେଜର ଓ ଅନ୍ୟାନ୍ୟ କାଗଜାତ ନିଜ ହେପାଜତରେ ରଖି ଜାଣିଶୁଣି ସମିତିକୁ ଅଚଳ କରୁଥିବା ଅଭିଯୋଗ କରି ସମିତି ପରିଚାଳନା ପରିଷଦ ସଭାପତି ଅବିନାଶ ରାଉତ ଓ ସଦସ୍ୟମାନେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଶ୍ରୀ ରାଉତ ନିଲମ୍ବିତ ହେବା ପରେ କାର୍ଯ୍ୟାଳୟରେ ଯୋଗାଦାନ କରୁନାହାନ୍ତି କି ସମିତି ପରିଚାଳନାରେ ସହଯୋଗ କରୁନାହାନ୍ତି। ଏହାଦ୍ୱାରା ଜନସାଧାରଣଙ୍କ ସ୍ୱାର୍ଥକୁ ବାଧା ଦିଆଯାଉଛି। ଏଥିପାଇଁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଅନୁରୋଧ କରାଯାଇଛି। ମାତ୍ର ରିପୋର୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଏଥିନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି।

## ବିଧାୟକଙ୍କୁ ମିଳିଲାନି ବୋଟ୍; ବିପନ୍ନଙ୍କୁ ଭେଟି ନ ପାରି ଫେରିଲେ



ଧାମନଗର,୨୭।୮(ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ ଏବଂ ପାଣି ଘେରରେ ଥିବା ସମ୍ପର୍କୀୟ ଏବଂ ବିପନ୍ନଙ୍କୁ ଭେଟିବା ପାଇଁ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଭଦ୍ରକ ଜିଲ୍ଲାପାଳଙ୍କୁ ଜଣାଇଥିଲେ; ହେଲେ ମିଛଆଳ ଦେଖାଇ ବୋଟ ଲୁଚାଇ ଦେଲା ପ୍ରଶାସନ। ବିଧାୟକ ଶ୍ରୀ ମଲ୍ଲିକ ଜିଲ୍ଲାପାଳ, ପି ଡି ଏବଂ ବିଡ଼ିଓଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ଅନଳଡିହଠାରୁ ଫେରି ଆସିଥିଲେ। ଜିଲ୍ଲା ପ୍ରଶାସନ ଏଭଳି କାର୍ଯ୍ୟକୁ ନାପସନ୍ଦ କରିବା ସହିତ କ'ଣ ଲୁଚାଇବାକୁ ଚାହୁଁଛନ୍ତି ବୋଲି ସାମ୍ବାଦିକଙ୍କ ମାଧ୍ୟମରେ ପ୍ରଶ୍ନ କରିଛନ୍ତି ବିଧାୟକ ଶ୍ରୀ ମଲ୍ଲିକ। ରାଜ୍ୟ ସରକାର ପ୍ରଶାସନକୁ ହାତବାରିସି କରି ବିଧାୟକଙ୍କ ନିଜ ଅଧିକାର ଛଡାଇ ନେଉଛି ଏବଂ ତାଙ୍କ ମର୍ଯ୍ୟାଦାହାନି କରୁଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଧାମନଗର ବ୍ଲକ ଅନ୍ତର୍ଗତ ନିଜ ଜନ୍ମମାଟି ହସନାବାଦସହ ଅର୍ଜୁନପୁର ଆଦି ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଅନୁଧ୍ୟାନ ପରେ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ସହ ଆଲୋଚନା କରିଥାନ୍ତେ। ତାଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି, ଯୁବ ସଭାପତି ଭାରତ ବିଜୟ ଦଲେଇ, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି ଓ ବିଜୁ ଜନତା ଦଳର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଦୁଃଖ ଦେଇଗଲା ବୈତରଣୀ; ବ୍ୟାପକ କ୍ଷତି

ବାରିକପୁର,୨୭।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ଏଯାବତ ୩ଟି ବନ୍ୟା ଆସିଛି। ପ୍ରଥମ ବନ୍ୟାଜଳ ନଦୀରେ ନିଷ୍କାସିତ ହୋଇଥିବା ବେଳେ ଶେଷ ଦୁଇଟି ବନ୍ୟା ଜନବସତି ମୁହାଁ ହୋଇଥିଲା। ବିଶେଷ କରି କଣ୍ଟି ଏସକେପ ଦେଇ ପ୍ରବାହିତ ହୋଇଥିବା ବନ୍ୟା ଜଳ ଖୋଳା ନଈରେ ନିଷ୍କାସନ ହୋଇଥିବା ଯୋଗୁଁ ପାର୍ଶ୍ୱବର୍ତୀ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ବ୍ଲକର ଷୋଳମପୁର, ଟିଖିଲିଆ, ପୁରିଆପଦା, ମଣିନାଥପୁର, ବରାହନୂଆପଡା, ବିନ୍ଧାଣ, ବିରୋଳୀ, ମୁଢାପଦା, ଚତୁର୍ଭୁଜପୁର, ଟିଖିଲିଆ ଆଦି ସ୍ଥାନରେ ଯେଉଁ ଚାଷୀ ବରିବା ଚାଷ କରିଥିଲେ ସେମାନେ ବିଶେଷ କ୍ଷତି ସହିଛନ୍ତି। ପାଳବାଡିରେ ଦୁଇ ଦୁଇ ଥର ବନ୍ୟା ପାଣି ପଶିଯିବାରୁ ଅନେକ ପନିପରିବା ଚାଷ ନଷ୍ଟ ହୋଇଛି। ବର୍ଷା ଦିନିଆ କାକୁଡି, ଜହ୍ନି, ଛଞ୍ଚିଣା, କଖାରୁ, ଝୁଡୁଙ୍ଗ,କଲରା, କୁନ୍ଦୁରି ଆଦି ଲତା ଜାତୀୟ ପନିପରିବା ଗଛରେ ବନ୍ୟା



ଜଳ ସ୍ପର୍ଶ କରିବା ଯୋଗୁଁ ସେଗୁଡିକ ଅନେକାଂଶରେ ପଚି ଯାଇଛି। ଏହାଛଡା ଶୀତ ଋତୁ ପାଇଁ ପଡ଼ିଥିବା ବିଭିନ୍ନ ପ୍ରକାର ଶାଗ ସମେତ ପନିପରିବା ଚାରା ମଧ ଅତ୍ୟଧିକ ବର୍ଷା ଓ ବନ୍ୟା ପାଣି ମାଡ଼ରେ ନଷ୍ଟ ହୋଇଥିବା ଜଣାପଡିଛି। ଚାଷୀ ମାନେ ଏବେ ପାଳକୁ ଦେଖି ମୁଣ୍ଡରେ ହାତ ଦେଇଛନ୍ତି। ପନିପରିବା ଚାଷକୁ ଛାଡିଦେଲେ ଖରିଫ୍ ଧାନ ଚାଷ ମଧ ଏଯାଏଁ ବୁଡି ରହିଥିବା ଯୋଗୁଁ ସେଗୁଡିକ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ପ୍ରାୟ ୫/୭ ଖଣ୍ଡ ଗାଁର ଚାଷୀଙ୍କୁ ନଇ ଦାରୁଣ ଦୁଃଖ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶେଷ କରି କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଓ ଭାଗଚାଷୀ ମାନେ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି। ତେଣୁ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିକୁ ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଉଠିଛି।

● ବର୍ଷେ ବିତିଲା; ସମାଧାନ ହେଲାନି ଶିକ୍ଷକଙ୍କ ସମସ୍ୟା

## ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା ଦାବିପତ୍ର



(ଫାଇଲ ଫଟୋ)

ଭଦ୍ରକ,୨୭।୮(ସମିସ): ରାଜ୍ୟରେ କାର୍ଯରତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦୀର୍ଘ ୩୦ରୁ ୩୫ବର୍ଷ ଧରି ନିରବଚ୍ଛିନ୍ନଭାବେ ନନଫର୍ମାଲ ଶିକ୍ଷା, ଇଜିଏସ, ଶିକ୍ଷା ସହାୟକ, ଗଣଶିକ୍ଷକ, ଲେବୁଲ ଭି (ଏ) ଓ ଏକ୍ସ କ୍ୟାଡର ରୂପେ କାର୍ଯ୍ୟ କରିଆସୁଛନ୍ତି। କିଛି ଗଣଶିକ୍ଷକ, ଲେବୁଲ ଭି (ଏ)ଓ ଏକ୍ସ କ୍ୟାଡର ଅବସର ନେଇଥିବାବେଳେ ଘରକୁ ଖାଲି ହାତରେ ଫେରିଛନ୍ତି। ଏ ନେଇ ଗତ ବର୍ଷ ଅଗଷ୍ଟ ମାସରେ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଜରିଆରେ ସମସ୍ୟା ସଂପର୍କରେଜଣାଇଥିଲେ। ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ହେଁ ଶିକ୍ଷକଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ। ରାଜ୍ୟରେ ବର୍ତ୍ତମାନ ପ୍ରାୟ ୨୧ ହଜାର ଲେବୁଲ ଭି (ଏ )ଓ ଏକ୍ସ କ୍ୟାଡର ଶିକ୍ଷକ କାର୍ଯ୍ୟରତ। ଏମାନେ ପୂର୍ବରୁ ନନ୍‌ଫର୍ମାଲ ଶିକ୍ଷା, ଇଜିଏସ, ଗଣଶିକ୍ଷକ, ଶିକ୍ଷା ସହାୟକଭାବେ କାର୍ଯ୍ୟ କରି ଦୀର୍ଘ ୩୦/୩୫ବର୍ଷର ଅଭିଜ୍ଞତା ରହିଛି। ଏମାନଙ୍କୁ ସିଧାସଳଖ ଏଲିମେଣ୍ଟାରି ଶିକ୍ଷକ ରୂପେ ମାନ୍ୟତା ଦେବା ସହ ମୂଳ ଚାକିରି ନନଫର୍ମାଲ ଶିକ୍ଷାକୁ ଗ୍ରହଣକରି ପୁରୁଣା ପେନସନ ଦେବାକୁ ମହାସଂଘର ସଭାପତି ଛବିଲତା ବାରିକ, ସମ୍ପାଦକ ଅନିୟ କୁମାର ବରାଳ, ପ୍ରକାଶ ବେହେରା, ସୁଶାନ୍ତ ଜ୍ୟୋତିଶ, ମହାଦେବ ସେଠି, କସ୍ତୁରୀ ଚରଣ ଜେନା, ସନ୍ତୋଷ କୁମାର ଦାସ ପ୍ରମୁଖ ଦାବି କରିଥିଲେ। ହେଲେ ଏ ଯାଏ ସମସ୍ୟା ସମାଧାନ ହୋଇ ନ ଥିବାରୁ ଅବସରନେଉଥିବା ଶିକ୍ଷକମାନେ ପରିବାର ଚଳାଇବା ବଡ଼କଷ୍ଟକର ହୋଇଛି। ପିଲାମାନଙ୍କ ପାଠପଢ଼ା, ବାପା ମା'ଙ୍କ ମେଡ଼ିସିନ ଓ ନିଜର ମେଡ଼ିସିନ କିଣିବାକୁ ଅର୍ଥ ବାଧକ ସାଜିଛି ବୋଲି ସଂଘ ଅଭିଯୋଗ କରିଛି। ସରକାର ତୁରନ୍ତ ଏମାନଙ୍କର ମୂଳ ଚାକିରିକୁ ଗ୍ରହଣ କରି ପୁରୁଣା ପେନସନ ଦେବା ସହ ଏଲିମେଣ୍ଟାରି ଶିକ୍ଷକ ରୂପେ ମାନ୍ୟତା ଦେବାକୁ ଦାବି କରିଛି ସଂଘ।

## ଜିଲ୍ଲାସ୍ତରୀୟ ସିଏମ କିଷାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ



ଭଦ୍ରକ,୨୭।୮(ସମିସ): କୃଷିଭିତ୍ତିକ ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବୁଧବାର ଜିଲ୍ଲାସ୍ତରୀୟ ସିଏମ କିଷାନ ରବି-୨୦୨୫-୨୬ ର ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା, ଯୁବସେବା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସହଯୋଗୀ ନିର୍ଦ୍ଦେଶକ ଗବେଷଣା ବିଶ୍ୱରଞ୍ଜନ ନାୟକ ଯୋଗଦାନ କରି କୃଷକ ମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ ମତ ରଖିଥିଲେ। ଭଦ୍ରକ ଜିଲ୍ଲାରେ ସମୁଦାୟ ୨ ଲକ୍ଷ ୪୮ ହଜାର ୨୩୫ ଜଣ କୃଷକଙ୍କ ଜମା ଖାତାକୁ ସର୍ବମୋଟ ୪୯କୋଟି ୬୪ଲକ୍ଷ ୭୦ହଜାର ଟଙ୍କା ଡ଼ିବିଟି ମାଧ୍ୟମରେ ପ୍ରଦାନ କରାଗଲା। ପରିଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୟାମସୁନ୍ଦରପୁର ସମବାୟ ସମିତି ପୂର୍ବତନ ସମ୍ପାଦକ ଚୋରି ଅଭିଯୋଗରେ ଦଣ୍ଡିତ

ଭଦ୍ରକ,୨୭।୮(ସମିସ):

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିବେଦିତା ପଣ୍ଡା ମଙ୍ଗଳବାର ତିହିଡ଼ି ଥାନା ଶ୍ୟାମସୁନ୍ଦରପୁର ଗାଁର ଗୋବିନ୍ଦ ମଳିକଙ୍କ ପୁଅ ଇନ୍ଦ୍ରମଣି ମଳିକଙ୍କୁ ଏକ ଟ୍ରାକ୍ଟର ଚୋରି ଅଭିଯୋଗରେ ଦଫା ୩୭୯ରେ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ହଜାର ଟଙ୍କା ଜରିମାନା, ଅନାଦେୟ୨ ମାସ ପୁନଶ୍ଚ କାରାଦଣ୍ଡ ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିରୁ ସେହି ଗାଁର ଇନ୍ଦ୍ରମଣି ମଳିକ ଏକ ଟ୍ରାକ୍ଟର ୧୯୯୯ ମସିହାରେ ଋଣରେ ଆଣିଥିଲେ; ଯାହାର ନମ୍ବର-ଓଆର୦୧ବି-୮୫୦୧ଏବଂ ମାସିକ କିସ୍ତି ମଧ ପରିଶୋଧ କରି ଆସୁଥିଲେ; କିନ୍ତୁ ପରେ ନିଜର ଆର୍ଥିକ ଅନଟନ ଯୋଗୁଁ ଋଣ ପରିଶୋଧ କରିପାରି ନ ଥିଲେ। ସେ ସମୟରେ ଶ୍ୟାମସୁନ୍ଦରପୁର ସେବା ସମିତିର ସମ୍ପାଦକ ଅଭିଯୁକ୍ତ ଶଙ୍କର୍ଷଣ ଦାସ ତାଙ୍କୁ ଋଣ ପରିଶୋଧ କରିବା ପାଇଁ ତାଗିଦ୍ କରିଥିଲେ ଏବଂ ଶେଷରେ ଇନ୍ଦ୍ରମଣି ମଳିକ ବିଲରେ ହଳ କରୁଥିବା ବେଳେ ଟ୍ରାକ୍ଟରକୁ ଜୋର ଜବରଦସ୍ତ ଜବତ କରି ନେଇ ଆସିଥିଲେ। ପରେ ସେବା ସମବାୟ ସମିତି ତରଫରୁ ସେ ଟ୍ରାକ୍ଟରଟିକୁ ଭଡ଼ାରେ ଲଗାଇ ଇନ୍ଦ୍ରମଣି ମଳିକଙ୍କ ଋଣ ପରିଶୋଧ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ହେଲେ କିଛି ଦିନ ପରେ ଋଣ ପରିଶୋଧ ପାଇଁ ସେବା ସମବାୟ ସମିତି ତରଫରୁ ଇନ୍ଦ୍ରମଣି ମଳିକଙ୍କ ନିକଟକୁ ଏକ ନୋଟିସ୍ ଆସିବାରୁ ସେ ସମବାୟ ସମିତିରେ ପହଞ୍ଚି ସମ୍ପାଦକ ଶଙ୍କର୍ଷଣ ଦାସ ଟ୍ରାକ୍ଟରକୁ ଋଣ ପରିଶୋଧ କରିବା ପାଇଁ ନେଇ ଆସିଛନ୍ତି ବୋଲି କହିଥିଲେ। ତେବେ ସେତେବେଳର ସମ୍ପାଦକ ସମିତି ତରଫରୁ ସେମିତି କୌଣସି ଟ୍ରାକ୍ଟର ଜବତ ହୋଇନାହିଁ ବୋଲି କହିଥିଲେ। ତେଣୁ ଇନ୍ଦ୍ରମଣି ମଳିକ ବାଧ ହୋଇ ଗତ ୨୦୦୮ ମସିହା ଅଗଷ୍ଟ ୧୭ ତାରିଖରେ ତତ୍କାଳୀନ ସମ୍ପାଦକ ଶଙ୍କର୍ଷଣ ଦାସ ତାଙ୍କ ଟ୍ରାକ୍ଟରକୁ ଚୋରି କରି ନେଇଯାଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରିଥିଲା। ତେବେ ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା ଯେ, ଶଙ୍କର୍ଷଣ ଉକ୍ତ ଟ୍ରାକ୍ଟରକୁ ନେବା ପରେ ତାର ସମସ୍ତ ଯନ୍ତ୍ରାଂଶକୁ ଖୋଲି ତିହିଡ଼ି ଥାନା ପାଳିଆ ଗାଁର ସେକ୍ ଦିଲାଙ୍କୁ ବିକ୍ରି କରି ଦେଇଛି ଏବଂ ବିକ୍ରି ଟଙ୍କାକୁ ନିଜେ ହଡପ କରିଦେଇଛି। ତଦନ୍ତ ବେଳେ ପୁଲିସ ଉକ୍ତ ଟ୍ରାକ୍ଟରର ଯନ୍ତ୍ରାଂଶ ମଧ ଉଦ୍ଧାର କରି ଜବତ କରିଥିଲା। ଟ୍ରାକ୍ଟର ଚୋରି ଅଭିଯୋଗରେ ପୁଲିସ ଶଙ୍କର୍ଷଣ ଦାସ ଓ ଚୋରି ଜିନିଷ କିଣିଥିବା ସେକ୍ ଦିଲାଙ୍କ ନାମରେ ୩୭୮, ୪୧୧ ଦଫାରେ ଚାର୍ଜସିଟ ଦାଖଲ କରିଥିଲା। ମାମଲାର ବିଚାର ପରେ କୋର୍ଟ ପ୍ରମାଣ ଅଭାବରୁ ସେକ ଦିଲାଲକୁ ନିର୍ଦ୍ଦୋଷରେ ଖଲାସ କରିଥିବାବେଳେ ଶଙ୍କର୍ଷଣକୁ ଚୋରି ଅପରାଧରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡବିଧାନ ଆଦେଶ ଦେଇଛନ୍ତି। ଉକ୍ତ ମୋକଦ୍ଦମାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ପଙ୍କଜ କୁମାର ଦାସ ପରିଚାଳନା କରିଥିଲେ।

# ନଦୀରୁ କମୁଛି ବନ୍ୟା; ଗାଁରେ ବଢୁଛି ଦୁର୍ଦ୍ଦଶା







ଯାଜପୁର/ଦଶରଥପୁର/କୟାଁଗୋଲା, ୨୭।୮ (ସମିସ):

ଯାଜପୁର ଜିଲ୍ଲାର ବୈତରଣୀ ଏବଂ ଏହାର ଶାଖା କାଣି ନଦୀରେ ଆସିଥିବା ବନ୍ୟା ଯୋଗୁଁ ଦଶରଥପୁର ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଅହିୟାସ ପଞ୍ଚାୟତ ଦରଘା ଠାରେ ସୃଷ୍ଟି ହୋଇଥିବା ୧୦୦ ଫୁଟ ଘାଇ ଯୋଗୁଁ ୨୦ରୁ ଊର୍ଦ୍ଧ୍ୱ ମୁସଲିମ ପରିବାର ସଂପୂର୍ଣ୍ଣ ବାସ ହୀନ ହୋଇପଡିଛନ୍ତି। ଆଜି ବି ଘାଇ ମୁହଁରେ ୫ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ସେହି ଅଞ୍ଚଳକୁ ଯାଇପାରୁନାହାଁନ୍ତି ଲୋକେ। ଘର ଦ୍ୱାର ଛାଡି ଯିଏ ଯୁଆଡେ ଧାଇଁ ଆଶ୍ରୟ ନେଇଥିବା ପରିବାର ଲୋକେ ନିଜ ଘରକୁ ଖୋଜି ପାଉନାହାଁନ୍ତି। ଅନେକ ଘର ସଂପୂର୍ଣ୍ଣ ପାଣିର ସ୍ରୋତରେ ଧ୍ୱଂସ ପାଇଯାଇଥିବା ବେଳେ ବାଇକ୍, ଫ୍ରିଜ ଠାରୁ ଆରମ୍ଭ କରି ଅନେକ ଆସବାବପତ୍ର ମାଟି ତଳେ ପୋତି ହୋଇଯାଇଛି। ଉଦ୍ଧାର କରିବା ପାଇଁ ସୁଯୋଗ ମଧ୍ୟ ନାହିଁ। ଆଜି ବି ଅନେକ ପରିବାର ଭୋକ ଉପାସରେ ଛାତ ଉପରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ସେଦିନ ବିଳମ୍ବିତ ରାତ୍ରୀରେ ଶୋଇଥିବା ବେଳେ ହଠାତ୍ ପାଣି ମାଡି ଆସିଲା। ଆମେ ଛୁଆ ପିଲା ଛାଡି ଯିଏ ଯୁଆଡେ ଧାଇଁଲୁ। ଆଜି ବି ନିଜ ଘର ଖୋଜି ପାଉନାହୁଁ ବୋଲି କୋହଭରା କଣ୍ଠରେ ବନ୍ୟା ବିପନ୍ନ ଜୁଗୁନି ବିବି କହିଛନ୍ତି। କେବଳ ଜୁଗୁନି ନୁହେଁ ସ୍ଥାନୀୟ ଅଞ୍ଚଳର ସମସ୍ତ ମୁସଲିମ ବସ୍ତି ଏହି ବନ୍ୟା ଦ୍ୱାରା କ୍ଷତିଗସ୍ତ ହୋଇଥିବା ବେଳେ ସରକାରଙ୍କ ତରଫରୁ କେଇ ମୁଠା ଚୁଡ଼ା ଓ ବିସ୍କୁଟ ଆମମାନଙ୍କ କଷ୍ଟକୁ କ'ଣ ଲାଘବ କରିପାରିବ ବୋଲି ବିପନ୍ନ ମାନେ ପ୍ରଶ୍ନ କରିଛନ୍ତି। ତେଣୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ପ୍ରତ୍ୟେକ ପରିବାରକୁ ଉଚିତ କ୍ଷତିପୁରଣ ପ୍ରଦାନ କରିବାକୁ ବନ୍ୟା ବିପନ୍ନମାନେ ଦାବି କରିଛନ୍ତି।



୪ ଦିନ ଧରି ପାଣି ଘେରରେ ରହିବା ପରେ ଖାଦ୍ୟ ଓ ପାନୀୟ ଜଳର ଅଭାବକୁ ନେଇ ବନ୍ୟା ବିପନ୍ନ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। କିଛି କିଛି ସ୍ଥାନରେ ମାଟି ଘର ଭାଙ୍ଗି ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି ବନ୍ୟା ସମ୍ପୂର୍ଣ୍ଣ ଚାଷବାସକୁ ପ୍ରଭାବିତ କରିବା ସହିତ ବନ୍ୟା ପାଣି ପଶି ୪ ଦିନ ହେବ ଜଳୁନି ଚୁଲି। କୟାଁ ଅଞ୍ଚଳରେ କୁମ୍ଭୀରର ଭୟ ଲୋକଙ୍କ ମନରେ ଉଙ୍କି ମାରୁଥିବା ବେଳେ ସେପଟେ ବନ୍ୟାର ପ୍ରଖର ସ୍ରୋତରେ ଭାସିଯିବାର ଭୟ ମଧ୍ୟ ଘାରିଛି। ଏପରିକି ରାତିରେ ଗାଁ ଲୋକ ଘରୁ ବାହାରିବା କଷ୍ଟକର ହୋଇପଡିଛି।। ବ୍ଲକର ୪୦ରୁ ଅଧିକ ଗାଁ ବନ୍ୟା ଘେରରେ ରହିଛି। ବିଶେଷକରି କଁୟା ପଞ୍ଚାୟତ ଧରମପୁର, ଗହିରାପାଳ, ମଲ୍ଲୀପୁର, ମାଧପୁର, ଦରଭା, ଗରବନ୍ଧ, ଗୁଣ୍ଡୁଣିପଡା, ଇଚ୍ଛାପୁର, ଦୁବକଣ, କମାରଡିହି ପଞ୍ଚାୟତର କେଳାଙ୍ଗ, ବଳରାମପୁର, ସହିମାଡ଼, ଇଟାପଡା, କସପା ପଞ୍ଚାୟତର ବ୍ରହ୍ମଚାରିପାଟଣା, କସପା, ନୂଆଶାସନ, ଅହିୟାସ, କମାଳପୁର, ପଲ୍ଲାସାହି, ଆଖୁଆସାହି, ମଲ୍ଲିକାପୁର ପଞ୍ଚାୟତର ମଲ୍ଲିକାପୁର, ମହାନ୍ତିପାଟଣା, ଜୟନ୍ତରା ପଞ୍ଚାୟତର ମହାପାତ୍ରସାହି, କଟିକଟା ପଞ୍ଚାୟତର ମାଝୀ ସାହି ସାହିରେ ବନ୍ୟାରେ ଲୋକ ଦୁର୍ବିସହ ଜୀବନ ବିତାଉଛନ୍ତି। କୟାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଶେଷ ସୁତାର କୟାଁ ପଞ୍ଚାୟତ କୁ ପ୍ରଶାସନ ତରଫରୁ ଦେଶୀ ଡ଼ଙ୍ଗା ଓ ସରକାରୀ ନଳକୂପଗୁଡିକ ବନ୍ୟା ପାଣି ବୁଡ଼ି ଯାଇଥିବାରୁ ବିଶୁଦ୍ଧ ପାଣି ଆବଶ୍ୟକ ଦାବି କରିଛନ୍ତି। ଗୃହପାଳିତ ପଶୁଙ୍କ ପାଇଁ ବ୍ଲକ ପ୍ରଶାସନ ତରଫରୁ ଗୋଖାଦ୍ୟ ଯୋଗାଇ ଦିଆଯାଇଥିଲେ ମଧ ତାହା ଏଯାଏଁ କିଛି ବନ୍ୟା ପ୍ଳାବିତ ଅଞ୍ଚଳର କିଛି ଲୋକଙ୍କ ପାଖରେ ପହଞ୍ଚି ଥିବା ବେଳେ ଅନ୍ୟ ଅଞ୍ଚଳ ଏପର୍ଯ୍ୟନ୍ତ ପହଞ୍ଚି ନାହିଁ। ଏହି ବନ୍ୟା ପାଣିରେ ହେକ୍ଟର ହେକ୍ଟର ଚାଷ ଜମି ଜୁନି ଯାଇଥିବା ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ର କହିଛନ୍ତି। ବନ୍ୟା ଛାଡ଼ି ଯିବ ହେଲେ ଚାଷୀଙ୍କ ଦୁର୍ଦ୍ଦଶା ଦୁଇଗୁଣ ବଢ଼ିଯିବ। ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଉପରେ ନଜର ଦେବାକୁ ସାଧାରଣ ଲୋକ ଦାବି କରିଛନ୍ତି। ଯଥାଶୀଘ୍ର ପାନୀୟ ଜଳ ସମସ୍ୟା ସହ ଅନ୍ୟ ସମସ୍ତ ଦିଗରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତ ପ୍ରକାଶ କରିଛନ୍ତି ବିଡିଓ ଆକାଶ ପଟ୍ଟନାୟକ।

## ଗୃହପାଳିତ ପଶୁ ପ୍ରଭାବିତ

ଦଶରଥପୁର: ବନ୍ୟାଞ୍ଚଳରେ ହଜାର ହଜାରରୁ ଅଧିକ ଗାଈ ଗୋରୁ, ଛେଳି, ମେଣ୍ଢା ଓ କୁକୁଡା ଆଦି ଗୃହପାଳିତ ପଶୁ ପକ୍ଷୀ ପ୍ରଭାବିତ ହୋଇଥିବା ଜଣାଯାଇଛି। ସରକାରୀ ଭାବେ ଗୃହପାଳିତ ପଶୁଙ୍କୁ ଉଦ୍ଧାର କରାଯଇଥିବା ସୂଚନା ଜଣାପଡ଼ିନଥିଲେ ହେଁ ବହୁ ପଶୁ ପାଳକ ସେମାନଙ୍କ ଗୃହପାଳିତ ପଶୁଙ୍କୁ ନଦୀ ବନ୍ଧ ଏବଂ ଉଚ୍ଚା ସ୍ଥାନରେ ସୁରକ୍ଷିତ ରଖିବାକୁ ପ୍ରାଣ ପଣେ ଉଦ୍ୟମ ଜାରିରଖିଛନ୍ତି। ଅନେକ ଅନ୍ୟତ୍ର ଭାସିଯାଇଥିବା ଖବର ମିଳୁଛି। ମାତ୍ର ପ୍ରଭାବିତ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ପରିମାଣରେ ଖାଦ୍ୟ ମିଳିବାରେ ସମସ୍ୟା ଯୋଗୁ ସଂଖ୍ୟାଧିକ ପଶୁଙ୍କର ଖାଇବା ସମସ୍ୟା ବୃଦ୍ଧି ପାଇଛି।

## ରିଲିଫ ଗୁଡ଼ରେ ଗୁଟ୍‌କା ଜରି

ଦଶରଥପୁର: ଦଶରଥପୁର ବ୍ଲକ ଅହିୟାସ ପଞ୍ଚାୟତର ଦରଘା ଠାରେ ବୈତରଣୀର ନଦୀର ଶାଖା କାଣି ନଦୀରେ ଘାଇ ସୃଷ୍ଟି ହୋଇ ବ୍ଲକର ପାଖାପାଖି ୨୦ଟି ପଞ୍ଚାୟତ ଜଳମଗ୍ନ ହୋଇସାରିଛି। ବନ୍ୟା ବିପନ୍ନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଜଳବନ୍ଦୀ ହୋଇଥିବା ଲୋକଙ୍କ ପାଖରେ ଶୁଖିଲା ଖାଦ୍ୟ ସହ ପିଇବା ପାଣି ଯୋଗାଇ ଦିଆଯାଉଛି। ଏଥିମଧ୍ୟରେ ଚୁଡ଼ା, ଗୁଡ଼ ଏବଂ ପାନୀୟ ଜଳ ମଲିକାପୁର ପଞ୍ଚାୟତରେ କାର୍ଯ୍ୟାଳୟରେ ପହଞ୍ଚିଥିବା ରିଲିଫ ସାମଗ୍ରୀ ଗାଡ଼ିରୁ ଓଲହାଇଯିବା ସମୟରେ କିଛି ଲୋକ ପିଚୁ ଟିଣରେ ଗୁଡ଼ ପହଞ୍ଚିଥିବା ଦେଖିଥିଲେ। ଏଣୁ ସେଠାରେ ଉପସ୍ଥିତ ବ୍ଲକ କର୍ମଚାରୀ ସାଙ୍ଗେ ସାଙ୍ଗେ ଟିଣ ଗୁଡ଼ିକୁ ଖୋଲି ଦେଖିବା ବେଳେ ଗୁଡ଼ ଡବାରୁ ବହୁ ପରିମାଣରେ ଗୁଟୁଖା ଜରି ଏବଂ ଅନ୍ୟ କିଛି ସାମଗ୍ରୀ ମିଶା ଗୁଡ଼ ବାହାରିଥିଲା। ଏହାକୁ ଦେଖି ସେଠାରେ ଖାଦ୍ୟ ନେବାକୁ ଆସିଥିବା ଲୋକମାନେ ଅସନ୍ତୋଷ ପ୍ରକାଶକରିବା ସହ ଚାପା ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସବନ୍ଧରେ ଅଧିକାରୀଙ୍କୁ ପଚାରିବାରେ ଏହି ଗୁଡ଼ଟିଣ ଗୁଡ଼ିକ ବ୍ୟାସନଗର ପୌରାଞ୍ଚଳ କାର୍ଯ୍ୟାଳୟରୁ ଆସିଥିବା କହିବା ସହ ସମସ୍ତ ଗୁଡ଼ ଟିଣ ଗୁଡ଼ିକୁ ଫେରସ୍ତ କରାଯିବ ବୋଲି କହିଥିଲେ।



## ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଦଶରଥପୁର,୨୭।୮ (ସମିସ): ଦଶରଥପୁର ବ୍ଲକ ବୈତରଣୀର ଶାଖା କାଣୀ ନଦୀରେ ଘାଇ ହୋଇଥିବା ଯୋଗୁ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପାଣିରେ ଗତକାଲି ଜଣେ କଲେଜ ଛାତ୍ର ନିଖୋଜ ହୋଇଯାଇଥିଲେ। ନିଖୋଜ ଛାତ୍ର ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତର ମନ୍ମଥ ରଣାଙ୍କ ପୁଅ ମଦନ ମୋହନ ରଣା (୨୦)। ଗତକାଲି ମଦନ ମଲ୍ଲିକାପୁର-ବଉଳାଙ୍ଗ ରାସ୍ତାର କେନ୍ଦୁଆ ନାଳ ଉପରେ ଥିବା ପୋଲ ତଳକୁ ଶୌଚ ହେବାକୁ ଯାଇଥିବା ସମୟରେ ପଟୁ ମାଟିରେ ଗୋଡ଼ ଖସି ଯିବାରୁ ବନ୍ୟା ପାଣିରେ ଭାସି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଏବଂ ଓଡ୍ରାଫ୍ ଟିମ୍‌ର ଦୁଇଟି ବୋଟ ମଦନଙ୍କୁ ଠାବ କରିବା ପାଇଁ ଉଦ୍ୟମ କରିଥଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଆଜି ସକାଳୁ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ଅତିରିକ୍ତ ତହସିଲଦାର ରଶ୍ମୀ ରଞ୍ଜନ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଓଡରାଫ ଓ ଦମକଳ ବାହୀନି ସହିତ ବୁଡାଳୀ ମାନେ ସେଠାରେ ଖୋଜାଖୋଜି କରିବା ପରେ କେନ୍ଦୁଆ ନାଳ ଉପରେ ଥିବା ପୋଲ ତଳେଥିବା ଏକ ଲୁହା ରଡ଼ରେ ଲାଗିଥିବା ମଦନଙ୍କ ମୃତଦେହକୁ ବାହାର କରିଥିଲେ। ସେଠାରୁ ମୃତ ଦେହକୁ ପ୍ରଥମେ ମଙ୍ଗଳପୁର ଓ ପରେ ଶବ ବ୍ୟବଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାଯାଇଛି।

## ବିଜେପି କର୍ମୀଙ୍କ ପକ୍ଷରୁ ରିଲିଫ ବଣ୍ଟନ

ମଙ୍ଗଳପୁର: ମଙ୍ଗଳପୁର ପଞ୍ଚାୟତର ୨ ନମ୍ବର ୱାର୍ଡରେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ୨ ନମ୍ବର ୱାର୍ଡରେ କ୍ଷତିଗ୍ରସ୍ତ ବନ୍ୟା ବିପନ୍ନମାନଙ୍କୁ ଆଜି ମଙ୍ଗଳପୁର ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ପକ୍ଷରୁ ମଙ୍ଗଳପୁର ପଞ୍ଚାୟତର ସମିତିସଭ୍ୟା ସରିତା ପଣ୍ଡା, ସମାଜସେବୀ ବିଭୁତି ଭୂଷଣ ପଣ୍ଡା, ରାଜେଶ କୁମାର ମଲ୍ଲିକ, ପ୍ରମୋଦ କୁମାର ପଣ୍ଡା, ଶୁଭ୍ରାଂଶୁ ମହାପାତ୍ର, ସରୋଜ ମଲ୍ଲିକ ପ୍ରମୁଖଙ୍କ ସମେତ ଅନେକ ବିଜେପି କର୍ମୀ ୨ ନମ୍ବର ୱାର୍ଡର ଦଳିତ ସାହିରେ ୮୦ ପରିବାରର ୨୬୫ ଜଣ କ୍ଷତି ଗ୍ରସ୍ତଙ୍କୁ ମୁଢି, ବିସ୍କୁଟ, ଚୁଡା, ମହମବତୀ ଓ ପାଲ ଆଦି ପ୍ରଦାନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଗୋରୁ ଗାଇମାନଙ୍କୁ ଗୋଖାଦ୍ୟ ବଣ୍ଟନ କରାଯାଇଛି।

## ଉତ୍କଳ ସୋସିଆଲ ୱେଲ ଫେୟାର୍ ସୋସାଇଟି ପକ୍ଷରୁ ରିଲିଫ୍

ଦଶରଥପୁର: ଉତ୍କଳ ୱେଲ ଫେୟାର ସୋସାଇଟି ବିଞ୍ଝାରପୁର ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ପ୍ରଦାନ କରାଯାଇଛି। ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନାଲମଲ୍ଲିକ ପାଟଣା ଦୁଇ ନମ୍ବର୍ ୱାର୍ଡରେ ଅଧିକ କ୍ଷତିଗ୍ରସ୍ତ ପରିବାର ଓ ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡି ସାହିରେ ପାଣିଘେରରେ ଥିବା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ସମିତି ସଭ୍ୟା ସରିତା ପଣ୍ଡା, ସେକ୍ ଓସି ଉଲ୍ଲା, ସେକ୍ ଇଝହାର, ଲକ୍ଷ୍ମୀନାରାୟଣ ଜରାଶ୍ରମର ଅଧିକ୍ଷକ ଓ ପ୍ରଧାନ ଶିକ୍ଷକ ବିପନ୍ନ ମାନକୁ ରିଲିଫ୍ କିଟ୍ ଓ ପାଲ ପ୍ରଦାନ କରିଥିଲେ। ସେକ୍ ବସର୍, ପ୍ରିୟବ୍ରତ ମହାନ୍ତି, ସାମ୍ବାଦିକ ପ୍ରମୋଦ କୁମାର ପୁହାଣ, ସୀତାଂଶୁ ଜେନା, ଦେବେନ୍ଦ୍ର ସାମଲ ଓ ଗ୍ରାମ ବାସୀଙ୍କ ସହଯୋଗରେ ରିଲିଫ୍ ବଣ୍ଟନ କରାଯାଇଥିଲା। ଜରାଶ୍ରମ ଅନ୍ତେବାସୀ ରିଲିଫ କିଟ୍ ଓ ବୋତଲ ପାଣି ପାଇ ଆନନ୍ଦରେ ଫାଟି ପଡିଥିଲେ। ଉତ୍କଳ ସୋସିଆଲ ୱେଲ ଫେୟାର ସୋସାଇଟିର ପରିଚାଳନା ନିର୍ଦ୍ଦେଶକ ଅବଦୁଲ୍ କାଦିର ଖାଁ ସୁଦୂର ମୁମ୍ବାଇରେ ଥାଇ ରିଲିଫ୍ ସାମଗ୍ରୀ ବ୍ୟବସ୍ଥା କରିଥିଲେ।

## ଚୋରା ମଦ କାରବାରକୁ ବିରୋଧ



ବାଲିଚନ୍ଦ୍ରପୁର,୨୭।୮ (ସମିସ): ବାଲିଚନ୍ଦ୍ରପୁର ଥାନା ତଥା ଅଣକା ପଞ୍ଚାୟତ ଅନ୍ତର୍ଗତ ମହାଦେଇପୁର ଦଳେଇ ସାହିରେ ଦୀର୍ଘ ଦିନ ହେବ ଚୋରା ମଦ କାରବାର ହୋଇ ଆସୁଛି। ଆଜି ସନ୍ଧ୍ୟାରେ ମଦ୍ୟପମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆସୁଥିବା ୩୦ରୁ ଅଧିକ ମହିଳା ଥାନାକୁ ଆସି ଏହା ବିରୋଧ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଏହି ଦଳେଇ ସାହିର ବିଭିନ୍ନ ସ୍ଥାନରେ ୭ ଜଣ ଚୋରା ମଦ ବେପାରୀ ଚୋରା ମଦ କାରବାର କରି ଆସୁଛନ୍ତି। ଏହି କାରବାର ପାଇଁ ଏହି ସାହିର ଯୁବକ ଛାତ୍ର ସହିତ ବିଭିନ୍ନ ପରିବାରର ସ୍ୱାମୀ ଓ ପୁଅ ମାନେ ମଦ୍ୟପାନ କରି ନିଜ ନିଜର ପରିବାରରେ ଅଶାନ୍ତ ପରିବେଶ ସୃଷ୍ଟି କରି ମହିଳା ଓ ପିଲାଛୁଆଙ୍କୁ ମାରଧର କରୁଛନ୍ତି ବୋଲି ମହିଳାମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପୂର୍ବ ଅଭିଯୋଗ ଅନୁଯାୟୀ ଅବକାରୀ ବିଭାଗ ପକ୍ଷରୁ ଏହି ସାହିରେ ଚଢ଼ାଉ କରାଯାଇ ଦୁଇଜଣଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ସେମାନେ ଜେଲରୁ ଫେରି ପୁଣି ଏହି କାରବାର କରୁଛନ୍ତି। ଏହା କେମିତି ହେଉଛି ଓ କି ପଦକ୍ଷେପ ବୋଲି ମହିଳା ମାନେ ପ୍ରଶ୍ନ ଉଠାଇ ସବୁଦିନ ପାଇଁ ଏହି ଦଳେଇ ସାହିକୁ ମଦ ମୁକ୍ତ କରିବା ସହିତ ମଦ ବେପାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା ମାନେ ଦାବି କରିଥିଲେ। ତେବେ ଥାନାଧିକାରୀ ସମରଜିତ ନାୟକ ମହିଳା ମାନଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରିବା ସହିତ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କୂଅରେ ପଡ଼ି ଯୁବକ ମୃତ

ଦାନଗଦି, ୨୭।୮ (ସମିସ): ଦାନଗଦି ଗାଁର ସନାତନ ପାତ୍ରଙ୍କ ପୁଅ ଚନ୍ଦନ ପାତ୍ର (୫୩) ଗତକାଲି ରାତିରୁ ନିଖୋଜ ଥିଲେ। ଆଜି ସକାଳୁ ଘର ଲୋକ ତାଙ୍କ ଘର ପାଖରେ ଥିବା କୂଅରେ ଚପଲ ଭାସୁ ଥିବାର ଦେଖିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ କୂଅରୁ ଉଦ୍ଧାର କରିଥିଲେ। ପରେ ୧୦୮ ଯୋଗେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାର ମୃତ୍ୟୁ ଘଟିଥିବା କହିଥିଲେ। ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ଖବର ପାଇ ଦାନଗଦି ଫାଣ୍ଡି ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ୩୬/୨୦୨୫ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

## ଯାଦବ ନେତାଙ୍କ ବିୟୋଗରେ ଶୋକସଭା

ବିଞ୍ଝାରପୁର,୨୭।୮ (ସମିସ): ବିଞ୍ଝାରପୁର ବ୍ଲକର ମଲିଆ ଏଗାର ପାଟଣା ଯାଦବ ସମିତି ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ଯାଦବ ମହାସଭାର ଦକ୍ଷ ସଂଗଠକ ଅର୍ଜୁନ ମହକୁଳଙ୍କ ବିୟୋଗରେ ଏକ ଶୋକସଭା ମନ୍ଦିର ସଭାପତି ପ୍ରଫୁଲ୍ଲ କୁମାର ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବଂଗତ ମହାକୁଳଙ୍କର ବହୁମୁଖୀ ପ୍ରତିଭାର ଚର୍ଚ୍ଚା କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲା ମଣ୍ଡଳର ପ୍ରାକ୍ତନ ସଭାପତି ରବୀନ୍ଦ୍ରନାଥ ବେହେରା ଯୋଗଦେଇଥିଲେ। ଉପସ୍ଥିତ କର୍ମକର୍ତ୍ତାଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ଗୁରୁ, ରତ୍ନାକର ମହାକୁଳ, ଧନେଶ୍ୱର ଦାସ, ପ୍ରଦୀପ କୁମାର ନାୟକ, ଘନସୁନ୍ଦର ଦାସ, ସିଦ୍ଧାର୍ଥ ଶଙ୍କର ଗୁରୁ, ରମେଶଚନ୍ଦ୍ର ପଲାଇ, ବିଷ୍ଣୁଚରଣ ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରା ସମେତ ବହୁ ଯାଦବ ସଦସ୍ୟ ମାନେ ଉପସ୍ଥିତ ହୋଇ ସ୍ମୃତିଚାରଣ କରିଥିଲେ। ସୁବାସଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବତୀଙ୍କ ସନ୍ଦେହ ଜନକ ମୃତ୍ୟୁ

ସିଂହପୁର,୨୭।୮ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଅଜୟ ବଳଙ୍କ ଝିଅ ରିତୁ (୨୩)ଙ୍କର ଆଜି ମୃତ୍ୟୁ ଘଟିଛି। ସେ ସିଂହପୁର କଲେଜ ଛକ ନିକଟରେ ଏକ ବିଉଟି ପାର୍ଲର ଦୋକାନ କରିଛନ୍ତି। ଆଜି ପାର୍ଲରକୁ ଆସିଥିବା ରିତୁ ଘରକୁ ନ ଫେରିବାରୁ ସନ୍ଧ୍ୟାରେ ପରିବାର ଲୋକେ ଫୋନ କରିଥିଲେ। ଫୋନ ନ ଉଠାଇବାରୁ ଆସି ଦେଖନ୍ତି ପାର୍ଲର ଘର ଭିତରେ ଫ୍ୟାନରେ ରଶିରେ ଝୁଲୁଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଝିଅକୁ କିଏ ମାରି ଫ୍ୟାନରେ ଝୁଲାଇ ଦେଇଛି। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଯାଜପୁର ପଠାଇ ଘଟଣାର ତଦନ୍ତ କରୁଛି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କବାଟବନ୍ଧ/ଜେନାପୁର,୨୭।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୈରୀ- ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ବନାଞ୍ଚଳ ଜେନାପୁର ଥାନା ଅଞ୍ଚଳରେ ଏକ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ଆକ୍ରମଣରେ ଗୁରୁତର ହୋଇଥିବା ଯୁବକ ଜଣକ ଜେନାପୁର ଥାନା ଅନ୍ତର୍ଗତ ସଂପାରୁ ପଞ୍ଚାୟତ ତୁରଙ୍ଗ ଗ୍ରାମର ଜଳଧର ଜେନାଙ୍କ ପୁଅ ଚିନ୍ମୟ ଜେନା (୩୦) ବୋଲି ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ ଚିନ୍ମୟ ବୁଧବାର ସକାଳ ପ୍ରାୟ ୬.୩୦ ସମୟରେ ଶୌଚ ହେବା ପାଇଁ ଗାଁ ନିକଟରେ ଥିବା କୁଆଁରିଆ ନାଳକୁ ଯାଇଥିଲେ। ଏହି ସମୟରେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ଚିନ୍ମୟ ଗୁରୁତର ହୋଇଛନ୍ତି। ତାଙ୍କର ମୁହଁ, ଆଖି, ହାତ, ଗୋଡ଼ ଆଦି କ୍ଷତବିକ୍ଷତ ହୋଇଛି। ଏହି ସମୟରେ ସେଠାରେ ଥିବା ଦୁଇଟି କୁକୁର ମଧ ଭାଲୁ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। କୁକୁର ଦୁଇଟିକୁ ଭାଲୁଟି ସମ୍ପୂର୍ଣ୍ଣ ଦୁଇ ଫାଳ କରି ଦେଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକମାନେ ଚିନ୍ମୟକୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳରେ ଭାଲୁ ବାହାରିବା ଏକ ସାଧାରଣ କଥା। କେବଳ ଭାଲୁ ନୁହେଁ ବାରହା, ହରିଣ, ଖୁରିଙ୍ଗ, ଠେକୁଆ ଏବଂ ଅନେକ ପ୍ରକାର ସାପ ମଧ୍ୟ ଲୋକମାନେ ଦେଖିବାକୁ ପାଉଛନ୍ତି। ଦିନରାତି ପାହାଡ଼ ବେଆଇନ ବ୍ଲାଷ୍ଟିଂ ଏବଂ ପ୍ରଚଣ୍ଡ ଶବ୍ଦ ପାଇଁ ବନ୍ୟ ଜନ୍ତୁ ମାନେ ଜନବସତି ମୁହାଁ ହୋଇଛନ୍ତି। ପାହାଡ଼ ଜଙ୍ଗଲରେ ରହିବା ବନ୍ୟ ଜନ୍ତୁମାନେ ନିଜ ବାସସ୍ଥାନକୁ ସୁରକ୍ଷିତ ନ ଭାବି ଜନବସତି ମୁହାଁ ହେଉଛନ୍ତି। ଯାହା ଫଳରେ ନିରୀହ ଲୋକଙ୍କ ଜୀବନ ଯାଉଛି। ତେବେ ଘଟଣା ସମ୍ପର୍କରେ ବନ ବିଭାଗ ତତ୍ପରତା ପ୍ରକାଶ କରି ସଦଳବଳେ ଉକ୍ତ ଅଞ୍ଚଳରେ ପ୍ରହରା ଦେଇଛି। ବନ ବିଭାଗ ଭାଲୁକୁ ଘଉଡ଼ାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଆକ୍ରମଣରେ ଗୁରୁତର ଚିନ୍ମୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଖବର ମିଳିଛି।

## ଟାଟା ଷ୍ଟିଲ ପକ୍ଷରୁ ଦୋରାବଜୀ ଟାଟାଙ୍କ ଜୟନ୍ତୀ ପାଳିତ

ଦାନଗଦି,୨୭।୮ (ସମିସ): ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଯାଜପୁର ଜିଲ୍ଲା ଡୁବୁରିସ୍ଥିତ ପ୍ଲାଣ୍ଟରେ ସାର୍ ଦୋରାବଜୀ ଟାଟାଙ୍କ ୧୬୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ କଳିଙ୍ଗନଗରର ଟିଏସ୍‌କେ ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଟିଏସ୍‌କେର ଜେନେରାଲ ମ୍ୟାନେଜର (ଅପେରେସନ୍ସ) କରମବିର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ସଂଘ ପ୍ରତିନିଧି ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍), ଫେରୋ ଆଲଏଜ୍ ପ୍ଲାଣ୍ଟ ବ୍ରହ୍ମଣୀପାଳ ଓ ଫେରୋ ଆଲଏଜ୍ ପ୍ଲାଣ୍ଟ ଯାଜପୁରରେ ମଧ ଶ୍ରଦ୍ଧାଞ୍ଜଳି ସମାରୋହରେ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସମାରୋହ ପରେ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା କର୍ମଚାରୀମାନେ ସୁକିନ୍ଦା ବ୍ଲକର ଓଳିଆ ପଞ୍ଚାୟତ ଅନ୍ତର୍ଗତ ଧଉରାସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଗଣେଶ ପୂଜା ପାଳନ କରିଥିଲେ। ପିଲାମାନଙ୍କୁ ମିଠା ଏବଂ ଉପହାର ବଣ୍ଟନ କରିଥିଲେ।




## ଦୀର୍ଘ ବର୍ଷ ଧରି ବନ୍ଧା ପଡ଼ିଥିବା ଶ୍ରମିକ ଉଦ୍ଧାର

ପାଣିକୋଇଲି,୨୭।୮ (ସମିସ):

ଦୀର୍ଘ ଦଶ ବର୍ଷ ଧରି ଗୋଟିଏ ଇଟାଭାଟିରେ ବନ୍ଧକ ପଡ଼ିଥିବା ଶ୍ରମିକ ପରିବାର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଉଦ୍ଧାର ହୋଇଛନ୍ତି। କିନ୍ତୁ ଉଦ୍ଧାର ହେବା ପରେ ତିନି ଶିଶୁଙ୍କୁ ଯାଜପୁର ଜିଲ୍ଲା ପ୍ରଶାସନ ନିଜ ହେପାଜତରେ ରଖିଥିବା ବେଳେ ପତିପତ୍ନୀ ଥାନାରେ ଅଭିଯୋଗ କରିବାକୁ ଆସି ଗଲେ ନିଖୋଜ ହୋଇଯାଇଛନ୍ତି। ଯାହା ଏବେ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥା ବଢାଇ ଦେଇଛି।


ପ୍ରକାଶଯେ ଭଦ୍ରକ ଜିଲ୍ଲା ବାଉଦପୁର ଅଞ୍ଚଳର ନବୀନ ମୁଣ୍ଡା ଓ ତାଙ୍କ ପତ୍ନୀ ଗୀତା ସମେତ ଦୁଇ ଶିଶୁ କନ୍ୟା ଓ ଗୋଟିଏ ଶିଶୁ ପୁତ୍ରକୁ ନେଇ ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ମାଧପୁର ଗ୍ରାମରେ ମହେନ୍ଦ୍ର ଜେନାଙ୍କ ଇଟାଭାଟି ନିକଟରେ ଭଙ୍ଗା ଚାଳ ଘରେ ୧୦ ବର୍ଷ ହେବ ରହିବା ସହିତ ତାଙ୍କ ଇଟାଭାଟିରେ ଉଭୟ ସ୍ୱାମୀ ସ୍ତ୍ରୀ କାର୍ଯ୍ୟ କରୁଥିଲେ। ଦୁଇ ଶିଶୁ କନ୍ୟା (୧୪ ଓ ୫) ଓ ପୁଅ (୮) ଶ୍ରୀ ଜେନାଙ୍କ ଘରେ ଘର କାମ କରିବା ସହିତ ଛେଳି ଚରା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ନବୀନା ଓ ତାଙ୍କ ପରିବାର ନିଜ ଗ୍ରାମକୁ ଯିବା ଲାଗି ଚାହିଁଲେ ମଧ୍ୟ ତାଙ୍କୁ ମାଲିକ ଶ୍ରୀ ଜେନା ଘରକୁ ନ ଛାଡ଼ି ଓଲଟା ମାଡ଼ ମାରୁଥିଲେ। ମଜୁରୀ ବାବଦରେ ପୁରା ପରିବାରକୁ ମାସକୁ ମାତ୍ର ଚାରି ହଜାର ଟଙ୍କା ମାଲିକ ଦେଉଥିଲେ।



ଭାଟି ମାଲିକ ଶ୍ରୀ ଜେନା ବନ୍ଧକ ଶ୍ରମିକ ଭାବେ ନବୀନାଙ୍କ ପରିବାରକୁ ନିଜ ଇଟା ଭାଟି ସମେତ ଗୃହ କାର୍ଯ୍ୟରେ ଖଟାଉଥିବା ବେଳେ ପିଲା ମାନଙ୍କୁ ପାଠ ପଢିବା ଲାଗି ମଧ୍ୟ ଛାଡୁ ନଥିଲେ। ଏପରିକି ଗତ ବର୍ଷ ନବୀନାଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବା ବେଳେ ମହେନ୍ଦ୍ର ତାଙ୍କୁ ଶୁଦ୍ଧିକ୍ରିୟା ଲାଗି ଘରକୁ ଯିବା ଲାଗି ମଧ ଛାଡ଼ି ନଥିଲେ। ତେବେ ନିରକ୍ଷର ଓ ନିସଃହାୟ ନବୀନା ଓ ତାଙ୍କର ପରିବାର ଭୟଭୀତ ଅବସ୍ଥାରେ ରହି ମୁକୁଳିବାର ବାଟ ମଧ ପାଉନଥିଲେ। ତେବେ ଏକଥା କୌଣସି ମତେ ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଯାଜପୁରର ଭାରପ୍ରାପ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଶ୍ରମ ଅଧିକାରୀ ସୌମ୍ୟସୁନ୍ଦର ରାଉତରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ପ୍ରମୁଖ ଉକ୍ତ ଇଟାଭାଟି ମାଲିକ ଶ୍ରୀ ଜେନାଙ୍କ ଘରେ ଚଢ଼ଉ କରି ବନ୍ଧକ ଥିବା ନବୀନାଙ୍କ ପରିବାରକୁ ଉଦ୍ଧାର କରିଥିଲେ। ପରେ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ତିନି ଜଣ ପିଲାମାନଙ୍କୁ ନିଜ ହେପାଜତକୁ ନେବା ସହିତ ଦୁଇ ଝିଅଙ୍କୁ ଯାଜପୁର ସ୍ଥିତ ସଖୀ କେନ୍ଦ୍ରରେ ଓ ପୁଅକୁ ବାଳାଶ୍ରମରେ ରଖିଥିଲେ। ତେବେ ନବୀନା ଓ ତାର ପତ୍ନୀ ଥାନାକୁ ଅଭିଯୋଗ ନେଇଆସିଥିବା ବେଳେ ପୁଲିସ ତାଙ୍କୁ ଢେର ସମୟ ପର୍ଯ୍ୟନ୍ତ ଥାନାରେ ଅଟକାଇଥିଲା। ଫଳରେ ସେମାନେ ଭୟଭୀତ ହୋଇ କୁଆଡେ ଚାଲିଯାଇଥିବାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କର ଜଣାଇଛନ୍ତି। ଏପରିକି ପୁଲିସ ମଧ ଏତଲାକୁ ରେଜେଷ୍ଟ୍ରୀ କରିନଥିବା ଶ୍ରୀ କର ଜଣାଇବା ସହିତ ଏକଥା ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ଶ୍ରୀ କର ସୂଚନା ପ୍ରଦାନ କରିଛନ୍ତି।

# ବାଇସ୍କୋପ

ସକାଳ
THE SAKALA
www.sakalaepaper.com




## ସେପ୍ଟେମ୍ବର ୧୨ରେ 'ଲହରୀ'



କଲିକତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହେବା ପରେ ଅଷ୍ଟ୍ରେଲିଆର ମେଲବର୍ଣ୍ଣଠାରେ ଆୟୋଜିତ 'ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ଣ୍ଣ' (ଆଇଏଫ୍ଏଫ୍ଏମ୍)ରେ ପ୍ରଦର୍ଶିତ ହୋଇ 'ଲହରୀ' ବହୁତ ପ୍ରଶଂସା ସାଉଁଟିଛି। ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ଭାରତୀୟ ବିବିଧତା, ସୃଜନାତ୍ମକ କଳା ଓ ସାଂସ୍କୃତିକ ବିଭବକୁ ବିଶ୍ୱ ସ୍ତରରେ ପହଞ୍ଚାଇବା 'ଆଇଏଫ୍ଏଫ୍ଏମ୍'ର ମୂଳ ଉଦ୍ଦେଶ୍ୟ ରହି ଆସିଛି। ଚଳିତ ବର୍ଷ ଏହାର ୧୬ ତମ ସଂସ୍କରଣ ଅନୁଷ୍ଠିତ ହୋଇଛି । ଶ୍ରେଷ୍ଠ ବିବେଚିତ ବିଭିନ୍ନ ଆଞ୍ଚଳିକ ସିନେମା ଏଠାରେ ପ୍ରଦର୍ଶିତ ହୋଇଥିବା ବେଳେ 'ଲହରୀ'ର ମନୋନୟନ ବିଶେଷ ଗୁରୁତ୍ୱ ରଖେ। ଓଡ଼ିଶା ପାଇଁ ଏହା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ। ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜନାରେ ଅଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନବ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି । ଝିଲିକ୍ ମୋସନ୍ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଅମର୍ତ୍ତ୍ୟ ନିର୍ବାହ କରିଛନ୍ତି। ସୂଚନା ଥାଉକି, ସେପ୍ଟେମ୍ବର ୧୨ରେ 'ଲହରୀ' ମୁକ୍ତିଲାଭ କରିବ। ■



## ଲଣ୍ଡନରେ ଚାଲିଛି 'ବିନ୍ଦୁ ସାଗର'ର ସୁଟିଂ

ଓଡ଼ିଆ ସିନେମା ଜଗତରେ ପ୍ରବେଶ କରିଛି ଭାରତର ଅଗ୍ରଣୀ ଚଳଚ୍ଚିତ୍ର ଷ୍ଟୁଡିଓ ପ୍ଲାଟୁନ୍ ୱାନ୍ ଫିଲ୍ମସ୍। ଅଭିଷେକ ସ୍ୱାଇଁଙ୍କ 'ବିନ୍ଦୁ ସାଗର' ଫିଲ୍ମ ସହିତ ଓଡ଼ିଆ ସିନେମା କ୍ଷେତ୍ରରେ ପ୍ରବେଶ କରିଛନ୍ତି ପ୍ରଯୋଜକ ଶିଳାଦିତ୍ୟ ଭୋରା। 'ବିନ୍ଦୁସାଗର'ରେ ଅଭିନେତ୍ରୀ ପ୍ରକୃତି ମିଶ୍ର ଏବଂ ଦ୍ୱୀପନ୍ୱିତ ଦାସ ମହାପାତ୍ର ଅଭିନୟ କରିଛନ୍ତି। ସିନେମାଟିର ସୁଟିଂ ଓଡ଼ିଶା ଓ ଇଂଲଣ୍ଡରେ କରାଯାଇଛି। ଅବଶ୍ୟ ଏହାର ସୁଟିଂ ଏବେ ଲଣ୍ଡନରେ ଚାଲିଛି। ପାରିବାରିକ ଡ୍ରାମା ସହିତ ଏହି କାହାଣୀ ପ୍ରେମ ଓ ପରମ୍ପରା ଉପରେ ପର୍ଯ୍ୟବସିତ। 'ବିନ୍ଦୁସାଗର' ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ ରହିବ। ଯେଉଁଥିରେ ସଙ୍ଗୀତ ଶିଳ୍ପର କିଛି ଲୋକପ୍ରିୟ ଗୀତିକାରଙ୍କ ସଙ୍ଗୀତ ରହିଛି। ■



## ଟେଲିଭିଜନ ପ୍ରିମିୟର

## 'ବିଘ୍ନ ବିନାଶିବେ ବିନାୟକ'





ଜୀ ସାର୍ଥକରେ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ 'ବିଘ୍ନ ବିନାଶିବେ ବିନାୟକ'। ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ ଓ ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ତିଆରି ହୋଇଥିବା ଏହି ଫିଲ୍ମରେ ଶିଶୁମନର ସ୍ୱପ୍ନ, ଦୈବୀୟ ମହିମା ଓ ପାରିବାରିକ ସତ୍ୟକୁ ଆଲୋକପାତ କରାଯାଇଛି। କାହାଣୀର କେନ୍ଦ୍ରବିନ୍ଦୁ ପାଞ୍ଚ ବର୍ଷୀୟ ମୁନି (ଶିଶୁ କଳାକାର ସ୍ୱାତୀ ମିଶ୍ର) ଏକ ବନ୍ଦ ଓ ବିଚ୍ଛିନ୍ନ ଘରେ ରହନ୍ତି। ତାଙ୍କ ମାଆ ପାର୍ବତୀ ତା'କୁ କହିଥାନ୍ତି ଯେ, ଦୁନିଆ ଶେଷ ହୋଇଯାଇଛି ଏବଂ ସେମାନେ ଦୁଇ ଜଣ ହିଁ ବଞ୍ଚି ରହିଛନ୍ତି। ସେପଟେ ମୁନିକୁ ଏକ ମାୟାମୟ ପୁଅ ବିଘ୍ନେଶ ସାଥୀ ଭାବରେ ସାହାଯ୍ୟ କରିଥାଏ। ନାୟକ ବିକାଶ ଓ ନାୟିକା ପଲ୍ଲବୀ ଅଭିନୟରେ ଚଳଚ୍ଚିତ୍ରଟିରେ ପାରିବାରିକ ସମ୍ପର୍କ, ଦୁର୍ଭାଗ୍ୟ, ଦୈବୀୟ ହସ୍ତକ୍ଷେପ ଓ ଅସତ୍ୟ ଉପରେ ସତ୍ୟର ଜୟକୁ ଦର୍ଶାଯାଇଛି। ତେବେ ସତରେ କ'ଣ ଦୁନିଆ ଶେଷ ହୋଇଯାଇଛି ? କିଏ ସେ ବିକାଶ ଓ ପଲ୍ଲବୀ ? ତାଙ୍କ ସହ ପାର୍ବତୀ ଓ ମୁନିର ସମ୍ପର୍କ କିପରି ? ବିଘ୍ନେଶ କ'ଣ ସତରେ ସାହାଯ୍ୟ କରିପାରିବ ମୁନିକୁ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି ବିକ୍ରମ ଓ ଦୀପିକା। ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ, ଗୀତ ଗୁଡ଼ିକୁ ଲେଖିଛନ୍ତି ଡଃ ନିର୍ମଳ ନାୟକ ଓ କଣ୍ଠଦାନ କରିଛନ୍ତି ପ୍ରଜ୍ଞା ହୋତା, ରଶ୍ମିରେଖା ଓ ସାଇନା। ■

## ପରଦା ପଛର କାହାଣୀ

## ମାସ୍କ ପ୍ରସ୍ତୁତି ପାଇଁ ଛଅ ମାସ





ସାଧାରଣତଃ 'କ୍ରିସ୍' ଫିଲ୍ମ କଥା କହିଲେ ସର୍ବପ୍ରଥମେ ସୁପରଷ୍ଟାର ହ୍ରିତିକ୍ ରୋଶନଙ୍କ ଛବି ସାମ୍ନାକୁ ଆସିଥାଏ। ଏଥିରେ ତାଙ୍କ ଲୁକ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ବିଶେଷ କରି ସେ ପିନ୍ଧିଥିବା ମାସ୍କକୁ ନେଇ ଦର୍ଶକଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ତେବେ ନିକଟରେ ହ୍ରିତିକ୍ ରୋଶନଙ୍କ ପିତା ତଥା ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ରାକେଶ ରୋଶନ ଏହି ମାସ୍କକୁ ନେଇ ଏକ ରୋଚକୀୟ କଥା କହିଛନ୍ତି। ତାଙ୍କ କହିବାନୁଯାୟୀ, ଏହି ମାସ୍କ ଡିଜାଇନ ପାଇଁ ଛଅମାସ ସମୟ ଲାଗିଥିଲା। ହ୍ରିତିକଙ୍କୁ କେଉଁ ଡିଜାଇନ୍ ମାସ୍କ ଭଲ ମାନିବ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା। ନିକଟରେ କୋରିଓଗ୍ରାଫର ତଥା ଫିଲ୍ମ ନିର୍ଦ୍ଦେଶକ ଫରାହ ଖାନ୍ ଖଣ୍ଡାଲା ସ୍ଥିତ ରାକେଶ ରୋଶନଙ୍କ ଘରେ ପହଞ୍ଚିଥିଲେ। ଏହି ବ୍ଲଗ୍‌ରେ ରାକେଶ କ୍ରିସ୍ ଫିଲ୍ମର କଷ୍ଟ୍ୟୁମ୍, ମାସ୍କ ଓ ଏହାର ସୁଟିଂରେ ହୋଇଥିବା ସମସ୍ୟା ବିଷୟରେ ଚର୍ଚ୍ଚା କରିଥିଲେ। ତେବେ ହ୍ରିତିକ୍ ପିନ୍ଧିଥିବା ମାସ୍କକୁ ସ୍ୱତନ୍ତ୍ର ଭାବେ ମହମରୁ ପ୍ରସ୍ତୁତ କରାଯାଇଥିଲା। ସୁଟିଂ ସମୟରେ ମାସ୍କ ଯେମିତି ନ ତରଳିବ ସେଥିପାଇଁ ଏକ ଏସି ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ମାସ୍କକୁ ହ୍ରିତିକ୍ ତିନି ଚାରି ଘଣ୍ଟା ପିନ୍ଧି ସୁଟିଂ କରୁଥିଲେ। ତେଣୁ ମହମ ତରଳି ଯାଉଥିଲା। ଫଳରେ ଏହାକୁ କାଢ଼ି ତାଙ୍କୁ ଏକ ନୂଆ ମାସ୍କ ଲଗାଇବାକୁ ପଡୁଥିଲା। କେବଳ ସେତିକି ନୁହେଁ, ଏଥିରେ ହ୍ରିତିକ୍ ପିନ୍ଧିଥିବା କଳା ଆଉଟ୍‌ଫିଟ୍ ମଧ୍ୟ ଖୁବ୍ ଓଜନିଆ ଥିଲା। ତେବେ ୨୦୦୬ ମସିହାରେ ମୁକ୍ତିଲାଭ କରିଥିବା 'କ୍ରିସ୍' ଏକ ସୁପରହିରୋ ଆକ୍ସନ ଫିଲ୍ମ ଥିଲା। କ୍ରିସ୍ ଏକ ସୁପରହିଟ୍ ଫିଲ୍ମ ଥିଲା। ଏହା କ୍ରିସ୍ ଫ୍ରାଞ୍ଚାଇଜର ଦ୍ୱିତୀୟ ଫିଲ୍ମ ଥିଲା। ଏହି ସିରିଜ୍‌ର ତୃତୀୟ ଫିଲ୍ମ ୨୦୧୩ ମସିହାରେ ମୁକ୍ତିଲାଭ କରିଥିଲା। ■



## ଅର୍ଚ୍ଚନା ଦୋଛକିରେ ଅର୍ଚ୍ଚନା

ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ସାଥୀ ସାତ ଜନ୍ମ'ରେ ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପରେ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି। ତେବେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ। ଗୋଟିଏ ପଟେ ଅର୍ଚ୍ଚନା ନିଜ ବାପାଙ୍କୁ ଦେଇଥିବା ପ୍ରତିଶ୍ରୁତି ଯେ ସାରା ଜୀବନ ତା' ସ୍ୱାମୀ ଦେବଙ୍କ ସାଙ୍ଗରେ ଆଉ କେବେ ବି ଦେଖା କରିବ ନାହିଁ। ଅନ୍ୟପଟେ ସ୍ତ୍ରୀର କର୍ତ୍ତବ୍ୟ ଭାବେ ଦେବର ନୂଆ ଗ୍ୟାରେଜର କଳସ ବିସର୍ଜନରେ କେମିତି ଅର୍ଚ୍ଚନା ଦେବଙ୍କ ସହିତ ଛିଡ଼ା ହେବ? ଏମିତି ଏକ ଦୋଛକିରେ ଅର୍ଚ୍ଚନା ଆଉ ଦେବଙ୍କର ସମ୍ପର୍କ ଏବେ ଗତିଶୀଳ। ସେହିପରି ଏହିଠାରୁ ଆଗକୁ କ'ଣ ଘଟିବ, ସେକଥା ଧାରାବାହିକର ଆଗାମୀ ଅଧ୍ୟାୟରେ ସାମ୍ନାକୁ ଆସିବ। ■



ସାକ୍ଷାତ୍କାର

## "ପାରିଶ୍ରମିକ ନୁହେଁ; ଚରିତ୍ରକୁ ଗୁରୁତ୍ୱ ଦିଏ"

**ଭବେଶ କୁମାର, ଅଭିନେତା**

ସେ ଜଣେ ମେଧାବୀ ଛାତ୍ର ଥିଲେ। ତାଙ୍କର ଇଚ୍ଛା ଥିଲା ଡାକ୍ତର ହେବେ, ଆଉ ରୋଗୀ ସେବା କରିବେ। ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା। ଟିକ୍‌ଟକ୍‌ରେ କଣ୍ଟେଣ୍ଟ ବନାଇ ପୋଷ୍ଟ କରିଲେ। ଏହାକୁ ବହୁ ପ୍ରଶଂସକ ପସନ୍ଦ କଲେ। ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ 'ସିନେ ଷ୍ଟାର୍ କି ଖୋଜ୍'ରେ ରିଆଲିଟି ଶୋ'ରେ ଭାଗ ନେଇ ମେଗା ରାଉଣ୍ଡ ଯାଏଁ ଯାଇଥିଲେ ସେ। 'ଶତାବ୍ଦୀ କଳାକାର'ରେ ୬ ମାସ ସେ ଅଭିନୟ ପାଇଁ ତାଲିମ ନେଇଛନ୍ତି। 'ନଣନ୍ଦ ପୁଟୁଳି' ତାଙ୍କର ପ୍ରଥମ ଧାରାବାହିକ। ସେ ଏକାଧିକ ଧାରାବାହିକରେ ଅଭିନୟ କରିସାରିଛନ୍ତି। ହିନ୍ଦୀ, ଓଡ଼ିଆ ଓ ବଙ୍ଗଳାର ଅନେକ ପ୍ରୋଜେକ୍ଟରେ କାମ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱରର ଭବେଶ କୁମାର। ସେ ଜଣେ ସରକାରି ଚାକିରିଆ। ଉଭୟ ଚାକିରି ଏବଂ ଅଭିନୟ ଭିତରେ କିପରି ସେ ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ଧାରାବାହିକରେ ଅଭିନୟ କରିବା ପାଇଁ କାହିଁକି ଆକୃଷ୍ଟ ହେଲେ?**

- ପିଲାଦିନେ ଭଲ ପଢୁଥିଲି। ଡାକ୍ତର ହୋଇଥାନ୍ତି। ଏଥିପାଇଁ କଠିନ ପରିଶ୍ରମ କରୁଥିଲି। ହେଲେ ଟିକ୍‌ଟକ୍‌ରେ ଭିଡିଓ ବନାଇ ପୋଷ୍ଟ କଲା ପରେ ମୋର ଲୋକପ୍ରିୟତା ବଢ଼ିଲା। ତେଣୁ 'ସିନେ ଷ୍ଟାର୍ କି ଖୋଜ୍'ରେ ଅଡିସନ୍ ଦେଲି। ମେଗା ରାଉଣ୍ଡ ଯାଏଁ ରହିଛି। ପରେ ଶତାବ୍ଦୀ କଳାକାରରେ କାମ ଶିଖି 'ନାଗ ମଣ୍ଡଳ' ଥିଏଟର କରିଛି। ୱେବ୍ ସିରିଜ୍ ପାଇଁ ଆଗ୍ରହ ଥିଲା। ଯେହେତୁ ଓଡ଼ିଶାରେ ଏଥିପାଇଁ ଏତେ ସୁଯୋଗ ନଥିଲା, ତେଣୁ ଧାରାବାହିକରେ କାମ ଆରମ୍ଭ କଲି। 'ନଣନ୍ଦ ପୁଟୁଳି' ମୋର ପ୍ରଥମ ଧାରାବାହିକ। ସରକାରୀ ଚାକିରିରେ ଯୋଗ ଦେବାରୁ ପ୍ରଥମ ପ୍ରୋଜେକ୍ଟକୁ ତିନି ମାସରେ ଛାଡ଼ିଥିଲି। ଭୁବନେଶ୍ୱରକୁ ଚାକିରି ବଦଳି ହେବାରୁ ତରଙ୍ଗ ଚ୍ୟାନେଲ୍‌ର 'ପ୍ରେମର କୁହୁକ'ରେ ନାୟକ ଭାବେ ଅଭିନୟ କରିଲି। 'ସୁହାଗ ସିନ୍ଦୂର', 'ଶକ୍ତି', 'ଆମ ଝାନ୍‌ସୀ ଅପା' 'ତୁ ରାଜା ମୁଁ ରାଣୀ' ଆଦି ଅନେକ ଧାରାବାହିକରେ ଅଭିନୟ କରିଛି। ବର୍ତ୍ତମାନ ଅତୁଟ ବନ୍ଧନରେ 'କାର୍ତ୍ତିକ' ଭୂମିକାରେ ଅଭିନୟ କରୁଛି। 'ମେଘୁଆ ହସ' 'ଆ ଜହ୍ନ ମାମୁଁ ସରଗ ଶଶି' ଆଦି ମ୍ୟୁଜିକ୍ ଭିଡିଓ କରିଛି।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

- 'ନଣନ୍ଦ ପୁଟୁଳି' ଧାରାବାହିକରେ ଅନ୍ୟଜଣଙ୍କ ବଦଳରେ କାମ କରିବାକୁ ସୁଯୋଗ ମିଳିଥିଲା। ସେତେବେଳେ ମୁଁ ପୂରା ନୂଆ। ତେଣୁ ପ୍ରଥମେ କ୍ୟାମେରାକୁ ସାମ୍ନା କରିବାକୁ ଭୟ ଲାଗିଥିଲା। ସେତେବେଳେ ଅନେକଙ୍କ କଟୁ କଥା ଆଉ ଗଞ୍ଜଣା ସହିଛି। 'ପ୍ରେମର କୁହୁକ'ରେ ଅଭିନୟ କ'ଣ ମୁଁ ଶିଖିଲି। ନିର୍ଦ୍ଦେଶକ ସାର୍ ଆଉ ପୂରା ଟିମ୍ ଆଗକୁ ବଢ଼ିବାକୁ ମୋତେ ସୁଯୋଗ ଦେଇଥିଲେ।

**ନାୟକ ନା ଖଳନାୟକ କେଉଁଠି ସହଜ ଅନୁଭବ କରନ୍ତି?**

- ସମୟ ସୁଯୋଗକୁ ମୁଁ କେବେ ବି ହାତଛଡ଼ା କରିବାକୁ ଚାହେଁନି। ତେଣୁ ଖଳନାୟକ ହେଉ କି ନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର। ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରେ। ହିନ୍ଦୀର ଷ୍ଟାର୍ ଭାରତରେ 'ସାବଧାନ ଇଣ୍ଡିଆ', ବଙ୍ଗଳାରେ ଜି ମ୍ୟୁଜିକ୍‌ରେ 'କତୋଟା ଚେୟେଛେ ତୋମାଏ' ଆଲବମ୍ ଆଦି କାମ ମଧ୍ୟ କରିଛି। ତେଣୁ ସବୁ ପ୍ଲାଟ୍‌ଫର୍ମରେ କାମକୁ ଦେଖେ।

**କେଉଁ ଚରିତ୍ରରେ ଆପଣଙ୍କୁ ଅଧିକ ପ୍ରଶଂସା ମିଳିଥିଲା?**

- 'ପ୍ରେମର କୁହୁକ'ର ବଣ୍ଟି, 'ତୁ ରାଜା ମୁଁ ରାଣୀର' ରିଷଭ ଆଉ ଏବେ ଅତୁଟ ବନ୍ଧନର 'କାର୍ତ୍ତିକ' ଚରିତ୍ରକୁ ଦର୍ଶକ ଗ୍ରହଣ କରିଛନ୍ତି। ଆଉ ବହୁତ ଭଲପାଇବା ଦେଉଛନ୍ତି। ସେମାନଙ୍କ ସ୍ନେହ ଭଲପାଇବା ଏମିତି ସର୍ବଦା ରହିଥାଉ।

**କାମ ପାଇଁ କେତେ ପରିଶ୍ରମ କରନ୍ତି?**

- ମୁଁ ବହୁତ ଷ୍ଟ୍ରେଟ୍ ଫରୱାର୍ଡ। କାହାକୁ ଖୁସାମତି ମୋର ପ୍ରବୃତ୍ତି ନୁହେଁ। କର୍ମ ମୋ ପାଇଁ ଭଗବାନ। କାମକୁ ପରଫେକ୍ଟ କରିବାକୁ ସଂଘର୍ଷ କରେ। ଖଟିବାକୁ ମୁଁ ପସନ୍ଦ କରେ। ପ୍ରୋଜେକ୍ଟ କେମିତି ଭଲ ହେବ ତାହା ଚିନ୍ତା କରେ। ପାରିଶ୍ରମିକ ନୁହେଁ, ଚରିତ୍ର ଉପରେ ଗୁରୁତ୍ୱାରୋପ କରେ।

**ସ୍ମରଣୀୟ ମୁହୂର୍ତ୍ତ?**

- ଫେବୃୟାରୀ ୧ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲି। ୨ ତାରିଖ ଦିନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା।

**ଭବେଷ ଫିଟ୍ କେମିତି ରୁହନ୍ତି?**

- କମ୍ ତେଲ, ଲୁଣ ତଥା ସନ୍ତୁଳିତ ପୌଷ୍ଟିକ ଖାଦ୍ୟ ଖାଏ। ସିଝା ଖାଦ୍ୟ ମୋର ପସନ୍ଦ। ଜିମ୍ ଯାଏଁ, ଦଉଡ଼ ଧାଁ କରେ। ବିନା କାରଣରେ ବାହାରକୁ ଯାଏନି।

**ଆଗାମୀ ଯୋଜନା କ'ଣ ରହିଛି?**

- ବର୍ତ୍ତମାନ ଓଡ଼ିଆ ସିନେମାର ଆଦର ବଢ଼ିଛି। ବାସ୍ତବ କାହାଣୀକୁ ଦର୍ଶକ ଗ୍ରହଣ କରୁଛନ୍ତି। ତେଣୁ ମୁଁ ଆଗକୁ ଉଭୟ ଓଡ଼ିଆ ଓ ହିନ୍ଦୀ ଫିଲ୍ମରେ କାମ କରିବାକୁ ଲକ୍ଷ୍ୟ ରଖିଛି। ଯେହେତୁ ମୁଁ ନିଜେ ଲେଖା ଲେଖି କରେ। ସୁଯୋଗ ମିଳିଲେ ଫିଲ୍ମ ବନାଇବାକୁ ଆଶା ଅଛି। ■

## ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୧ ● ପାଉଣ୍ଡ ୧୧୮.୦୮
- ୟୁରୋ ୧୦୨.୨୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୨୧,୦୫୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୮୬.୦୦
- ନିଫ୍ଟି ୨୪,୭୧୨.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

■ ଟ୍ରମ୍ପଙ୍କୁ ମିଳିବ କଡ଼ା ଜବାବ !

# ଆମେରିକା ଛାଡ଼ି ୪୦ ଦେଶ ସହ ଡିଲ୍ କରିବାକୁ ରଣନୀତି ପ୍ରସ୍ତୁତ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଟ୍ରମ୍ପଙ୍କ ଟାରିଫ୍ର ସବୁଠୁ ଅଧିକ ପ୍ରଭାବ ଦେଶର ବୟନ ଉଦ୍ୟୋଗ ଉପରେ ପଡ଼ିବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ମୋଟ ୫୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି, ଯେଉଁଥିରେ ୨୫% ଜୋରିମାନା ଭାବରେ ରହିଛି। ଆମେରିକାର ଏହି ନିଷ୍ପତ୍ତିକୁ ଭାରତ ଏକତରଫା ଓ ମନମନି ବୋଲି କହିଛି। ଏହାସହ ଟାରିଫ୍ ପ୍ରଭାବକୁ କମ କରିବା ପାଇଁ ଦ୍ୱିତୀୟ ବିକଳ୍ପ ଉପରେ ବି ଚିନ୍ତା କରିବା ଆରମ୍ଭ କରିଛି। ଭାରତରେ ବଡ଼ ସଂଖ୍ୟାରେ ଲୋକେ ବୟନ ଉଦ୍ୟୋଗ ସହ ଜଡ଼ିତ। କିନ୍ତୁ ଏବେ ଲକ୍ଷ ଲକ୍ଷ ଲୋକଙ୍କ ରୋଜଗାର ବିପଦରେ ପଡ଼ିଛି। ଟ୍ରମ୍ପଙ୍କ ଟାରିଫ୍ କାରଣରୁ ଆମେରିକାରେ ଭାରତୀୟ ପୋଷାକପତ୍ରର ଚାହିଦା ହ୍ରାସ ପାଇବ। ଯଦି ଅର୍ଡର ହ୍ରାସ ପାଏ, ତେବେ ଉତ୍ପାଦନ ମଧ୍ୟ ହ୍ରାସ ପାଇବ। ଯାହା ଦ୍ୱାରା ଲୋକଙ୍କ ରୋଜଗାର ସିଧା ପ୍ରଭାବିତ ହେବ । ଏଥିପାଇଁ ଭାରତ ସରକାର ଏବେ ଆମେରିକୀୟ ବଜାରର ବିକଳ୍ପ ରୂପେ ୪୦ ଅନ୍ୟ ମାର୍କେଟ୍ ଅର୍ଥାତ୍ ଅନ୍ୟ ଦେଶକୁ ପୋଷାକ ରପ୍ତାନୀ ଉପରେ ବିଚାର କରୁଛି। ରିପୋର୍ଟ ଅନୁସାରେ ଆମେରିକାର ଟାରିଫ୍ ପ୍ରଭାବକୁ କମ୍ କରିବା ପାଇଁ ଭାରତ ଅନ୍ୟ ଦେଶ ବଜାରକୁ ନେଇ ରଣନୀତି କରୁଛି। ନିଜର ବୟନ ସାମଗ୍ରୀ ରପ୍ତାନୀ ପାଇଁ ବ୍ରିଟେନ, ଜାପାନ ଓ ଦକ୍ଷିଣ କୋରିଆ ସମେତ ୪୦ ପ୍ରମୁଖ ବଜାରରେ ପହଞ୍ଚିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ନୂଆ ୪୦ ଦେଶରେ ପହଞ୍ଚିବା ଲକ୍ଷ୍ୟ ଉଭୟ ପାରମ୍ପରିକ ଓ ନୂଆ, ଉଭୟ ବଜାରରେ ନିଜ ଉପସ୍ଥିତିକୁ ବଢାଇବା ଉପରେ କେନ୍ଦ୍ରିତ। ଏହି ଦେଶଗୁଡ଼ିକର ମିଳିତ ବୟନ ଏବଂ ପୋଷାକ ଆମଦାନୀ ୫୯୦ ବିଲିୟନ ଡଲାର, ଯାହା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସୁଯୋଗ ରୂପେ ଦେଖାଯାଉଛି। ବର୍ତ୍ତମାନ, ଏହି ବଜାରଗୁଡ଼ିକରେ ଭାରତର କେବଳ ୫-୬ ପ୍ରତିଶତ ଅଂଶ ରହିଛି।

ଭାରତୀୟ ରପ୍ତାନିକାରୀମାନେ ବଡ଼ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ଭିତରେ ଏହି ରଣନୀତି ଉପରେ କାମ କରାଯାଉଛି। ସରକାରଙ୍କ ବିଶ୍ୱାସ ଯେ ଅଗଷ୍ଟ ୨୭ରୁ ଲାଗୁ ହୋଇଥିବା ୫୦% ଟାରିଫ୍ ୪୮ ବିଲିୟନ ଡଲାରରୁ ଅଧିକ କ୍ଷତି ଘଟାଇପାରେ। AEPC ମହାସଚିବ ମିଥିଳେଶ୍ୱର ଠାକୁରଙ୍କ ଅନୁଯାୟୀ, ବୟନ ଶିଳ୍ପ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଆମେରିକାକୁ ୧୦.୩ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ଉଲ୍ଲେଖନୀୟ ଯେ ଭାରତରେ ବୟନ ଉଦ୍ୟୋଗର ଆକାର ୨୦୨୪-୨୫ରେ ୧୭୯ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି । କିନ୍ତୁ ଏହା ୩୭ ବିଲିୟନ ଡଲାର ରପ୍ତାନି ଉପରେ ନିର୍ଭର । ବିଶ୍ୱ ବୟନଶିଳ୍ପ ଆମଦାନୀ ବଜାର ୮୦୦ ବିଲିୟନ ଡଲାରରୁ ଅଧିକ ଥିବା ସତ୍ତ୍ୱେ, ଭାରତର ଅଂଶ କେବଳ ୪.୧ ପ୍ରତିଶତ ରହିଛି।

# ଭାରତୀୟ ବୟନ ଶିଳ୍ପକୁ ଟାରିଫ୍ ଚୋଟ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଟ୍ରମ୍ପ ଶୁଳ୍କର ପ୍ରଥମ ଆଘାତ ଭାରତୀୟ ବୟନ ଏବଂ ଏମ୍ବ୍ରୋଡେରୀ ଶିଳ୍ପକୁ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ମୋଟ ଶୁଳ୍କ ୫୦ ପ୍ରତିଶତକୁ ନେଇଛି। ଏହା ସମଗ୍ର ବିଶ୍ୱରେ ଲାଗୁ ହୋଇଥିବା ସର୍ବୋଚ୍ଚ ଶୁଳ୍କ ହାର। ଏହି କାରଣରୁ, ଭାରତର ତିରୁପୁର, ନୋଏଡା ଏବଂ ସୁରଟ ଭଳି ପ୍ରମୁଖ ବୟନ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଉତ୍ପାଦନ ବନ୍ଦ ହୋଇଯାଇଛି। ମଙ୍ଗଳବାର ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ (ଏଫ୍ଆଇଇଓ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଟ୍ରମ୍ପ ଶୁଳ୍କ ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି।

ଏଫ୍ଆଇଇଓ ସଭାପତି ଏସ୍ସି. ରାଲହାନ ଏକ ବିବୃତ୍ତିରେ କହିଛନ୍ତି, ତିରୁପୁର, ନୋଏଡା ଏବଂ ସୁରଟରେ ବୟନ ଏବଂ ପୋଷାକ ନିର୍ମାତାମାନେ ଉତ୍ପାଦନ ବନ୍ଦ କରିଦେଇଛନ୍ତି। କାରଣ ଖର୍ଚ୍ଚ ବୃଦ୍ଧି ପାଉଛି। ଭିଏତନାମ ଏବଂ ବାଂଲାଦେଶ ଭଳି କମ୍ ମୂଲ୍ୟର ପ୍ରତିଯୋଗୀଙ୍କ




ତୁଳନାରେ ଭାରତର ସ୍ଥିତି ଏବେ ଖରାପ ହୋଇଯାଇଛି। ସେ କହିଛନ୍ତି ଯେ ପୋଷାକ ବ୍ୟତୀତ ପ୍ରାୟ ୪୦ ପ୍ରତିଶତ ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନି, ବିଶେଷକରି ଚିଙ୍ଗୁଡ଼ି, ଆମେରିକା ବଜାରକୁ ଯାଏ। ଏହି ଶୁଳ୍କ ବୃଦ୍ଧି ଯୋଗୁଁ ବୟନଶିଳ୍ପ କ୍ଷେତ୍ର କ୍ଷତି, ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ଏବଂ କୃଷି ଉତ୍ପାଦ ଉପରେ ବିପଦ ମଧ୍ୟ ବୃଦ୍ଧି ପାଇଛି।

## ସୁରଟ, ତିରୁପୁର, ନୋଏଡାରେ ଉତ୍ପାଦନ ବନ୍ଦ

## ହଜାର ହଜାର ଚାକିରି ବିପଦରେ

ରାଲହାନ୍ ଏହାକୁ ଏକ ବଡ଼ ବିପର୍ଯ୍ୟୟ ବୋଲି କହିଛନ୍ତି। ଏହା ଆମେରିକାକୁ ଭାରତର ରପ୍ତାନିକୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଏହି ସମୟରେ, ଭାରତୀୟ ବୟନ ଶିଳ୍ପ ମହାସଂଘର ସଭାପତି ରାକେଶ ମେହରା କହିଛନ୍ତି ଯେ ବୟନ ନିର୍ମାତାମାନେ ଏହି ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଉପୁଜିଥିବା ବିଶାଳ ଆହବାନର ମୁକାବିଲା କରିବା ପାଇଁ ସରକାରଙ୍କଠାରୁ ତୁରନ୍ତ ସମର୍ଥନ ଆଶା କରୁଛନ୍ତି। ସରକାର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସହାୟତା ପ୍ରଦାନ କରିବା ପାଇଁ ଶିଳ୍ପ ସହିତ ଆଲୋଚନା କରୁଛନ୍ତି। କିନ୍ତୁ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆମେ ଆଶା କରୁଛୁ ଯେ ଆର୍ଥିକ ସହାୟତା ଏବଂ କଞ୍ଚାମାଲର ଉପଲବ୍ଧତା ସହିତ ଜଡିତ ନୀତିଗତ ନିଷ୍ପତ୍ତି ତୁରନ୍ତ ନିଆଯିବ ସେ କହିଛନ୍ତି।

ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍ଆଇ) ଅନୁଯାୟୀ, ଏହି ଶୁଳ୍କ ଭାରତର ୬୦.୨ ବିଲିୟନ ଡଲାର ମୂଲ୍ୟର ରପ୍ତାନିକୁ ପ୍ରଭାବିତ କରିବ, ଯେଉଁଥିରେ ବୟନ, ରତ୍ନ ଏବଂ ଅଳଙ୍କାର, ଚିଙ୍ଗୁଡ଼ି, କାର୍ପେଟ୍ , ହସ୍ତଶିଳ୍ପ ଏବଂ ଫର୍ଣ୍ଣିଚର ଅନ୍ତର୍ଭୁକ୍ତ। ଏହି କ୍ଷେତ୍ରଗୁଡ଼ିକରେ ରପ୍ତାନି ପରିମାଣ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇପାରେ, ଯାହା ଫଳରେ ଆମେରିକାକୁ ମୋଟ ରପ୍ତାନିରେ ୪୩ ପ୍ରତିଶତ ହ୍ରାସ ଘଟିବ। ଏହା ହଜାର ହଜାର ଚାକିରିକୁ ବିପଦରେ ପକାଇଛି।

## ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସର ନୂଆ ଅଫରର ହେଲ୍ଥ ଏକ୍ସଟ୍ରା

ଭୁବନେଶ୍ୱର,୨୭।୮ (ସମିସ) : ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ହେଲ୍ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ। ଜେନେରାଲି ସେଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁଭାରମ୍ଭ ଅବସରରେ କହିଛନ୍ତି ଯେ 'ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ।

## ଫୋନପେ ପକ୍ଷରୁ ଗୃହ ବୀମା ଅଫର୍

ଭୁବନେଶ୍ୱର,୨୭।୮ (ସିମସ): ଫୋନପେ ପକ୍ଷରୁ ଆଜି ଏହାର ନୂତନ ଗୃହ ବୀମା ଉତ୍ପାଦ ଶୃଙ୍ଖଳାର ଶୁଭାରମ୍ଭ କରାଯାଇଛି। ଯାହାକୁ ଘର ମାଲିକଙ୍କୁ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଏକ ସରଳ ଓ ସୁଲଭ ସମାଧାନ ପ୍ରଦାନ କରିବା ଲାଗି ଡିଜାଇନ କରାଯାଇଛି। ମାତ୍ର ୧୮୧ ଟଙ୍କା ମୂଲ୍ୟରେ ଫୋନପେ ଉପଭୋକ୍ତାମାନେ ଅଗ୍ନିକାଣ୍ଡ, ବନ୍ୟା, ଭୂମିକମ୍ପ ଓ ଚୋରି ଭଳି ୨୦ରୁ ଅଧିକ ବିପର୍ଯ୍ୟୟ ବିରୋଧରେ ନିଜ ଘରକୁ ସୁରକ୍ଷା ପ୍ରଦାନ କରିପାରିବେ। ୧୦ ଲକ୍ଷ ଟଙ୍କାରୁ ୧୨.୫ କୋଟି ଟଙ୍କା ପର୍ଯ୍ୟନ୍ତ କଭରେଜ ପାଇଁ ସର୍ବନିମ୍ନ ୧୮୧ ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ (ଜିଏସଟି ସମେତ) ସହିତ ଉପଭୋକ୍ତାମାନେ ଫୋନପେ ମାଧ୍ୟମରେ ସିଧାସଳଖ ନିଜ ଘରର ଢାଂଚା ଓ ସେଥିରେ ଥିବା ସାମଗ୍ରୀଗୁଡିକୁ ବୀମାଭୁକ୍ତ କରିପାରିବେ।

## ଟିପିସିଓଡିଏଲ୍ ପକ୍ଷରୁ ପୂଜା ଋତୁ ପାଇଁ ସୁରକ୍ଷା ପରାମର୍ଶ

ଭୁବନେଶ୍ୱର,୨୭।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଆଗାମୀ ଉତ୍ସବ ଋତୁ ସମୟରେ ଭରସାଯୋଗ୍ୟ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ




ଦୃଢ଼ କରି ଟିପିସିଓଡିଏଲ୍ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି, ଯେଉଁଥିରେ କାର୍ଯ୍ୟକ୍ରମ ଆୟୋଜକ ଓ ଭେଣ୍ଡରମାନଙ୍କୁ ପେଣ୍ଡାଲ ଓ ଅସ୍ଥାୟୀ ଦୋକାନ ପାଇଁ ଆଇନଗତ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ବେଆଇନ ହୁକ ପକାଇବା ପ୍ରତି ସତର୍କ କରାଯାଇଛି ଏବଂ କୁହାଯାଇଛି ଯେ ଏଭଳି ଅଭ୍ୟାସ ବେଆଇନ ହୋଇଥିବା ବେଳେ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ଏବଂ ଅଗ୍ନିକାଣ୍ଡର ବିପଦ ବଢ଼ାଇବାରେ ଏବଂ ଗମ୍ଭୀର ବିଦ୍ୟୁତ ବିଭ୍ରାଟର କାରଣ ହୋଇପାରେ। ବିଦ୍ୟୁତ ଯୋଗାଣର ନିରୀକ୍ଷଣ କରିବା, ଅସ୍ଥାୟୀ ବିଦ୍ୟୁତ ସଂଯୋଗ ପ୍ରଦାନ କରିବା ଏବଂ ଅସ୍ୱୀକୃତ ବିଦ୍ୟୁତ ବ୍ୟବହାର ରୋକିବା ଲାଗି ଟିପିସିଓଡିଏଲର ଉତ୍ସର୍ଗୀକୃତ ଟିମକୁ କ୍ଷେତ୍ର ସ୍ଥଳଗୁଡ଼ିକରେ ମୃତୟନ କରାଯିବ ବୋଲି ଟିପିସିଓଡିଏଲ୍ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଟାଟା ଷ୍ଟିଲ୍ର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ଅନୁଗୋଳ/ବଆଁରପାଳ,୨୭।୮ (ସମିସ)

ଗଣେଶ ପୂଜା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଓ ଢେଙ୍କାନାଳରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବିଭିନ୍ନ ସାମାଜିକ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁଗୋଳ ବଆଁରପାଳଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସାମାଜିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସନ୍ତ୍ରି ଛକରୁ ମହିଧର ଦେଇ ହାତୁରା ପର୍ଯ୍ୟନ୍ତ ୨୦ କିମି ବ୍ୟାପୀ ସୌରଶକ୍ତି ପରିଚାଳିତ ରାସ୍ତା



ଆଲୋକୀକରଣ ଏବଂ ଏନଏଚ୍-୫୫ର ଇଟାପଠାରୁ ନୂଆହତା ପର୍ଯ୍ୟନ୍ତ ୩ କିମି ବ୍ୟାପୀ ଆଲୋକୀକରଣ ବ୍ୟବସ୍ଥାର ଭୂମିପୂଜନ କରିଥିଲେ। ଅନୁଗୋଳ ବଆଁରପାଳ ବ୍ଲକ ନୂଆହତାରେ ସିମେଣ୍ଟ କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟର ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା।

ସେହିପରି ଢେଙ୍କାନାଳର ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକରେ ସୂଚନା କେନ୍ଦ୍ର, ନରେନ୍ଦ୍ରପୁର ବିଦ୍ୟାଳୟ, ହାଇମାଷ୍ଟ ଏବଂ ଷ୍ଟ୍ରିଟ ଲାଇଟ୍ ସୁବିଧା ମଧ୍ୟ ଲୋକାର୍ପିତ ହୋଇଯାଇଛି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଶୁଭେଚ୍ଛା ଜଣାଇବା ସହ ଆଲୋକୀକରଣ ପ୍ରକଳ୍ପ ଦ୍ୱାରା ଲୋକମାନଙ୍କ ଯାତାୟତ ସହଜ ଓ ସୁରକ୍ଷିତ ହେବ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ଢେଙ୍କାନାଳ ଶିବପୁର ସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ ଜୈବବିବିଧତା ପାର୍କ ପରିସରରେ "ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ। ଶିଳ୍ପାଞ୍ଚଳ ଢେଙ୍କାନାଳରେ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ସୃଷ୍ଟି କରିବାର ଅଭିନବ ପ୍ରୟାସ କରିଥିବାରୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କ ଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।


**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।






ୟୁଏସ୍ ଓପନ ଟେନିସ

# ସିନ୍ନର, ଜ୍ୱେରେଭଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୭।୮ (ଏଜେନ୍ସି)



ଜାନିକ ସିନ୍ନର

ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଏବଂ ନଂ-୩ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱେରେଭ ୟୁଏସ୍ ଓପନ ପୁରୁଷ ଏକକ ବିଭାଗରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ସହ ଯୋଗଦେଇଛନ୍ତି ୮ମ ସିଡ୍ ଆଲେକ୍ସ ଡି ମିନାଉର, ନଂ-୧୪ ସିଡ୍ ଟମି ପଲ୍, ନଂ-୨୬ ସିଡ ଷ୍ଟିଫାନସ ସିତସିପାସ, ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିସିମେ ମଧ୍ୟ ସେମାନଙ୍କ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। ପୂର୍ବରୁ କାର୍ଲୋସ ଅଲକାରାଜ ମଧ୍ୟ ପ୍ରଥମ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ଫଳରେ ପ୍ରଥମ ରାଉଣ୍ଡରେ ଡାନିଏଲ ମେଦଭେଦେଭଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବଡ଼ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦା ହୋଇ ନାହାନ୍ତି।

ମଙ୍ଗଳବାର ରାତିରେ ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଜର୍ମାନୀର ଜ୍ୱେରେଭ୍ ପ୍ରଥମ ରାଉଣ୍ଡରେ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କୁ ୩-୦ ସେଟ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ସିନ୍ନର ୬-୨, ୭-୬, ୬-୪ ସିଧାସଳଖ ସେଟ୍‌ରେ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ବ୍ରିଟେନର ଜ୍ୟାକବ୍ ଫିଅର୍ଣ୍ଣଲୀଙ୍କୁ ଭେଟିବେ। ଟପ୍ ସିଡ ସିନ୍ନର ମଧ୍ୟ ୩-୦ରେ ଚେକ୍ ରିପବ୍ଲିକ୍‌ର ଭିଟ୍ କୋପ୍ରିଭାଙ୍କୁ ହରାଇଥିଲେ। ସିନ୍ନର ଅତି ସହଜରେ ଏହି ମୁକାବିଲାକୁ ୬-୧, ୬-୧, ୬-୨ରେ ଜିତିନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଅଷ୍ଟ୍ରେଲିଆର ଆଲେକ୍ସ ପପିରିନ୍‌ଙ୍କୁ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ୮ମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୪, ୬-୪ ସେଟ୍‌ରେ ଖ୍ରୀଷ୍ଟୋଫର ଓ'କନ୍ନେଲଙ୍କୁ ହରାଇଥିଲେ। ୧୪ତମ ସିଡ୍ ଟମି ପଲ ୬-୩, ୬-୩, ୬-୧ରେ ଏଲମେର ମୋଲରଙ୍କୁ ଓ ୨୬ତମ ସିଡ୍ ୪-୬, ୬-୦, ୬-୧, ୭-୬ରେ ଆଲେକଜାଣ୍ଡ୍ରେ ମୁଏଲରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଗଫ୍, ଓସାକାଙ୍କ ବିଜୟ



କୋକୋ ଗଫ୍

ମହିଳା ବିଭାଗରେ ଦୁଇ ଚର୍ଚ୍ଚିତ ଖେଳାଳି ନଂ-୩ ସିଡ୍ ଆମେରିକାର କୋକୋ ଗଫ୍ ଓ ୨୩ତମ ସିଡ୍ ଜାପାନର ନାଓମି ଓସାକା ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ମୁକାବିଲାରେ ଗଫ୍ ସଂଘର୍ଷ କରି ଅଣସିଡେଡ ଅଷ୍ଟ୍ରେଲୀୟ ଖେଳାଳି ଆଜଲା ଟୋମଲଜାନୋଭିଚ୍‌ଙ୍କୁ ୨-୧ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ଗଫ୍ ୬-୪, ୬-୭, ୭-୫ରେ ବିଜୟୀ ହୋଇଛି। ପୂର୍ବ ଚାମ୍ପିଅନ ଓସାକା କିନ୍ତୁ ସହଜରେ ଗ୍ରୀଟ୍ ମିନେନ୍‌ଙ୍କୁ ହରାଇଥିଲେ। ଓସାକା ଏହି ମ୍ୟାଚ୍‌କୁ ୬-୩, ୬-୪ ସେଟ୍‌ରେ ସହଜରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଗତକାଲି ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ନଂ-୨୦ ସିଡ୍ ରୁଷର ଡାଏନା ସ୍ନାଇଡର ଓ ନଂ-୨୬ ସିଡ୍ ଆମେରିକାର ସୋଫିଆ କେନିନ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଜର୍ମାନୀର ଲୌରା ସିଗ୍‌ମଣ୍ଡ ୨-୧ରେ ସ୍ନାଇଡର୍‌ଙ୍କୁ ଓ ଆମେରିକାର ଆଶଲିନ୍ କ୍ରୁଏଗର ୫-୭, ୬-୪, ୬-୨ ସେଟ୍‌ରେ କେନିନ୍‌ଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। କେନିନଙ୍କ ପରି ଘରୋଇ ମାଟିରେ ଖେଳୁଥିଲେ ମଧ୍ୟ ମାଡିସନ କିଜ୍ ପ୍ରଥମ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ।

# ଅହମ୍ମଦାବାଦ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ 'ବିଡ୍' ଲାଗି କ୍ୟାବିନେଟ ସ୍ୱୀକୃତି

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ୟାବିନେଟ୍‌ର ମୋହର ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହା ପାସ୍ ହୋଇଛି ଓ ଅହମ୍ମଦାବାଦ୍‌କୁ ଭେନ୍ୟୁ ଭାବେ ଚୟନ କରାଯାଇଛି। ଅହମ୍ମଦାବାଦ୍‌ରେ ସମସ୍ତ ଖେଳ ଲାଗି ଉନ୍ନତ ସୁବିଧା ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବିଡ୍ ଦାଖଲର ଶେଷ ତାରିଖ ହେଉଛି ଅଗଷ୍ଟ ୩୧ ତାରିଖ। ଏହାର ଅର୍ଥ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମସ୍ତ କାଗଜପତ୍ର ପ୍ରସ୍ତୁତି କରିବାକୁ ହେବ। ଶେଷଥର ଭାରତ ୨୦୧୦ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଗ୍ଲାସ୍‌ଗୋରେ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଜେନେରାଲ ଆସେମ୍ବ୍ଲିରେ କେଉଁ ଦେଶ ଆୟୋଜନ କରିବା ତାହା ସ୍ଥିର ହେବ। ୨୦୩୦ ଲାଗି ଆଶାୟୀ ଥିବା କାନାଡା ଓହରିଯିବାରୁ ଭାରତର ଆୟୋଜନ କରିବା ଆଶା ଦୃଢ଼ୀଭୂତ ହୋଇଛି।

# ଆଜିଠାରୁ ଦୁଲୀପ ଟ୍ରଫି

ବେଙ୍ଗାଲୁରୁ,୨୭।୮ (ଏଜେନ୍ସି): ଜୋନାଲ ଫର୍ମାଟକୁ ଫେରିଥିବା ଦୁଲୀପ ଟ୍ରଫି କ୍ରିକେଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତାକାଲି ପ୍ରଥମ ଦିନ ମ୍ୟାଚ୍‌ରେ ଅଭିମନ୍ୟୁ ଈଶ୍ୱରନ ପୂର୍ବାଞ୍ଚଳ ସହ ଉତ୍ତରାଞ୍ଚଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିପରି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ସନ୍ଦୀପ ପଟ୍ଟନାୟକ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଦଳରେ ରହିଛନ୍ତି।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

# ରେକର୍ଡ ସହ ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୮ (ସମିସ)



ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଆଉ ଜଣେ ଓଡ଼ିଆ ପ୍ରତିଯୋଗୀ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଭାରୋତ୍ତୋଳକଙ୍କଠାରୁ ଏହାକୁ ମିଶାଇ ତୃତୀୟ ସ୍ୱର୍ଣ୍ଣପଦକ ମିଳିଛି। ପୂର୍ବରୁ ବିଦୁସ୍ମିତାଙ୍କ ବଡ଼ ଭଉଣୀ ପ୍ରୀତିସ୍ମିତା ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଦେଶ ଲାଗି ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଗତକାଲି ମିନା ସାନ୍ତା-ଏ' କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ପାଇଥିଲେ। ଆଜି ବିଦୁସ୍ମିତା କନିଷ୍ଠ ବିଭାଗ ୬୩ କିଲୋ କାଟାଗୋରୀରେ ରେକର୍ଡ ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୮୯, କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଓ ମୋଟ ୨୦୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ସେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିଥିଲେ। ୬୩ କେଜି ୟୁଥ୍‌ରେ ଭାଗ ନେଇଥିବା ଟିକି ମୋହିନୀ ମଲିକ କିନ୍ତୁ ପଦକ ଜିତିବାରେ ବିଫଳ ହୋଇଛନ୍ତି। ସେ ସ୍ନାଚ୍‌ରେ ୭୧, କ୍ଲିନ୍ ଆଣ୍ଡ ଜର୍କରେ ୯୧ ଓ ମୋଟରେ ୧୬୨ କେଜି ଓଜନ ଉଠାଇ ୫ମ ସ୍ଥାନରେ ରହିଛନ୍ତି। ବିଦୁସ୍ମିତା ଢ଼େଙ୍କାନାଳର ହାଇପରଫର୍ମାନ୍ସ ସବ୍ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।

## ଆଇପିଏଲ୍ ଛାଡ଼ିଲେ ଅଶ୍ୱିନ




ଚେନ୍ନାଇ,୨୭।୮ (ଏଜେନ୍ସି): ନିଜ ମତ ଓ ମନ୍ତବ୍ୟ ଦ୍ୱାରା ବିବାଦୀୟ ହେବା ପରେ ସ୍ପିନ୍ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ୍ ଆଇପିଏଲ୍‌କୁ ଅଲବିଦା କହିଛନ୍ତି। ଦୀର୍ଘ ବର୍ଷ ଧରି ସେ ୫ଟି ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ୨୨୧ଟି ମ୍ୟାଚ ଖେଳି ୧୮୭ଟି ୱିକେଟ ଓ ୮୩୩ ରନ୍ କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ଆଇପିଏଲ୍‌କୁ ଅଲବିଦା କହିବା ପରେ ଏବେ ବିଶ୍ୱରେ ଖେଳାଯାଉଥିବା ଅନ୍ୟ ଟି-୨୦ ଲିଗ୍‌ରେ ଖେଳିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଅଶ୍ୱିନ କହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ବେଳେ ଦଳ ୨୦୧୦ ଓ ୨୦୧୧ରେ ଦୁଇଥର ଚାମ୍ପିଅନ ହୋଇଥିଲା। ଟେଷ୍ଟ କ୍ରିକେଟରେ ଅନୀଲ କୁମ୍ବଲେ ୬୨୧ଟି ୱିକେଟ ନେଇ ପ୍ରଥମ ଓ ଅଶ୍ୱିନ ୫୩୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।


## ବାସନ୍ଦ ହୋଇପାରେ ଏଆଇଏଫ୍ଏଫ୍

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଫିଫା ଓ ଏଏଫ୍‌ସିର ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ବିଧାନ ପରିବର୍ତ୍ତନ ନ କଲେ ଏହାକୁ ବାସନ୍ଦ କରାଯିବ ବୋଲି ଧମକ ଦିଆଯାଇଛି। ଅକ୍ଟୋବର ୩୦ ତାରିଖ ସୁଦ୍ଧା ପରିବର୍ତ୍ତିତ ସମ୍ବିଧାନ ଭାରତର ସୁପ୍ରିମକୋର୍ଟ ଏବଂ ଏଆଇଏଫଏଫ୍ ଜେନରୋଲ ବଡ଼ି ଦ୍ୱାରା ସ୍ୱୀକୃତି ପାଇବା ଆବଶ୍ୟକ। ଏହା ନ ହେଲେ ଏଆଇଏଫ୍ଏଫ୍‌କୁ ବାସନ୍ଦ କରାଯାଇପାରେ ବୋଲି ଫିଫା ଓ ଏଏଫ୍‌ସି ପକ୍ଷରୁ ମିଳିତ ଭାବେ ଧମକ ଦିଆଯାଇଛି।

## ଭାରତର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଜବରଦସ୍ତ ଟେଷ୍ଟ ସିରିଜ୍ ଖେଳିବା ପରେ ଭାରତୀୟ କ୍ରୀଡ଼ା ଜଗତରେ କିଛିଦିନ ବିଶେଷ କାର୍ଯ୍ୟକ୍ରମ ନ ଥିଲା। ଏବେ ଚଳିତମାସ ଶେଷରୁ ପୁଣିଥରେ ଭାରତର କ୍ରୀଡ଼ା କାର୍ଯ୍ୟକ୍ରମ ବ୍ୟସ୍ତବହୁଳ ହୋଇଯିବ। ଅଗଷ୍ଟ ୨୮ ବା ଆସନ୍ତାକାଲିଠାରୁ ବେଙ୍ଗାଲୁରୁରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହା ପରଦିନ ଅର୍ଥାତ୍ ଅଗଷ୍ଟ ୨୯ରୁ ବିହାରର ରାଜଗିର୍‌ରେ ପୁରୁଷ ଏସିଆ କପ୍ ହକି ଖେଳାଯିବ। ମହିଳା ଏସିଆ କପ୍ ହକି ସେପ୍ଟେମ୍ବର ୫ରୁ ଚୀନ୍‌ର ହାଙ୍ଗଝୋଉଠାରେ ଖେଳାଯିବ। ସେହିପରି କ୍ରିକେଟରେ ମଧ୍ୟ ଏସିଆ କପ୍‌ରୁ ଭାରତୀୟ ପୁରୁଷ ଦଳର କାର୍ଯ୍ୟକ୍ରମ ଆରମ୍ଭ ହେବ। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଏସିଆ କପ୍ କ୍ରିକେଟ ଖେଳାଯିବ। ମହିଳା କ୍ରିକେଟ ଦଳ ପ୍ରଥମେ ଅଷ୍ଟ୍ରେଲିଆ ସହ ଘରୋଇ ମାଟିରେ ସେପ୍ଟେମ୍ବର ୧୪, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହା ପରେ ସେପ୍ଟେମ୍ବର ୩୦ରୁ ଭାରତରେ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବ। ଏହା ମଧ୍ୟରେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏଣୁ ସେପ୍ଟେମ୍ବର ମାସ ଭାରତୀୟ କ୍ରିକେଟ ଓ ହକି ଲାଗି ବ୍ୟସ୍ତ ରହିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS